ପୋଲିସ୍ କମିଶନର୍‌ଙ୍କ ଆଗରେ ଚିଠି ଦେଇ ତାଙ୍କର ମତାମତ ପାଇଁ ନିବେଦନ କଲେ ମିଃ କୁମାର । ଚିଠିଟା ପଢ଼ି ଥରି ଉଠିଲେ କମିଶନର ସାହେବ—ତେବେ କ'ଣ ସେ ଖୁନ୍ କରିବ ?

ତା' ଚିଠି ତ ପ୍ରମାଣ କରୁଛି ସେମିତି ?

ବ୍ଲଡ୍ ଆକ୍‌ଟର କ'ଣ ନିଜେ ଆସିବ ?

—ନିଶ୍ଚୟ, ଏଥିରେ ସନ୍ଦେହର ଅବକାଶ ଅଛି ? ନାମ ସାର୍ଥକ କରିବାର ସୁଯୋଗକୁ ଛାଡ଼ି ଦେବ ର ମୂର୍ଖତା ଶୀ ଜନ ଉପରେ—ତା'ହାରା ସମ୍ଭବ ନୁହେଁ ।

—ଆପଣମାନେ ସାବଧାନ ରହନ୍ତୁ—ଟେବୁଲ ଉପରେ ଜୋରରେ ବିଧା ମାରି କହିଉଠିଲେ କମିଶନର ସାହେବ—ଆଜି ବମ୍ବେ ନଗରୀର ସମସ୍ତ ଫୋର୍ସ ଆଣି ଏକଯୁଟ କରିବି, ସେଠାରେ ଦେଖାଯିବ ତା'ର ଶକ୍ତି ବେଶି କି ମୋର ବେଶି । ଯଦି ଆଜି ପୋଷାକୁକୁର ଭଳି ହାତ ନ ଦେଖାଇଛି—

—ଏତେ ସାଧାରଣ ମନେ କରନ୍ତୁ ନି ମିଃ ପାଲ—ସେ ଦଳବଳ ନେଇ ଆସି ଏଠାରେ ଖୁନ୍ କରିବ—ଏ ବିଶ୍ୱାସ ମୋର ନାହିଁ ।

— ଏ ବିଶ୍ୱାସ ଯଦି ଆପଣଙ୍କର ନ ଥାଏ ମିଃ କୁମାର — ତେବେ ସେ ହତ୍ୟା କରିବା ବିଶ୍ୱାସ ଆପଣଙ୍କର ପାଗଳାମି ।

ଆପଣଙ୍କ ଏ କଥା ମୁଁ ସମର୍ଥନ କରେ ନା—କାରଣ ଠିକ୍ ଆପଣଙ୍କ ମସ୍ତିଷ୍କ ଭଳି ତ ମୋ ମସ୍ତିଷ୍କ କାମ କରୁଛି—ଟିକଏ ରୁକ୍ଷଗଳାରେ କହିଲେ ମିଃ କୁମାର ।

—ମନ୍ତ୍ର ବଳରେ ତ ନିଶ୍ଚୟ ହତ୍ୟା କରିବ ନି !

—ନା, ତା'ର ଅଲୌକିକ କୌଶଳରେ—ତଥାପି ପୋଲିସ୍ ଦ୍ୱାରା କୋଠା ଚାରିପଟ ଆବଦ୍ଧ କରିବାକୁ ହେବ । ଆପଣ ତାକୁ ଯେତେ ସାଧାରଣ ମନେକରନ୍ତୁ, ସେ ସେତେ ନୁହେଁ । କେମିତି ଭାବରେ ତା'ର ଆବିର୍ଭାବ କେଉଁଠି ହେବ—ଏ କଥା ମୋଟେଇ କଳ୍ପନା କରି ହେବନି । ତାକୁ ଆରେଷ୍ଟ୍ କରିବାର ସ୍ୱପ୍ନ ସଫଳ ହେବ—ବଳରେ ନୁହେଁ କୌଶଳରେ !

—ଏତେ ଫୋର୍ସଙ୍କ ଆଖିରେ ଧୂଳି ପକାଇ ସେ କ'ଣ ଉଡ଼ି ପଳାଇଯିବ ?

—ଉଡ଼ି ପଳାଇବାଠାରୁ ହୁଏତ ଆହୁରି କିଛି ଆଶ୍ଚର୍ଯ୍ୟ ଜନକ କାମ କରିପାରେ । ସେଦିନ ହୋଟେଲରୁ ତା' ଦଳର ଲୋକ କପଟୀ ଇନ୍‌ସ୍‌ପେକ୍ଟର ସାଜି ସମସ୍ତଙ୍କ ଆଖିରେ ଧୂଳି ଦେଇ ତାକୁ ଖସାଇ ଦେଲେ !

—ତେବେ ଆପଣଙ୍କ ମତରେ କ'ଣ କରିବା ଉଚିତ୍—ଟିକଏ ନରମ ହୋଇଉଠିଲେ ମିଃ ପାଲ୍ ।

—ମୋ ମତ ବର୍ତ୍ତମାନ ଟଳମଳ ଅବସ୍ଥାରେ । ତେବେ ଫୋର୍ସ ନିଯୁକ୍ତ କରିବା ଆମର ଏକାନ୍ତ ଉଚିତ୍ ।

—ଯେ କୌଣସି ଅବସ୍ଥାରେ ଆପଣ ଆଜି ତାକୁ ଗ୍ରେପ୍ତାର କରିପାରିବେ ତ ?

—ପାରିବି; କିନ୍ତୁ ସେ ସୁଯୋଗ ଆଜି କି ପରେ ତା' କହି-ପାରୁନି ।

—ତା' ହେଲେ ଆପଣଙ୍କର ବୋଧେ ଏ ବିଶ୍ୱାସ ନାହିଁ ଯେ, ତାକୁ ଆଜ ଆପଣ ଗ୍ରେପ୍ତାର କରିପାରିବେ ।

—ଭୋକିଲା ବାଘକୁ ଶିକାର ନ ଦେଖାଇ ତାକୁ ବନ୍ଦୀ କରିବାର ଦୁରାକାଂକ୍ଷା ମୋର ନାହିଁ । ତା'ହେଲେ ବରଂ ସେ କ୍ଷୁଧାର୍ତ୍ତ ହୋଇ ଶିକାରୀକୁ ଜଖମ କରିବ ।

—ତେବେ ଆପଣଙ୍କ ପ୍ଲାନ୍‌ଟା ଶୁଣେ ।

—ନିର୍ଦ୍ଦିଷ୍ଟ ପ୍ଲାନ୍ ମୋର ସେମିତି କିଛି ନାହିଁ—ତେବେ ଯା' କରାଯିବ—ତା' ଘଣ୍ଟାଚାରିକରେ ପଡ଼ । କେବଳ ଶତାଧିକ ସଶସ୍ତ୍ର ସିପାହୀ କୋଠା ଘେରାଉ କରି ରହିବେ—ତା'ର ବୁଦ୍ଧି ପରୀକ୍ଷା ପାଇଁ । ତା' ବୁଦ୍ଧିର ଦୌଡ଼ ଅଧ୍ୟୟନ କରିବା ଆଜ ମୋର ଏକାନ୍ତ ଇଚ୍ଛା । ତେବେ ଯଦି ହାତ ଲାଗିଯାଏ, ତେବେ ସେଟା ଆମର ସୌଭାଗ୍ୟ; କିନ୍ତୁ ମୋର ନିର୍ଦ୍ଦେଶରେ ଯେମିତି ପ୍ରତ୍ୟେକ କାମ ଚାଲେ—ଏଇଟା ଆପଣଙ୍କଠାରୁ ଆଶା କରୁଛି ।

—ସେ କ୍ଷମତା ବ୍ଲୁଉ୍ ଆକ୍‌ଟରର ଆଦେଶ ବ ମାଧ୍ୟ ଆପଣଙ୍କୁ ଦିଆଯାଇଛି । ଯେତେବେଳେ ଯାହା ଉଚିତ୍ ମନେ କରିବେ—ତା' କରିବେ ।

ଆଉ କେତେକ ଆଲୋଚନା କରି ମିଃ କୁମାର ତାଙ୍କର ଦଳବଳ ନେଇ ବିଦାୟ ନେଲେ କମିଶନର ସାହେବଙ୍କଠାରୁ । ଥାନାରେ ପହଞ୍ଚି ଶେଠ୍ ରାମଲାଲ୍‌ଙ୍କୁ ଫୋନ୍ କରିଦେଲେ—ଆମେ ଦଶଟା ସୁଦ୍ଧା ପ୍ରସ୍ତୁତ ହୋଇ ଆପଣଙ୍କ ନିକଟରେ ପହଞ୍ଚିବୁ ।

*　　*　　*　　*

ମିଃ କୁମାର, କିଶୋର ଓ ଗଗନବାବୁ ଚାଲିଯିବା ପରେ ଶେଠ୍‌ଜୀ ଭୟରେ ଥରିବାକୁ ଲାଗିଲେ । ଧନୀମାନଙ୍କର ଜୀବନ-ଭୟ ସମସ୍ତଙ୍କ ଅପେକ୍ଷା ବେଶି । ସେମାନେ ବେଶି ଘାବ୍ରୁ

ପ୍ରକୃତିର । ତାଙ୍କର ମନେ ହେଉଥାଏ ଯେ, ଏହି ନାମଜାଦା ଶିକାଗୋ ତିନିଜଣଙ୍କର ଅଟୋମେଟିକ୍ ରିଭଲ୍‌ଭର୍ ତାଙ୍କୁ ହନୁମାନ ଭଳି ଲାଞ୍ଜ ଧୋଡ଼ାଇ ରଖନ୍ତା କି !

ଶେଠ୍‌ଜୀ ନୌକରମାନଙ୍କ ଉପରେ କଡ଼ା ହୁକୁମ ଜାରି କଲେ ଯେ, ବାହାରର କୌଣସି ଲୋକ ଯେମିତି ଆଜି ମୋତେ ଦେଖା ନ କରନ୍ତି । ପୋଲିସ୍ ଆସିଲେ ମୋତେ ଖବର ଦେବ । ପୋଲିସ୍‌ଙ୍କ ଆଗମନରେ ନୌକରମାନେ ଆଶ୍ଚର୍ଯ୍ୟ ହେଉଥିଲେ ବି ଆଦେଶ ପାଳନ କରିବାରେ ମୋଟେ ହେଳା କଲେନି ।

ଉପର ମହଲକୁ ଯାଇ ଶେଠ୍‌ଜୀ ଦରଜା ଓ ଝରକାଗୁଡ଼ାକ ଭଲ ଭାବରେ ବନ୍ଦ କରିଦେଲେ । ପିସ୍ତଲ ବାହାର କରି ଭଲ ଭାବରେ ଦେଖିନେଇ ପକେଟରେ ରଖିଲେ । ତଥାପି ତାଙ୍କୁ ଜଣା-ପଡ଼ୁଥାଏ ଯେ, ସତେ ଯେମିତି ଅପରିଚିତ ଶତ୍ରୁର ଉଦ୍ୟତ ରିଭଲ୍‌ଭର୍ ତାଙ୍କର ଆଡ଼କୁ ମୁହାଁଇ ରହିଛି । ଶତ୍ରୁର ନିର୍ମମ ଅଟ୍ଟହାସ୍ୟ ଯେମିତି ପ୍ରତ୍ୟେକ ମୁହୂର୍ତ୍ତରେ ତାଙ୍କର ପଞ୍ଜରା ଥରା ଦେଉଛି । ପିସ୍ତଲଟାକୁ ପୁଣି ଥରେ ଦେଖି ମଥାରେ ଲଗାଇ ନିଜକୁ ଶାନ୍ତ ରଖିବାର ବିଫଳ ପ୍ରୟାସ କରୁଥାନ୍ତି ।

—ଧ୍ୟା' କ'ଣ କେବେ ସମ୍ଭବ ! କେବଳ ମୋତେ ଭୟ ଦେଖାଇବା ପାଇଁ ଏ ଗୋଟେ ବାଜେ ଧମକ । ଆଜି ଯଦି ଶତ୍ରୁ ଆସେ ତେବେ ମୋର ଏ ବିରାଟ ଶକ୍ତିକୁ ଦେଖି ହତାଶ ହୋଇ ଫେରିଯିବ । ଶହ ଶହ ରାଇଫଲ୍ ମୋର ଦ୍ୱାରପଟେ ଘେରି ରହିଥିବ ସତ୍ତ୍ୱେ ସ୍ୱୟଂ ଯମ ବି ଫେରିଯିବ···ଶତ୍ରୁ ତ ସାଧାରଣ ଜଣେ ମଣିଷ ।

ପୁଣି ପର ମୁହୂର୍ତ୍ତରେ ଖିଆଲ ଆସି ଯାଉଛି···ଏ ଗୋ ସାଧାରଣ ଲୋକର ଡାକରା ନୁହେଁ । ଅଦ୍ଭୁତ କ୍ଷମତାଶାଳ

ବ୍ଲଡ୍ ଆଲ୍କ ରର ଡାକରା···ଯାହାର କ୍ଷମତା ଆଜି ସାରା ବମ୍ବେ ନଗରୀକୁ ସନ୍ତ୍ରସ୍ତ କରାଇ ରଖିଛି ।

ପୁଣି ନିଜକୁ ସାନ୍ତ୍ୱନା ଦିଅନ୍ତି—ଯଦିତ ଶତ୍ରୁ ଏ ବିରାଟ ଶକ୍ତିଶାଳୀ ଫୌଜକୁ ଅବହେଳା କରି ମୋ ନିକଟରେ ଆସି ପହଞ୍ଚେ ତେବେ ମୋର ଏଇ ଅଗ୍ନି ଉଦ୍‌ଗାରୀ ପିସ୍ତଲ ତା'ର ଦମ୍ଭକୁ ଭାଙ୍ଗି ଧୂଳିରେ ମିଶାଇ ଦେବ । କାଲି ସକାଳୁ ପ୍ରତ୍ୟେକ ପେପର୍ ମୋର ପ୍ରଶଂସାରେ ହୁଏତ ଶତମୁଖୀ ହୋଇଉଠିବ ।

ଏମିତି ଅନେକ କଳ୍ପନାଜଳ୍ପନା ଭିତରେ ଦେଇ ଘଣ୍ଟାର କଣ୍ଟା ଟିକ୍ ଟିକ୍ ହୋଇ ଚାଲିଥାଏ । ବେଳେବେଳେ ଶେଠ୍‌ଜୀ ଉତ୍‌କ୍ଷିପ୍ତ ହୋଇଉଠୁଥାନ୍ତି—ଘଣ୍ଟାରେ ବାର ନ ବାଜନ୍ତା କି ? ତା' ହେଲେ ହୁଏତ ମୋର ଦୁଃସମୟ କଟିଯାନ୍ତା ।

କେତେକ ସମୟ ପରେ ମିଃ କୁମାରଙ୍କ ଡାକରେ ଦରଜା ଖୋଲିଲେ । ମିଃ କୁମାର ଶୟନକକ୍ଷ ଭଲ ଭାବରେ ଥରେ ପରୀକ୍ଷା କରି ନେଇ ଦରଜା ଝରକା ଦେଖି ବାହାରକୁ ଆସିଲେ । ଶେଠ୍‌ଜୀଙ୍କ ଶୟନକକ୍ଷକୁ ଲାଗି ଗୋଟିଏ ରୁମ୍‌ରେ ମିଃ କୁମାର, କିଶୋର ଓ ଗଗନବାବୁ ଭାବୀ ବିପଦର ଅପେକ୍ଷାରେ ରହିଲେ ।

ଶେଠ୍‌ଜୀ କୋଠାର ଚାରିପଟେ ଓ ଭିତରେ ଫୌଜମାନଙ୍କର ବିରାଟ ସମାବେଶ ଦେଖି ଅନେକ ଆଶ୍ୱସ୍ତି ବୋଧ କଲେ । ମିଃ କୁମାରଙ୍କ ଆଦେଶ ଅନୁଯାୟୀ ଦରଜା ଓ ଝରକା ଭଲ ଭାବେ ବନ୍ଦ କରି ପିସ୍ତଲଟା ହାତରେ ଧରି ଗଦି ପଲଙ୍କ ଉପରେ ଯାଇଁ ବସିଲେ ।

ଗଦି ବିଛଣା ଶେଠ୍‌ଜୀଙ୍କ ପକ୍ଷରେ ସେଦିନ ଆନନ୍ଦପ୍ରଦ ନୁହେଁ

*　　*　　*　　*

ନିସ୍ତବ୍ଧ ରାତି—

ନିତିଦିନିଆ ଅଭ୍ୟାସ ଅନୁଯାୟୀ ଘଡ଼ିର କଣ୍ଟା ଚାଲିଛି ଠିକ୍ ପୂର୍ବ ପରି । ବାରଟା ବାଜିବାକୁ ଆଉ ଦୁଇମିନିଟ ବାକି । ଘଡ଼ିକୁ ଅନାଇ ଶେଠ୍‌ଜୀ ଚମକି ପଡ଼ିଲେ । ପିସ୍ତଲଟାକୁ ଦୃଢ଼ମୁଷ୍ଟିରେ ଧରି ଚାରିଆଡ଼େ ସନ୍ତ୍ରସ୍ତ ଆଖି ଦୁଇଟି ଘୂରାଇବାକୁ ଲାଗିଲେ । ପିସ୍ତଲ ବି ଅସ୍ଥିର ହୋଇଉଠିଲାଣି—ଯେମିତି ସେ ଶତ୍ରୁର ଆବିର୍ଭାବ ମାତ୍ରକେ ଗର୍ଜି ଉଠିବ—ଗୁଡ଼ୁମ୍—ଗୁଡ଼ୁମ୍ । ମିଃ କୁମାର ଆସି ପହଞ୍ଚିବା ବେଳକୁ ବ୍ଲଡ୍ ଆକ୍ଟର ଧରାଶାୟୀ ହୋଇଥିବ ।

ବାରଟା ଆଡ଼କୁ କଣ୍ଟା ଯେତେ ପାଖେଇ ଯାଉଛି—ଶେଠ୍‌ଜୀ ସେତେ ଚଞ୍ଚଳ ହୋଇଉଠୁଛନ୍ତି । କେତେବେଳେ ସେ ସୁଯୋଗ ଆସିବ—ପ୍ରଥମ ପିସ୍ତଲ ଆବାଜରେ ସମତାଳ ଦେଇ କୋଠାର ଚାରିପଟ ଗର୍ଜି ଉଠିବ ରାଇଫଲ୍ ଗୁଡ଼ାକ । ଏପଟେ ପୋଲିସ୍‌ର ଦଳ ମଧ୍ୟ ଅସ୍ଥିର ।

ଏମିତି ସମୟରେ ଶେଠ୍‌ଜୀଙ୍କ ଭାବନାରେ ବାଧାଦେଇ ଦରଜାରେ କରାଘାତର ଶବ୍ଦ ହେଲା । ମୁଁ ମିଃ ପାଲ୍—ଦରଜା ଖୋଲନ୍ତୁ—ଶେଠ୍‌ଜୀ । ଏପଟେ କୁମାର, କିଶୋର ଓ ଗଗନବାବୁ ମଧ୍ୟ ବାହାରିଆସି ପୋଲିସ୍ କମିଶନର ମିଃ ପାଲ୍‌ଙ୍କୁ ଅଭିବାଦନ ଜଣାଇଲେ ।

ଏ ଆବାଜ ଶୁଣି ମନରେ କେତେକ ସାହସ ସଞ୍ଚୟ କରି ଶେଠ୍‌ଜୀ ଦରଜା ଖୋଲିଲେ—ପିସ୍ତଲ ମଧ୍ୟ ହାତରେ ଥାଏ ।

ଶେଠ୍‌ଜୀଙ୍କୁ ଲକ୍ଷ୍ୟ କରି ମିଃ ପାଲ କହିଲେ—ଏମାନଙ୍କ ଉପରେ ଏତେ ବଡ଼ ଗୁରୁଦାୟିତ୍ୱ ଲଦିଦେଇ ନିଶ୍ଚିନ୍ତ ହୋଇ ରହି

ପାରିଲେନ । ତେଣୁ ଗୁଳିଆସିଲା । ଦେଖିବାକୁ ପାଉଛୁ ଯେ, ଏମାନଙ୍କର ପୂର୍ଣ୍ଣ ଦାୟିତ୍ୱଜ୍ଞାନ ଅଛି । ବିଶେଷ କରି ମିଃ କୁମାର ପ୍ରଶଂସା ପାଇବା ଯୋଗ୍ୟ । ନିଜେ ପୋଲିସ୍‌ର କର୍ମକର୍ତ୍ତା ହୋଇ ମଧ୍ୟ ମୋତେ ଆସିବାପାଇଁ ଅନେକ ଅସୁବିଧା ହୋଇଛି । ଏବେ ନିଶ୍ଚିନ୍ତ ହେଲି ।

—ସେ ଆପଣଙ୍କର ଅସୀମ ଦୟା ।

—ହଁ ଗୋଟିଏ କଥା—ଆପଣ ତ ଆଜି ନିସ୍ତୁପ ବଞ୍ଚିଯିବେ ଇଭିସ୍ପ ହାତରୁ ଆମ ଯୋଗୁ । କିନ୍ତୁ ସେ ଯେ ପରମୁହୂର୍ତ୍ତରେ ତା'ର କାମ ହାସଲ ନ କରିବ—ଏ କଥା କିଏ କହିପାରିବ । ସେ ଯେମିତି ଦୁର୍ଦ୍ଧାନ୍ତ ପ୍ରକୃତିର ଲୋକ—ତା' ଗୁହ୍ୱଦା ଦେଇଦେଲେ କ'ଣ ଭଲ ହୁଅନ୍ତାନି ?

ଟେଠ୍ଙ୍ଗା ସେତେବେଳକୁ ନିଜକୁ ଅନେକ ସୁବ୍ୟବସ୍ଥିତ ବୋଲି ମନେ କଲେଣି । ତେଣୁ ଖୁବ୍ ଜୋର୍ ଦେଇ କହିଲେ—ଅସମ୍ଭବ ମିଃ ପାଲ୍ ଆପଣ ଆଇନ୍‌ରକ୍ଷକ ହିସାବରେ କଥା କୁହନ୍ତୁ—

—ମୋ ମତରେ ଟଙ୍କା ଦେଇଦେବା ଭଲ—ମିଃ କୁମାରଙ୍କ କଣ୍ଠସ୍ୱର ଶୁଣାଗଲା ।

—ଏମିତି ଗୋଟାଏ ଶୈତାନର ଧମକରେ କେହି ଏତେ ଧନର ମମତା ତ୍ୟାଗ କରି ନ ପାରେ । ତା'ର ଏ ଉଦ୍ଧତ ସ୍ୱଭାବର ଜବାବ ମୁଁ ଆଜି ମୋର ଏଇ ପିସ୍ତଲ୍‌ରେ ଦେବି । ଶତ ବ୍ଲଡ୍ ଆକ୍ଟର ବି ଆଜି ମୋର କେଶାଗ୍ର ସୁଦ୍ଧା ଛୁଇଁ ପାରିବେନି—ଯଦି ଆପଣମାନଙ୍କର ସାହାଯ୍ୟ ଓ ସହାନୁଭୂତି ମୋ ପକ୍ଷରେ ଥାଏ ।

—ଆପଣଙ୍କର ସାହସ ଅଛି ଶେଠ୍ଙ୍ଗା—ଆଜି ଯଦି ବ୍ଲଡ୍ ଆକ୍ଟର ଅଧିକ ଔଦ୍ଧତ୍ୟ ପ୍ରକାଶ କରେ—ତେବେ ସେ ନିସ୍ତୁପ ମୁକ୍ତ ଭାବରେ ଫେରିଯାଇ ପାରିବେନି ।

ହଠାତ୍ କୁମାରବାବୁ ଘଡ଼ିକୁ ଅନାଇଦେଇ ଚମକି ପଡ଼ିଲେ ଚିତ୍କାର କରିଉଠିଲେ—ସାବଧାନ ହୋଇଯା'ନ୍ତୁ—ପୂନର୍ବାର ବର୍ତ୍ତମାନ—

ଅନେକ ଡେରି ହୋଇଯାଇଛି ମିଃ କୁମାର—ପଛପଟୁ ଧୀର ସଞ୍ଜାତ ଗଳାରୁ ଭାସି ଆସିଲା—ଦୟାକର ଅସ୍ତ୍ରଗୁଡ଼ିକ ତଳେ ଥୋଇ ଦିଅନ୍ତୁ—ଟିକିଏ ହଲ୍‌ଚଲ୍‌ର ପରିମାଣ ଯେ କ'ଣ ହୋଇପାରେ—ତା' ଆପଣଙ୍କ ଭଳି ସୁଚତୁର ବ୍ୟକ୍ତିମାନଙ୍କୁ ବୁଝାଇବାକୁ ପଡ଼ିବନି ବୋଧେ ।

ସୁରଜଣ ଅଭିଜ୍ଞ କର୍ମନିପୁଣ ବ୍ୟକ୍ତି ଓ ଶେଠ୍ ସମସ୍ତେ ନୀରବ; ସମସ୍ତଙ୍କ ହାତରେ ରିଭଲ୍‌ଭର୍ ପ୍ରସ୍ତୁତ ଥିଲେ ମଧ୍ୟ ଦରକାରରେ ମୋଟେ ଆସିଲାନି । ମିଃ କୁମାର ପରିସ୍ଥିତି ବୁଝିପାରି ରିଭଲ୍‌ଭର୍ ଗୁଡ଼ାକ ତଳେ ପକାଇ ଦେବାକୁ ନିର୍ଦ୍ଦେଶ ଦେଲେ । ଅନ୍ୟ କୌଣସି ପଥ ନ ଦେଖି ସମସ୍ତେ ରିଭଲ୍‌ଭର୍ ତଳେ ପକାଇ ଦେଇ ଉଦ୍ଧତ ବ୍ଲାକ୍ ଆଉଟ୍‌ରର ଖୋଲା ରିଭଲ୍‌ଭର୍ ଆଡ଼କୁ ଘୃଣାପାତ୍ର ଚାହିଁଦେଲେ ।

ସାମ୍‌ନାରେ ଜଣେ ଯୁବକ ଓ ଜଣେ ଯୁବତୀ । ଆଉ ବୁଝିବାକୁ ବାକି ରହିଲାନି ଯେ, ଆଗନ୍ତୁକ ଦି'ଜଣ କିଏ ? ତାଙ୍କର ବନ୍ଧୁ ପ୍ରଭର ହସକୁ ଦେଖିବା ଛଡ଼ା ଅନ୍ୟ କୌଣସି ରାସ୍ତା ନ ଥିଲା ।

—ଆପଣମାନଙ୍କ ସୁନିପୁଣ କର୍ମକୁଶଳୀ ହାତଗୁଡ଼ାକ ବେକାର ହୋଇଗଲା ବୋଧେ । ପରିହାସ ଛଳରେ ଏତିକି କହି ବ୍ଲାକ୍ ଆଉଟ୍‌ର ଶେଠ୍‌ଙ୍କ ଆଡ଼କୁ ଆଗେଇଗଲା । ମିସ୍ ଚପଳାଙ୍କ ହାତରେ ଦୁଇଟା ରିଭଲ୍‌ଭର୍ ସେମିତି ଚକ୍ ଚକ୍ କରୁଥାଏ ।

ଚମକି ପଡ଼ିଲେ—ଏତେବଡ଼ ନାମଜାଦା ପୋଲିସ୍ ଅଫିସର-ମାନଙ୍କୁ ବୋକା ବନେଇ ସମସ୍ତ ସତର୍କ ଆୟୋଜନକୁ ପଦାଘାତ

କରି ଯଦି ଶେଠ୍‌ଜୀଙ୍କୁ ହତ୍ୟା କରାଯାଏ—ତେବେ ଏ ଦୁନିଆରେ ଆଜି କ'ଣ ଅସମ୍ଭବ ରହିବ । ସବୁ ବୁଝି ପାରୁଥିଲେ ବି ପ୍ରତିବାଦ କରିବାକୁ ସାହସ ନ ଥିଲା ।

ଶେଠ୍‌ଜୀ—ଆପଣଙ୍କର ବିରାଟ ଆୟୋଜନକୁ ଫାଙ୍କିଦେଇ ବ୍ଲଡ୍ ଆକ୍‌ଟର ଯେ ଟଙ୍କା କିମ୍ବା ଜୀବନ ନେବାକୁ ଆସିଛି ଏଥି ପାଇଁ ଆପଣ ନିଶ୍ଚୟ ଦୁଃଖିତ ହେଉଥିବେ । ମୋର ସମୟ ଖୁବ୍ ମୂଲ୍ୟବାନ୍, ତେଣୁ ଶୀଘ୍ର ଜବାବ ଦିଅନ୍ତୁ—କ'ଣ ଦେବାକୁ ପ୍ରସ୍ତୁତ ରହିଛନ୍ତି ଟଙ୍କା ନା ଜୀବନ—ଖୁବ୍ ସଂଯତ ଗଳାରେ କହିଲା ବ୍ଲଡ୍ ଆକ୍‌ଟର ।

—ମୋ ଜୀବନ ତୁଳନାରେ ଟଙ୍କା ସେମିତି ମୂଲ୍ୟବାନ୍ ନୁହେଁ; ତଥାପି ନିରୁପାୟ—ନଗଦ କ୍ୟାସ୍ ମୋ ପାଖରେ ବର୍ତ୍ତମାନ ନାହିଁ ।

—ତେବେ ଅନ୍ୟ ଉପାୟଟା ସହଜ ଓ ସେଥିପାଇଁ ଆପଣ ପ୍ରସ୍ତୁତ ଥିବେ ବୋଧେ । ଯେଉଁ ଦରିଦ୍ରମାନଙ୍କର ରକ୍ତରେ ଆପଣଙ୍କ ବ୍ୟାଙ୍କ୍ ବାଲାନ୍‌ସ ଦିନକୁ ଦିନ ସ୍ଫୀତ ହୋଇଉଠିଛି—ସେଇମାନଙ୍କୁ ରୁଟି ଯୋଗାଇବା ପାଇଁ ମୋର ଏ ଅଭିଯାନ । ଆପଣ ଯଦି ମୋର ସେ ଲକ୍ଷ୍ୟ ପୂରଣ ନ କରନ୍ତି—ତେବେ ମୁଁ ପ୍ରକାରାନ୍ତରେ ଆନନ୍ଦିତ ହେବି —ମୋର ନାମ ସାର୍ଥକ କରିପାରିଛି ବୋଲି । ବର୍ତ୍ତମାନ ଶେଷଥର ପାଇଁ ନିଜ ଆଡ଼େ ଦୃଷ୍ଟି ପକାନ୍ତୁ ।

—ମୋତେ ଆଉ ଦିନଟା ସୁବିଧା ଦେଲେ—

—ସେ ହିତୋପଦେଶ ଶୁଣିବାପାଇଁ ମୁଁ ଆସିନି । ଆସିଛି ମୋର କର୍ତ୍ତବ୍ୟ ଓ କଥା ନେଇ—କହି ବ୍ଲଡ୍ ଆକ୍‌ଟର ପକେଟ୍‌ରୁ ଗୋଟେ ସିରିଞ୍ଜ ବାହାର କଲା ।

ତା' ପରେ ସବୁ ନୀରବ । ହଠାତ୍ କୋଠାଟା ଗାଢ଼ ଅନ୍ଧକାରରେ ଥରି ଉଠିଲା । ପ୍ରହରୀମାନେ ବିପଦ ଆଶଙ୍କାରେ

ପ୍ରସ୍ତୁତ ହୋଇଗଲେ ଯୁଦ୍ଧ ପାଇଁ । ଅନେକ ଚିତ୍କାର ପରେ ପୁଣି ଯେତେବେଳେ କୋଠାଟା କୋଳାହଳରେ ପୂରି ଉଠିଲା— ସେତେବେଳେ ବି କୋଠାଟା ଯେମିତି ଭୟରେ ଥରୁଥାଏ ।

ବ୍ଲୁଡ୍ ଆକ୍ଟର ଓ ଚପଳା ଯେମିତି ଝଞ୍ଜା ପରି ଆସିଥିଲେ— ସେମିତି ଝଞ୍ଜା ସଙ୍ଗରେ ମିଳାଇ ଯାଇଛନ୍ତି —ତାଙ୍କ ସଙ୍ଗରେ ବି ଶେଠ୍‌ଜୀଙ୍କର ଶେଷ ନିଃଶ୍ୱାସ ଟିକକ ମିଳାଇ ଯାଇଛି ।

* * * *

ପୋଲିସ୍ କମିଶନ୍‌ରଙ୍କ ବଙ୍ଗଳାରେ ମିଃ କୁମାର, କିଶୋର —ଇନ୍‌ସ୍‌ପେକ୍ଟର ଗଗନବାବୁ, ଏସ୍. ପି. ମିଃ ସୋମ ସମସ୍ତେ ବସି ପୋଲିସ୍ କମିଶନ୍‌ରଙ୍କ ସଙ୍ଗରେ ଗତକାଲି ରାତିର ଦୁର୍ଘଟଣା ବିଷୟରେ ଆଲୋଚନା କରୁଛନ୍ତି । ସମସ୍ତଙ୍କ ମୁହଁରେ ଏକ ବିଷାଦର ଛାପ । ଜୀବନରେ ବି ଦିନେ ଏମିତି ଠୋକର ଆସିପାରେ —ଯା' ମୋଟେ କଳ୍ପନା କରି ନ ଥିଲେ ଏମାନେ । ଆଜିକାର ପେପର୍‌ରେ ସେ ବିଷୟ ବେଶ୍ ଆଲୋଚନା କରାଯାଇଛି ଓ ସଙ୍ଗେ ସଙ୍ଗେ ପୋଲିସ୍ ମହଲକୁ କଡ଼ା ସମାଲୋଚନା କରାଯାଇଛି ।

କିଏ କେତେ ରକମ ଟୀକା ଟିପ୍ପଣୀ ଦେବାରେ ଲଗିଛନ୍ତି । କିନ୍ତୁ ମିଃ କୁମାର ଯେମିତି ଏମାନଙ୍କଠାରୁ ନୀରବ ହୋଇ ଗୋଟେ ଅଲଗା ଦୁନିଆରେ ବୁଲୁଛନ୍ତି । ଅର୍ଦ୍ଧଜ୍ୱଳନ୍ତ କ୍ୟାପ୍‌ଷ୍ଟେନ ଖଣ୍ଡିକର କୁଣ୍ଡଳାକୃତ ଧୂଆଁ ସଙ୍ଗରେ ସମତାଳ ଦେଇ ତାଙ୍କର ଭାବନାର ଧାରା ବିକ୍ଷିପ୍ତଭାବରେ ଚାରିଆଡ଼େ ଖେଳି ବୁଲୁଛି । ବେଳେବେଳେ ଏମାନଙ୍କ ଆଡ଼େ ଥରେ ଆଖି ବୁଲାଇ ନେଇ ପୁଣି ନିଜ ଭାବନାରେ ଡୁବି ଯାଉଛନ୍ତି ।

ମିଃ କୁମାରଙ୍କ ଏମିତି ନୀରବତାକୁ ସହ୍ୟ କରି ନ ପାରି ମିଃ ପାଲ୍ କହିଲେ—ବ୍ଲୁଡ୍ ଆକ୍ଟର ଏତାଦୃଶ ନୃଶଂସ କାର୍ଯ୍ୟ ପାଇଁ

ଆପଣମାନେ ନିଶ୍ଚୟ ଦାୟୀ । ଆପଣମାନେ ଯେ କେବଳ ନିରର୍ଥକ ପିସ୍ତଲ୍ ଗୁଡ଼ାକ ଧରି କଷ୍ଟ ପାଉଛନ୍ତି—ଯା' ମୁଁ ଆଜି ଭଲ ଭାବରେ ଜାଣିଲି । ମୁଁ ଯଦି ଆପଣମାନଙ୍କ ଉପରେ ନିର୍ଭର ନ କରି ପିସ୍ତଲ୍ ହାତରେ ଧରିଥାନ୍ତି—ତେବେ ତାକୁ ନିଶ୍ଚୟ ଉପଯୁକ୍ତ ଶିକ୍ଷା ଦେଇଥାନ୍ତି ।

ଏଥର ମିଃ କୁମାରଙ୍କ ପକ୍ଷରେ ଏକଥା ଗୁଡ଼ାକ ନିହାତି ଅସହ୍ୟ ହୋଇଉଠିଲା । ପୋଲିସ୍ କମିଶନର୍‌ଙ୍କ ଝିଅଟି ଯେ ବ୍ଲାକ୍ ଆକ୍ଟରକୁ ତା' କାମରେ କେତେ ସାହାଯ୍ୟ କରିଛି—ଏକଥା ନିଜେ ଅସ୍ୱୀକାର କରି ଅନ୍ୟମାନଙ୍କୁ ଅଭିଯୁକ୍ତ କରିବା କୌଣସି-ମତେ ଶୋଭନୀୟ ନୁହେଁ । ତେଣୁ କିଛି କହିବା ପାଇଁ ମିଃ କୁମାର ବାଧ୍ୟ ହେଲେ ।

—କ୍ଷମା କରିବେ ମିଃ ପାଲ୍, ଆପଣ ନିଜ ଝିଅକୁ ଦେଖାଇବା ପାଇଁ ଆସି ବ୍ଲାକ୍ ଆକ୍ଟରକୁ ପ୍ରକାରାନ୍ତରେ ଯାହା ସାହାଯ୍ୟ କରିଛନ୍ତି—ତା' ନିଶ୍ଚୟ ଆପଣ ଭଲ ଭାବେ ଜାଣନ୍ତି । ଆପଣ ଖୋଲାଖୋଲି ଭାବେ ଅପମାନିତ କରି କହିପାରନ୍ତି ଆପଣଙ୍କ ତଳ ଅଫିସରମାନଙ୍କୁ; କିନ୍ତୁ ମୋତେ ନୁହେଁ । ତେଣୁ ମୁଁ ସଫା ଖୋଲି କହୁଛି ଯେ, ବ୍ଲାକ୍ ଆକ୍ଟର ଆଗରେ ଆମେ ଯେଉଁ ପରାସ୍ତ ହୋଇଛୁ ସେ କେବଳ ଆପଣଙ୍କ ଯୋଗୁଁ ।

ନିଜ କାଣ୍ଡ ନିଜ ଉପରକୁ ଫେରିବା ଦେଖି ମିଃ ପାଲ୍ କଥାର ସୁଅ ବଦଳାଇ ଦେଲେ—ଯା' ହେବାର ଥିଲା ତା' ହୋଇଯାଇଛି । ଆମ ଚେଷ୍ଟାରେ ତ କୌଣସି ତ୍ରୁଟି ନାହିଁ । ତେବେ ପେପର୍‌ମାନଙ୍କର କାଣ୍ଡ ଦେଖିଲୁ ତ ?

—ସେମାନଙ୍କର ତ କୌଣସି ଭୁଲ ଏ ପର୍ଯ୍ୟନ୍ତ ମୁଁ ଦେଖିନି ।

—ସେମାନେ ଆମକୁ ଯେଉଁ ସମାଲୋଚନା କରୁଛନ୍ତି— ସେଇଟା କ'ଣ ନିହାତି ଅବାନ୍ତର ନୁହେଁ ? ଆମ ବଦଳରେ ସମ୍ପାଦକମାନେ ଯଦି ଥରେ ଅଧେ ନୃଶଂସ ବ୍ଲଡ଼ ଆକ୍ଟର ସାମ୍ନାରୁ ଫେରି ଆସିଥାନ୍ତେ—ତେବେ ସିନା ତାଙ୍କର ସମାଲୋଚନା ସାର୍ଥକ ହୁଅନ୍ତା । ଆମକୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ସେ ଶୈତାନଟାକୁ ପ୍ରଶଂସା କରି କେବଳ ଟଙ୍କା ରୋଜଗାର କରିବା ଛଡ଼ା ତାଙ୍କର କ'ଣ ଅନ୍ୟ କିଛି ସତ୍ ଉଦ୍ଦେଶ୍ୟ ଅଛି ବୋଲି ଆପଣ ମନେ କରୁଛନ୍ତି ?

—କିନ୍ତୁ ସେମାନେ ଯେ ସମାଲୋଚନା ହିସାବରେ ଆମର ଉତ୍ସାହଦାତା—ଏ ଯା' ଆପଣ ଭୁଲି ଯାଉଛନ୍ତି କେମିତି ?

—ଏମିତି ସମାଲୋଚନାରେ ଆମେ ଯେ କେତେ ଅପମାନିତ ହେଉଛେ ।

—ଦୁନିଆରେ ବଞ୍ଚି ରହିବାକୁ ହେଲେ ସମ୍ମାନ ସଙ୍ଗରେ ଅପମାନ ଭୋଗିବାକୁ ନିଶ୍ଚୟ ପଡ଼ିବ ।

ଆପଣ ଏ ସମାଲୋଚନାରୁ କ'ଣ ଯେ ଆନନ୍ଦ ପାଉଛନ୍ତି, ତା' ମୁଁ ମୋଟେ ବୁଝିପାରୁନ ।

—ସେ ସମାଲୋଚନାର ସଫଳତା ଆପଣ ଦେଖିବାକୁ ପାଇବେ—ଯେଉଁଦିନ ଜଣେ ବ୍ଲଡ଼୍ ଆକ୍ଟର ଆସାମୀ ହିସାବରେ କାଠଗଡ଼ା ଭିତରେ ଠିଆ ହୋଇଥିବ ।

—ଏ ମହତ୍ତକାର ସ୍ୱପ୍ନ ଆପଣ ତ ଅନେକ ଦିନ ଧରି ଦେଖୁଛନ୍ତି ।

ନ ଦେଖିଥିଲେ ମୁଁ ହୁଏତ ବମ୍ବେରେ ନ ଥାନ୍ତି ।

—ତେବେ ବର୍ତ୍ତମାନ କର୍ମପନ୍ଥା ?

—ମୋର କର୍ମପନ୍ଥା ବିଷୟରେ ମୁଁ କେବେ ଆଗରୁ ମିମାଂସା କରେନ । ପରିସ୍ଥିତି ଯାହା ରାସ୍ତା ଦେଖାଇବ—ସେହି ନହେଉଛି ମୋର ନିର୍ଦ୍ଦିଷ୍ଟ କର୍ମପନ୍ଥା । ତଥାପି ତାକୁ ଫାଶୀ କାଠରେ ନ ଝୁଲାଇବା ପର୍ଯ୍ୟନ୍ତ ମୁଁ ନିଶ୍ଚିନ୍ତ ହୋଇ ବସି ପାରିବିନ । ମୋର ଆଶା—ଆପଣମାନେ ବି ଦରକାର ମୁତାବକ ମୋତେ ସମସ୍ତ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି ।

—ନିଶ୍ଚୟ ନିଶ୍ଚୟ— ଏଥିରେ ପୁଣି ସନ୍ଦେହ ଅଛି ? ଆମେ ଅନେକ କିଛି ଆପଣଙ୍କଠାରୁ ଆଶା ବି କରୁ ।

ଏହି ସମୟରେ ଗାର୍ଡ଼ ଆଣି ଖଣ୍ଡିଏ ଚିଠି ଦେଇଗଲା । ମିଃ କୁମାରଙ୍କ ନାମରେ ଚିଠିଟା ଥାଏ ।

'ସୁପ୍ରଭାତ ମିଃ କୁମାର !'

ଏ କାଗଜଟାରେ ଗତକାଲିର ଅଭିଯାନର ପୂର୍ଣ୍ଣ ବିବରଣୀ ରହିଛି— ତେଣୁ ଶେଷ ପର୍ଯ୍ୟନ୍ତ ପଢ଼ିବାକୁ ନ ଭୁଲନ୍ତୁ ଯେମିତି ।

ମୋତେ ବାଧା ଦେବାପାଇଁ ଆପଣ କାଲି ଯେଉଁ ବିରାଟ ଆୟୋଜନ କରିଥିଲେ—ସେଥିପାଇଁ ଅସଂଖ୍ୟ ଧନ୍ୟବାଦ । ତା' ସଙ୍ଗେ ଦୁଃଖିତ ହେଉଛି ଯେ, ଆପଣଙ୍କର ଏ ଆୟୋଜନ ମୋତେ କର୍ତ୍ତବ୍ୟରେ କୌଣସି ବାଧା ଉପସ୍ଥିତ କରିପାରିଲାନ ।

ମିଃ ପାଲ୍ ଶେଠ୍ଙ୍କ ଘର ଆଡ଼କୁ କାର୍ ଛୁଟାଇବା ଦେଖି ଆମେ ବି ତାଙ୍କୁ ଅନୁସରଣ କଲୁ କାର୍‌ରେ । ଭିତରକୁ ପ୍ରବେଶ କରିବାର କୌଣସି ସୁଯୋଗ ନ ପାଇ ନିଶ୍ଚିତ ପ୍ରହରୀଟାକୁ ହତ୍ୟା କରିବାକୁ ବାଧ୍ୟ ହେଇଥିଲି ଓ ତା'ର ପୋଷାକରେ ନିଜକୁ ପ୍ରହରୀ ସଜାଇ ମିସ୍ ଚପଳାଙ୍କୁ ଆପଣଙ୍କ ସମ୍ବାଦଦାତା ହିସାବରେ ଅନ୍ୟ-ମାନଙ୍କୁ ପ୍ରତାରିତ କରି ନିର୍ବିଘ୍ନରେ ଉପରକୁ ଗଲୁ । ମିଃ ପାଲ୍‌ଙ୍କ ଆଗମନରେ ଦରଜା ଖୋଲି ଦେବା ମୋତେ ଆଦ୍ଦର ସୁଯୋଗ

ଦେଲି । ତା’ ପର ଘଟଣା ଆପଣ ଜାଣନ୍ତି । କାମ ଖତମ୍ କରି ଜଣେ ପ୍ରହରୀକୁ ହତ୍ୟା କରିବାକୁ ପଡ଼ିଲା ଫେରିବା ପଥରେ—କାରଣ ସେ ମୋତେ ବାଧା ଦେବାକୁ ଚେଷ୍ଟା କରିଥିଲା । ବାସ୍ତବିକ୍ ମିଃ ପାଲ୍‌ଙ୍କ ଆଗମନ ମୋତେ ମୋ କାମରେ ଅନେକ ସାହାଯ୍ୟ କରିଛି ।

ଜଣାଇବାର କଥା—ଶେଠ୍‌ଜୀଙ୍କର ଏକମାତ୍ର କନ୍ୟା ଓ ଭାବୀ ଉତ୍ତରାଧିକାରିଣୀ ମିସ ମାଧୁରୀ ବର୍ତ୍ତମାନ କଲିକତାରେ ବି. ଏସ୍‌ସି. ପଢ଼ୁଛନ୍ତି । ଶେଠ୍‌ଜୀଙ୍କର କୌଣସି ଦୂରସମ୍ପର୍କୀୟ ଯୁବକ ମିଃ ବିଜୟ ତାଙ୍କୁ ପାଇବାର ସ୍ୱପ୍ନ ଅନେକ ଦିନ ଧରି ଦେଖୁଛନ୍ତି । ତାଙ୍କୁ ଏ ଦିଗରେ ଆପଣ ସାହାଯ୍ୟ କରିବେ ବୋଲି ମୋର ଆଶା ।

ପରିଶେଷରେ, ଆପଣଙ୍କୁ ଚେତାବନୀ ଦିଆଯାଉଛି ଯେ, ମୋତେ ଧରି ସୁନାମ ଅର୍ଜନ କରିବାର ଆକାଶ କୁସୁମ ଯଦି ଆପଣ ତୋଳୁଥାନ୍ତି—ତେବେ ନିଜ ଜୀବନକୁ ପାଣି ଛଡ଼ାଇ ଦେଇ ଆଗେଇ ଆସନ୍ତୁ । ଆପଣଙ୍କର ନୈତିକ ସାହସ ବାସ୍ତବିକ୍ ପ୍ରଶଂସାର ଯୋଗ୍ୟ । ଅନ୍ୟମାନଙ୍କୁ ମୋର ଶୁଭେଚ୍ଛା ବିଷୟରେ ସତର୍କ କରାଇ ଦେବେ ।”

‘ବ୍ଲାକ୍ ଆଙ୍ଗର’

ଚିଠିଟା ପଢ଼ି ମିଃ କୁମାର ସେତେ ବିଚଳିତ ହେଲେନି—କାରଣ ସେ ଆଗରୁ ଏମିତି ଆଶା କରୁଥିଲେ । କେବଳ ନୂଆ ଖବର ଶେଠ୍‌ଜୀଙ୍କର କନ୍ୟା ମିସ୍ ମାଧୁରୀ ଓ ମିଃ ବିଜୟଙ୍କ ସନ୍ଧାନ । ଚିଠିଟା ଅନ୍ୟମାନେ ମଧ୍ୟ ନେଇ ପଢ଼ିଲେ ।

—ଆପଣ ଏ’ର ପ୍ରତ୍ୟୁତ୍ତରରେ କ’ଣ କରିବାକୁ ଚାହାନ୍ତି ମିଃ କୁମାର - - ମିଃ ପାଲ୍ ପ୍ରଶ୍ନ କଲେ ।

—ମୋର କର୍ମପନ୍ଥା ବିଷୟରେ ମୁଁ କେବେ ଆଗରୁ ମିମାଂସା କରେନି । ପରିସ୍ଥିତି ଯାହା ରାସ୍ତା ଦେଖାଇବ—ସେହି ହେଉଛି ମୋର ନିର୍ଦ୍ଦିଷ୍ଟ କର୍ମପନ୍ଥା । ତଥାପି ତାକୁ ଫାଶୀ କାଠରେ ନ ଝୁଲାଇବା ପର୍ଯ୍ୟନ୍ତ ମୁଁ ନିଶ୍ଚିନ୍ତ ହୋଇ ବସି ପାରିବିନି । ମୋର ଆଶା—ଆପଣମାନେ ବି ଦରକାର ମୁତାବକ ମୋତେ ସମସ୍ତ ସାହାଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି ।

—ନିଶ୍ଚୟ ନିଶ୍ଚୟ— ଏଥିରେ ପୁଣି ସନ୍ଦେହ ଅଛି ? ଆମେ ଅନେକ କିଛି ଆପଣଙ୍କଠାରୁ ଆଶା ବି କରୁ ।

ଏହି ସମୟରେ ଗାର୍ଡ଼ ଆଣି ଖଣ୍ଡିଏ ଚିଠି ଦେଇଗଲା । ମିଃ କୁମାରଙ୍କ ନାମରେ ଚିଠିଟା ଥାଏ ।

'ସୁପ୍ରଭାତ ମିଃ କୁମାର !'

ଏ କାଗଜଟାରେ ଗତକାଲିର ଅଭିଯାନର ପୂର୍ଣ୍ଣ ବିବରଣୀ ରହିଛି— ତେଣୁ ଶେଷ ପର୍ଯ୍ୟନ୍ତ ପଢ଼ିବାକୁ ନ ଭୁଲନ୍ତୁ ଯେମିତି ।

ମୋତେ ବାଧା ଦେବାପାଇଁ ଆପଣ କାଲି ଯେଉଁ ବିରାଟ ଆୟୋଜନ କରିଥିଲେ—ସେଥିପାଇଁ ଅସଂଖ୍ୟ ଧନ୍ୟବାଦ । ତା' ସଙ୍ଗେ ଦୁଃଖିତ ହେଉଛି ଯେ, ଆପଣଙ୍କର ଏ ଆୟୋଜନ ମୋତେ କର୍ତ୍ତବ୍ୟରେ କୌଣସି ବାଧା ଉପସ୍ଥିତ କରିପାରିଲାନି ।

ମିଃ ପାଲ୍ ଶେଠ୍ଜୀଙ୍କ ଘର ଆଡ଼କୁ କାର୍ ଛୁଟାଇବା ଦେଖି ଆମେ ବି ତାଙ୍କୁ ଅନୁସରଣ କଲୁ କାର୍‌ରେ । ଭିତରକୁ ପ୍ରବେଶ କରିବାର କୌଣସି ସୁଯୋଗ ନ ପାଇ ନିରାହ ପ୍ରହରୀଟାକୁ ହତ୍ୟା କରିବାକୁ ବାଧ୍ୟ ହୋଇଥିଲି ଓ ତା'ରି ପୋଷାକରେ ନିଜକୁ ପ୍ରହରୀ ସଜାଇ ମିସ୍ ଚପଳାଙ୍କୁ ଆପଣଙ୍କ ସମ୍ବାଦବାହକ ହିସାବରେ ଅନ୍ୟ-ମାନଙ୍କୁ ପ୍ରତାରିତ କରି ନିର୍ବିଘ୍ନରେ ଉପରକୁ ଗଲୁ । ମିଃ ପାଲ୍‌ଙ୍କ ଆଗମନରେ ଦରଜା ଖୋଲି ଦେବା ମୋତେ ଆହୁରି ସୁଯୋଗ

ହେଲ । ତା' ପର ଘଟଣା ଆପଣ ଜାଣନ୍ତି । କାମ ଖତମ୍ କରି ଜଣେ ପ୍ରହରୀକୁ ହତ୍ୟା କରିବାକୁ ପଡ଼ିଲ ଫେରିବା ପଥରେ—କାରଣ ସେ ମୋତେ ବାଧା ଦେବାକୁ ଚେଷ୍ଟା କରିଥିଲ । ବାସ୍ତବିକ୍ ମିଃ ପାଲ୍‌ଙ୍କ ଆଗମନ ମୋତେ ମୋ କାମରେ ଅନେକ ସାହାଯ୍ୟ କରିଛି ।

ଜଣାଇବାର କଥା—ଶେଠ୍‌ଜୀଙ୍କର ଏକମାତ୍ର କନ୍ୟା ଓ ଭାବୀ ଉତ୍ତରାଧିକାରିଣୀ ମିସ ମାଧୁରୀ ବର୍ତ୍ତମାନ କଲିକତାରେ ବି. ଏସ୍‌ସି. ପଢ଼ୁଛନ୍ତି । ଶେଠ୍‌ଜୀଙ୍କର କୌଣସି ଦୂରସମ୍ପର୍କୀୟ ଯୁବକ ମିଃ ବିଜୟ ତାଙ୍କୁ ପାଇବାର ସ୍ୱପ୍ନ ଅନେକ ଦିନ ଧରି ଦେଖୁଛନ୍ତି । ତାଙ୍କୁ ଏ ଦିଗରେ ଆପଣ ସାହାଯ୍ୟ କରିବେ ବୋଲି ମୋର ଆଶା ।

ପରିଶେଷରେ, ଆପଣଙ୍କୁ ଚେତାବନୀ ଦିଆଯାଉଛି ଯେ, ମୋତେ ଧରି ସୁନାମ ଅର୍ଜନ କରିବାର ଆକାଶ କୁସୁମ ଯଦି ଆପଣ ତୋଳୁଥାନ୍ତି—ତେବେ ନିଜ ଜୀବନକୁ ପାଣି ଛଡ଼ାଇ ଦେଇ ଆଗେଇ ଆସନ୍ତୁ । ଆପଣଙ୍କର ନୈତିକ ସାହସ ବାସ୍ତବିକ୍ ପ୍ରଶଂସାର ଯୋଗ୍ୟ । ଅନ୍ୟମାନଙ୍କୁ ମୋର ଶୁଭେଚ୍ଛା ବିଷୟରେ ସତର୍କ କରାଇ ଦେବେ ।"

'ବ୍ଲଡ୍ ଆଙ୍କର'

ଚିଠିଟା ପଢ଼ି ମିଃ କୁମାର ସେତେ ବିଚଳିତ ହେଲେନି—କାରଣ ସେ ଆଗରୁ ଏମିତି ଆଶା କରୁଥିଲେ । କେବଳ ନୂଆ ଖବର ଶେଠ୍‌ଜୀଙ୍କର କନ୍ୟା ମିସ୍ ମାଧୁରୀ ଓ ମିଃ ବିଜୟଙ୍କ ସନ୍ଧାନ । ଚିଠିଟା ଅନ୍ୟମାନେ ମଧ୍ୟ ନେଇ ପଢ଼ିଲେ ।

—ଆପଣ ଏ'ର ପ୍ରତ୍ୟୁତ୍ତରରେ କ'ଣ କରିବାକୁ ଚାହାନ୍ତି ମିଃ କୁମାର --ମିଃ ପାଲ୍ ପ୍ରଶ୍ନ କଲେ ।

—ଯାହା ଦରକାର ଓ ଉଚିତ୍ ମନେ କରିବ—ତା' ମୁଁ ନିଶ୍ଚୟ କରିବ । ମୁଁ ଯାହା କରେ—ସେଠା ଯେ ଆପଣଙ୍କ ପକ୍ଷରେ କ୍ଷତିକାରକ ହେବନି—ମୁଁ ତା' ଜବାବ ଦେଉଛି । ଦରକାର ମୁତାବକ ମୋତେ ଡକାଇ ପାରିବେ । ତେବେ ବର୍ତ୍ତମାନ ମୁଁ ଉଠିଲି । କହି ମିଃ କୁମାର ହାତ ବଢ଼ାଇଲେ ।

ଚେୟାର୍ ଛାଡ଼ି ଉଠିବା ସମୟରେ ଜଣେ ଆଗନ୍ତୁକ ହସ ହସ ମୁହଁରେ ଭିତରକୁ ଢୁକିଲେ ଓ ନମସ୍କାର ଜଣାଇ ଖଣ୍ଡେ ଚେୟାର୍ ଦଖଲ କଲେ । ସମସ୍ତେ ବେଶ୍ ତୀକ୍ଷ୍ଣ ଦୃଷ୍ଟିରେ ଆଗନ୍ତୁକଙ୍କୁ ଅନାଇଥାନ୍ତି ।

—କ୍ଷମା କରିବେ—ଶେଠ୍‌ଜୀଙ୍କ ହତ୍ୟା ସମ୍ବନ୍ଧରେ ମୁଁ ଆସିଛି । ଥାନାରୁ ଖବର ପାଇ ଏଠାକୁ ଚାଲିଆସିଲି । ମୁଁ ଆପଣମାନଙ୍କ ହାତରେ ଏ ତଦନ୍ତର ଭାର ଅର୍ପଣ କରିବାପାଇଁ ଆସିଛି । ମୋର ନାମ ବିଜୟ—ଓ ମୁଁ ଶେଠ୍‌ଜୀଙ୍କର ନିକଟ ସମ୍ପର୍କୀୟ—କହି ଆଗନ୍ତୁକ ଚକିତ ଦୃଷ୍ଟିରେ ସମସ୍ତଙ୍କୁ ଚାହିଁବାକୁ ଲାଗିଲେ ।

ଯୁବକ ଜଣକ ଯେ ଶେଠ୍‌ଜୀଙ୍କର ଭଣୀ ଜାମାତା ମିଃ ବିଜୟ—ଏଥିରେ ଆଉ ସନ୍ଦେହ ରହିଲାନି ।

—ଆପଣଙ୍କ ଆସିବା ପୂର୍ବରୁ ଆମେ ହତ୍ୟାକାରୀକୁ ବାହାର କରିବାର ଦାୟିତ୍ୱ ନେଇ ସାରିଛୁ । ଶେଠ୍‌ଜୀ ସ୍ୱୟଂ ଆମକୁ ନିଯୁକ୍ତ କରି ଯାଇଛନ୍ତି । ମିଃ ପାଲ୍ ଖୁବ୍ ଗମ୍ଭୀର ଭାବରେ କହିଲେ ।

—ଅଶେଷ ଧନ୍ୟବାଦ—ତଥାପି ମୁଁ ମୋର କର୍ତ୍ତବ୍ୟର କଷାଘାତରେ ପଡ଼ି ଆପଣମାନଙ୍କୁ ବିରକ୍ତ କରିବାକୁ ଆସିଲି । ଯାହାଙ୍କ ଅନ୍ନରେ ପ୍ରତିପାଳିତ ହୋଇ ଦୁନିଆ ଆଗରେ ଜଣେ

ମଣିଷ ଭଳି ଠିଆ ହୋଇଛି—ତାଙ୍କ ପ୍ରତି କ'ଣ ମୋର କିଛି କର୍ତ୍ତବ୍ୟ ନାହିଁ ?

—କର୍ତ୍ତବ୍ୟ ତ ଅନେକ ଅଛି । ତେବେ ଆପଣ କେତେ ଦୂର ସେ କାମ ତୁଲାଇ ପାରିବେ—ତା' ଜାଣେ ନା । ଆଚ୍ଛା, ଆପଣ କ'ଣ ଶେଠ୍‌ଜୀଙ୍କର ହବୁ ଜାମାତା ?

—ତା' ବର୍ତ୍ତମାନ ମୁଁ ଠିକ୍ କହିପାରୁନି । ତେବେ ଶେଠ୍‌ଜୀ ଥିଲେ ମୁଁ ନିଃସନ୍ଦେହ ଥାନ୍ତି ।

—ମାନେ—

—କେବେ ହେଲେ ଶେଠ୍‌ଜୀଙ୍କ କନ୍ୟା ମିସ୍ ମାଧୁରୀଙ୍କ ସଙ୍ଗରେ ପରିଚୟ ହେବାର ମୋତେ ସୁଯୋଗ ମିଳିନି । ଶେଠ୍‌ଜୀଙ୍କ କଥା ଆମର ନିର୍ଭରଯୋଗ୍ୟ । ମଝିରେ ମଝିରେ ବଲିତରୁ ମୁଁ ଏଠାକୁ ଆସୁଥିଲେ ମଧ୍ୟ କେବେ ଦେଖା ହୋଇନି ।

—ଦେଖା ନ ହେବାର କାରଣ—ମିଃ କୁମାର ସନ୍ଦେହ କଲେ ।

—ତା' ହୁଏତ ଶେଠ୍‌ଜୀ ବଞ୍ଚିଥିଲେ କହିଥାନ୍ତେ ।

—ତେବେ ବର୍ତ୍ତମାନ ଆପଣ କ'ଣ କରିବାକୁ ଚାହାନ୍ତି ?

ଆପଣ ଏ କେସ୍‌ର ତଦନ୍ତ ଭାର ଗ୍ରହଣ କରିଛନ୍ତି । ଆଜି ଏଠାରେ ମୋର କୌଣସି ଦରକାର ନାହିଁ ତେଣୁ ମୁଁ ଆଜି କଲିକତା ଯାଉଛି ମିସ୍ ମାଧୁରୀ ଦେବୀଙ୍କୁ ଆଣିବାପାଇଁ । ସେ ନ ଆସିବା ପର୍ଯ୍ୟନ୍ତ ଅନ୍ତ୍ୟେଷ୍ଟିକ୍ରିୟା ହୋଇପାରୁନି । ଆଉ ଅପରାଧୀକୁ ବାହାର କରିବା ଦିଗରେ ଆପଣଙ୍କର ଟଙ୍କାର ଆବଶ୍ୟକ ପଡ଼ିପାରେ—ମିଃ କୁମାରଙ୍କୁ ଲକ୍ଷ୍ୟକରି କହିଲେ । ତେଣୁ ଦରକାର ହେଲେ ମୋଠାରୁ ଟଙ୍କା ପାଇ ପାରିବେ । ଆପଣ ଟଙ୍କା ପାଇଁ ଭୟ ନ କରି ପ୍ରକୃତ ଅପରାଧୀକୁ ଧରିବାର ଚେଷ୍ଟା କରନ୍ତୁ । ଯା' ପଛରେ ସମଗ୍ର ଜନତାର ଦାବୀ ଅଛି । ପକେଟ୍‌ରୁ

ଖଣ୍ଡିଏ ଚେକ୍‌ବୁକ୍ ବାହାରକରି ଦଶହଜାର ଟଙ୍କାର ଖଣ୍ଡିଏ ଚେକ୍ ଦାଖଲ କଲେ ।

ଆଉ କେତେକ ସାଧାରଣ କଥାବାର୍ତ୍ତା ପରେ ମିଃ ବିଜୟ ସମସ୍ତଙ୍କୁ ଅଭିବାଦନ କରି ବିଦାୟ ନେଲେ ।

*　　　*　　　*　　　*

କଲିକତାର ଜନବହୁଳ ଅଞ୍ଚଳ ଏସ୍‌ପ୍ଲାନେଡ଼ର ଏକ ଦ୍ୱିତଳ ବିଶିଷ୍ଟ କୋଠାର ଅଧିକାରିଣୀ ମିସ୍ ମାଧୁରୀ । ଏଠାକୁ ପଢ଼ିବା ପାଇଁ ଆସିଲା ଦିନଠାରୁ ଏ କୋଠାଟା ଖରିଦ୍ କରାହୋଇଛି ତାଙ୍କରି ନାମରେ । ବୃଦ୍ଧ ଡ୍ରାଇଭର ଆଦି—ଯାହା ଜଣେ ଆଭିଜାତ୍ୟ ପରିବାରର ଲୋକପକ୍ଷରେ ଲୋଡ଼ା—ତା' ତାଙ୍କର ଅଭାବ ନ ଥିଲା ।

ଆଭିଜାତ୍ୟ ପରିବାର ଅଙ୍ଗରେ ପୃଷ୍ଟ ହୋଇଥିବାରୁ ଲଜ୍ଜା ସଙ୍କୋଚ ତାଙ୍କଠାରୁ ଦୂରେଇ ରହିଥିଲା । ପାଶ୍ଚାତ୍ୟ ଶିକ୍ଷା ଦୀକ୍ଷା ଓ ଚାଲିଚଳନରେ ପ୍ରଭାବିତ ହୋଇ ସେ ଏକବାରେ ଅପ୍-ଟୁ-ଡେଟ୍ ଫେସନ୍‌ରେ ସର୍ବଦା ରହୁଥିଲେ । ନୃତ୍ୟକଳା ଓ ସଙ୍ଗୀତ ବିଦ୍ୟାରେ ମଧ୍ୟ କେତେକ ଦଖଲ ତାଙ୍କର ଥିଲା ।

ପାଶ୍ଚାତ୍ୟ ରୀତି ନୀତିରେ ଏତେ ଅନୁଗତା ହୋଇ ସୁଦ୍ଧା ସେ ତାଙ୍କ ବାପାଙ୍କୁ ଖୁବ୍ ଭକ୍ତି ଓ ଶ୍ରଦ୍ଧା କରୁଥିଲେ । ଆବାଲ୍ୟରୁ ମାତୃ ସ୍ନେହରୁ ବଞ୍ଚିତ ହୋଇ ବାପାଙ୍କ ଦ୍ୱାରା ଭବିଷ୍ୟତ ନିର୍ଦ୍ଧାରିତ ହୋଇଥିଲା । ତାଙ୍କର ଗୋଟିଏ ପ୍ରଧାନ ଗୁଣ ଥିଲା ନିଷ୍କଳଙ୍କ ଚରିତ୍ର । ଆଜିକାର ଯୁବକ ଯୁବତୀମାନଙ୍କର ଉଚ୍ଛ୍ୱାସ ପ୍ରଣୟକୁ ସେ ନିହାତି ଘୃଣାଚକ୍ଷୁରେ ଦେଖୁଥିଲେ । କନ୍ୟା ନିକଟରେ ମା'ର ଗୁଣ ପ୍ରତିଫଳିତ ହୁଏ—ଏହି ଉକ୍ତିଟିକୁ ପ୍ରମାଣ କରିବାକୁ ଯାଉଥିବାରୁ ଆଜିସୁଦ୍ଧା ତାଙ୍କର କୌମାର୍ଯ୍ୟ ଅଟୁଟ ଥିଲା ।

*　　　*　　　*　　　*

ସକାଳ ଆଠଟା—

ପ୍ରକୃତିର ଘନଘଟା ଭିତରେ ବୁଡ଼ିରହି ବି କଲିକତା ନଗରୀ ଦିନକୁ ଦିନ ଆଗେଇ ଚାଲିଛି, ପାଶ୍ଚାତ୍ୟ ଗୁଣକୁ ଅନୁସରଣ କରି, ରାସ୍ତାଘାଟ ଗୁଡ଼ିକ ସର୍ବଦା ଭରପୂର। କେଉଁଠି ମଟର ଭେଁ ଭେଁ ତ କେଉଁଠି ରିକ୍ସାର ଠଂ ଠଂ ଆବାଜ—କେଉଁଠି ଘୋଡ଼ାଗାଡ଼ିର ଠନ୍ ଠନ୍ କେଉଁଠି ମୋଟର ବାଇକ୍‌ର ଫଟ୍‌ଫଟ୍ ଆବାଜ— କେଉଁଠି ଜନତାର କୋଳାହଳ ମୁଖରିତ ରାସ୍ତା ଓ କେଉଁଠି କୋକିଳକଣ୍ଠୀ ତରୁଣୀମାନଙ୍କର ସୁମଧୁର କଣ୍ଠର ଝଙ୍କାର। ତାହ୍ଲବ ନଗରୀ କଲିକତା ଏମିତି ତା'ର ଦୈନନ୍ଦିନ କ୍ରମରେ ଧକ୍କାଖିଆ ଶଗଡ଼ ଚକପରି ଆଗେଇ ଚାଲିଛି।

ଠିକ୍ ସେହି ସମୟରେ ମିସ୍ ମାଧୁରୀ ତାଙ୍କର ଡ୍ରଇଂରୁମ୍‌ରେ ବସି ଟି' କପ୍‌ରେ ଚୁମ୍ବନ ଦେବାରେ ବ୍ୟସ୍ତ। ମନ କି ବେଳକୁ ବେଳ ଚଞ୍ଚଳ ହୋଇଉଠୁଛି ଆଗନ୍ତୁକଙ୍କ ପ୍ରତୀକ୍ଷାରେ। ଗତକାଲିର ଟ୍ରଙ୍କ୍‌ଫୋନ୍‌ଟା ତାଙ୍କୁ ବ୍ୟସ୍ତକରି ପକାଇଛି। ପଢ଼ାପଢ଼ିରେ ମୋଟେ ମନ ଲାଗୁନି।

ବାପାଙ୍କ ନିକଟରୁ ମିଃ ବିଜୟ ନାମକ ବ୍ୟକ୍ତିର ନାମ ଶୁଣିଥିଲେ ବି ତାଙ୍କ ନିକଟରେ ସମ୍ପୂର୍ଣ୍ଣ ଅପରିଚିତ। ହଠାତ୍ ତାଙ୍କର ଆଗମନର ସନ୍ଦେଶ ନିଶ୍ଚୟ ସନ୍ଦେହର କାରଣ; ଅଥଚ ବାପାଙ୍କର କୌଣସି ଖବର ନାହିଁ। ଭାବନାର ଖିଅ ସବୁ ଅଡ଼ୁଆ ହୋଇଯାଉଛି।

ନ'ଟା ଆଡ଼କୁ ଘଡ଼କଣ୍ଟା ଆଗେଇବାରେ ଲାଗିଛି। ବୋଧେ ଆଉ ବେଶି ସମୟ ଆଗନ୍ତୁକଙ୍କ ପାଇଁ ଅପେକ୍ଷା କରିବାକୁ ପଡ଼ିବନି। ଅନ୍ୟମନସ୍କ ଭାବରେ ଟେବୁଲ୍ ଉପରୁ ଖଣ୍ଡେ ମେଗାଜିନ ଉଠାଇ ଆଣିଲେ।

କେତେକ ସମୟ ପରେ କଲିଂବେଲ୍‌ର ଆବାଜ ଆସିଲା । ଚାକର ଯାଇ ଦରଜା ଖୋଲିଦେଇ ଆଗନ୍ତୁକଙ୍କର ପରିଚୟ କାର୍ଡ଼ ଆଣି ମିସ୍ ମାଧୁରୀଙ୍କ ହାତକୁ ଦେଲା ।

—ସୁପ୍ରଭାତ—ମୁଁ ଯଦି ଭୁଲ୍ କରୁ ନ ଥାଏ—ତେବେ ମୁଁ ବୋଧେ ମିସ୍ ମାଧୁରୀଙ୍କୁ ଅଭିବାଦନ କରୁଛି—କହି ଆଗନ୍ତୁକ ଡ୍ରଇଂରୁମ୍ ଭିତରକୁ ଆସିଲେ । ଆଗନ୍ତୁକ ଖୁବ୍ ଭଦ୍ର, ସଂଯତ ଓ ବୁଦ୍ଧିମାନ୍ ନିଶ୍ଚୟ ।

ମିସ୍ ମାଧୁରୀ ପ୍ରତିନମସ୍କାର ଜଣାଇ ତାଙ୍କର ପ୍ରଶ୍ନକୁ ଅନୁମୋଦନ କଲେ । ଖଣ୍ଡିଏ ଚେୟାର୍ ଦେଖାଇ ତା' ପରେ ପରିଚୟ ଆଦାନ ପ୍ରଦାନ କଲେ । ଏହି ଅବସରରେ ଚାକର ଚୋକାଠା ଯାଇ ଗୋଟିଏ ଟ୍ରେ ରେ ଚା' ଓ କିଛି ବିସ୍କୁଟ୍ ଆଣି ରଖି ଦେଇଗଲା ।

—ଅନେକ ଥର ଆପଣଙ୍କ ଫଟୋ ସହିତରେ ପରିଚିତ ହୋଇଥିଲେ ବି ଆପଣଙ୍କର ପ୍ରତ୍ୟକ୍ଷ ଦର୍ଶନ ପାଇ ନ ଥିଲି । ତେଣୁ ଆଜି ମୋର ସୁପ୍ରଭାତ କହିଲେ ବୋଧେ ଅତ୍ୟୁକ୍ତି ହେବନି । ଖୁବ୍ ଭଦ୍ରାମି ରଖି କହିଲେ ମିଃ ବିଜୟ ।

ମିସ୍ ମାଧୁରୀ ଆକାଶ ପାତାଳ ଭାବୁଛନ୍ତି । ପ୍ଲେନ୍‌ରେ ମୋତେ ଦେଖା କରିବାପାଇଁ ଜଣେ ଯେ ବମ୍ବେରୁ କଲିକତା ଆସିବ—ତା'ର ନିଶ୍ଚୟ ସେମିତି ଦରକାର ଥିବ । ତେବେ ସେ ମୋ ନିକଟରେ ଏତେ କ'ଣ ଦରକାର ? ମନରେ କେତେ ରକମର ଆଶଙ୍କା ଉଠୁଥାଏ । ତଥାପି ଧୈର୍ଯ୍ୟର ସହିତ ସେ ସମୟକୁ ଅପେକ୍ଷା କରିବାକୁ ହେବ ।

—ଆଚ୍ଛା—ଆପଣଙ୍କର ପରୀକ୍ଷା ତ ସରିଲାଣି—ତେବେ ବମ୍ବେ ଯାଉନାହାନ୍ତି କାହିଁକି ? ଆଗନ୍ତୁକ ପଚାରିଲେ ।

—ପରୀକ୍ଷା ଫଳ ଓ ବାପାଙ୍କ ଚିଠି ମୋତେ ଆଉ କିଛି ଦିନ ରହିବାପାଇଁ ବାଧ୍ୟ କରୁଛି ।

—କିନ୍ତୁ ଆପଣଙ୍କ ପିତାଙ୍କର ଇଚ୍ଛା ଯେ, ଆପଣ ଆଜି କଲିକତା ଛାଡ଼ି ବମ୍ବେ ମୋ ସଙ୍ଗରେ ଯିବେ । ମୁଁ କେବଳ ଆପଣଙ୍କୁ ନେବାକୁ ଆସିଛି । ମୋ ଟ୍ରଙ୍କଫୋନ୍‌ଟା କାଲି ଆପଣ ଧରିଥିଲେ ।

—କିନ୍ତୁ ଦୁଃଖର କଥା ମୁଁ ଏତେ ଶୀଘ୍ର ଯାଇପାରୁନି ।

—ଆପଣ ଯିବା ନିହାତି ଜରୁରୀ ହୋଇଉଠୁଛି ମିସ୍ ମାଧୁରୀ । ମୁଁ ଆପଣଙ୍କ ନିକଟରେ ପରିଚିତ ନ ଥିଲେ ବି ଆପଣ ମୋ ବିଷୟରେ ଅନେକ କିଛି ଜାଣିଥିବେ । ଆଜି ଆପଣଙ୍କ ଭଳି ଜଣେ ଉଚ୍ଚଶିକ୍ଷିତା ଯେ ନିଜକୁ ଉପଯୁକ୍ତ ବୋଲି ଭାବି କାର୍ଯ୍ୟ କରିବ, ସ୍ୱା’ ବି ମୁଁ ବିଶ୍ୱାସ କରୁନି ।

—ମୁଁ ବି ମଧ୍ୟ ଉପ୍ପ କରିବା ଶିଖିନି ମଣିଷକୁ । ତେବେ ବାବାଲ୍ କଥା ଅଲଗା ।

—ଦେଖନ୍ତୁ ପରିସ୍ଥିତି ଏତେ ଖରାପ ହୋଇଉଠିଛି ଯେ, ଆପଣଙ୍କ ସହିତ ଯୁକ୍ତି କରିବାପାଇଁ ମୋ ଇଚ୍ଛା ହେଉନି ।

ଏହି କଥା ପଦକ ମିସ୍ ମାଧୁରୀଙ୍କ ଉପରେ ଠିକ୍ ଯାଦୁଭଳି ପ୍ରଭାବ ପକାଇଲା । ତାଙ୍କ ମନ ଅଜଣା ଆଶଙ୍କାରେ ଥରି ଉଠିଲା । ଅନେକ ପତ୍ରର ଯେତେବେଳେ ମିଃ ବିଜୟଙ୍କଠାରୁ କୌଣସି ସନ୍ତୋଷଜନକ ଉତ୍ତର ନ ପାଇଲେ—ସେତେବେଳେ କଲିକତା ଛାଡ଼ିବାପାଇଁ ରାଜି ହୋଇଗଲେ । ମିଃ ବିଜୟଙ୍କ ସଙ୍ଗରେ ପରାମର୍ଶ କରି ସେଦିନ ୧୨ ଟା ପ୍ଲେନ୍‌ରେ ବମ୍ବେ ଯିବାପାଇଁ ସ୍ଥିରକଲେ ।

ଠିକ୍ ସମୟରେ ମିଃ ବିଜୟ, ମିସ୍ ମାଧୁରୀ ପ୍ଲେନ୍‌ରେ ଉଠିଲେ । ପ୍ରଖର ସୂର୍ଯ୍ୟର କିରଣଟାକୁ କାଟାଇ ପ୍ଲେନ୍‌ଖଣ୍ଡିକ ଛୁଟି ଚାଲିଥାଏ । ଜଣେ ଆନନ୍ଦ ହେଉଥାଏ ଦୀର୍ଘ ଚାରିବର୍ଷ ପରେ ଜନ୍ମମାଟିକୁ ଫେରିଯାଉଛି ବୋଲି ଓ ଅନ୍ୟ ଜଣେ ଆନନ୍ଦ ହେଉଥାଏ ସର୍ଦ୍ଦାରଙ୍କ ଉଦ୍ଦେଶ୍ୟରେ ନିଖୁଣ ଅଭିନୟ କରିପାରିଛି ବୋଲି ।

ଅସଲ ବିଜୟ ସେତେବେଳେ ବ୍ଲାକ୍ ଆର୍ଟର କବଳରେ ।

* * * *

ମିଃ କୁମାର ଓ କିଶୋର ଡ୍ରଇଂରୁମ୍‌ରେ ବସି କେତେକ ଆଲୋଚନା କରୁଛନ୍ତି ଦସ୍ୟୁ ବିଷୟରେ । ମିଃ ବିଜୟଙ୍କ ଟ୍ରଙ୍କ୍-ଫୋନ୍ ବି ପାଇଛନ୍ତି । ତେଣୁ ମିସ୍ ମାଧୁରୀଙ୍କୁ ଅପେକ୍ଷା ବି କରିଛନ୍ତି । ମିସ୍ ମାଧୁରୀ ଯଦି ବ୍ଲାକ୍ ଆର୍ଟର କବଳରେ ପଡ଼ନ୍ତି—ତେବେ ଉପାୟ !!

ଠିକ୍ ଏଇ ସମୟରେ ଖଣ୍ଡିଏ ଟ୍ୟାକ୍‌ସି ଆସି ଲାଗିଲା ଗେଟ୍ ସାମ୍ନାରେ । ଭିତରୁ ଓହ୍ଲାଇ ଆସିଲେ ମିସ୍ ମାଧୁରୀ ଓ ମିଃ ବିଜୟ । ମିଃ କୁମାର ଓ କିଶୋର ଯାଇ ଅଭିବାଦନ ଜଣାଇଲେ । ତା' ପରେ ଚାରିଜଣ ଯାକ ଆସି ଡ୍ରଇଂରୁମ୍‌ରେ ବସିଲେ ।

—ଆପଣଙ୍କ ଭଳି ଖ୍ୟାତନାମା ବ୍ୟକ୍ତିର ଦର୍ଶନ ପାଇ ଯଥେଷ୍ଟ ଆନନ୍ଦ ହେଲା । କିନ୍ତୁ ମୋତେ ଆକସ୍ମିକ ଭାବରେ କଲିକତାରୁ ନେଇ ଆସି ଦର୍ଶନ ଦେବାର କାରଣ କ'ଣ ଥାଇପାରେ କିଛି ବୁଝିପାରୁନି !

—ସମସ୍ତ ଯଥାସମୟରେ ବୁଝିପାରିବେ ଓ ଘରକୁ ଯାଇ ପାରିବେ । କିନ୍ତୁ ଏ ବେଳଟା ଅନ୍ତତଃ ଏଠାରେ କଟାଇବାକୁ ହେବ ।

—କିନ୍ତୁ ବାପାଙ୍କୁ ଦେଖା କରିବା ମୋର ସର୍ବପ୍ରଥମ କର୍ତ୍ତବ୍ୟ । ମିଃ କୁମାର ଚିନ୍ତାରେ ପଡ଼ିଗଲେ—କ'ଣ ଉତ୍ତର ଦେବେ ? ତଥାପି ନିଜକୁ ସଞ୍ଜତ କରି କହିଲେ—ଦେଖନ୍ତୁ ମିସ୍ ମାଧୁରୀ—ଆମଠାରୁ ଭୟ ପାଇବାର କୌଣସି କାରଣ ନାହିଁ । ତେବେ ପରିସ୍ଥିତି ଏତେ ଜଟିଳ ହୋଇଉଠିଛି ଯେ, ମୋତେ ନିହାତି ଅପ୍ରୀତିକର କାମ କରିବାକୁ ପଡ଼ୁଛି ।

ମିସ୍ ମାଧୁରୀ ଦେଖିଲେ ଅବାଧ ହୋଇ ଏଠାରୁ ପଳାଇଗଲେ ଭଦ୍ରତାର ସୀମା ଲଙ୍ଘନ କରାଯିବ—ତେଣୁ ନୀରବ ରହିଲେ । ତଥାପି ବାପାଙ୍କର ସାକ୍ଷାତ ପାଇଁ ମନଟା ଛଟପଟ ହେଉଥାଏ ।

ତା'ପରେ ସ୍ବ'ଗର୍ବ ଆରମ୍ଭ କରାଗଲା । କେତେକ କଥା-ବାର୍ତ୍ତାର ଭିତର ଦେଇ ମିସ୍ ମାଧୁରୀ କହି ବସିଲେ କଲିକତାରେ ତାଙ୍କର ଘର୍ଷ ଗୁଡ଼ବର୍ଷର ଅନୁଭୂତି । କିନ୍ତୁ ତା' ବଦଳରେ ମିଃ କୁମାରଙ୍କ ମୁହଁରୁ ଶୁଣିବାକୁ ପାଇଲେ ଯେ, ବ୍ଲୁଡ୍ ଆଇର ନାମକ ଏକ ଦୁର୍ଦ୍ଧାନ୍ତ ଡକାୟତର ଆକ୍ରମଣରେ ସାରା ବମ୍ବେ ନଗର ଆଜି ସନ୍ତ୍ରସ୍ତ । ତା'ଠାରୁ ଆହୁରି ଆଶ୍ଚର୍ଯ୍ୟ ହୋଇଉଠିଲେ ଯେ ସେହି ବ୍ଲୁଡ୍ ଆଇର ବିରୁଦ୍ଧରେ ମିଃ କୁମାର ଓ ପୋଲିସ୍ ବାହିନୀ ବିପୁଳ ସଂଗ୍ରାମ ଚଳାଇ ବାରମ୍ବାର ହାସ୍ୟାସ୍ପଦଭାବେ ପରାଜିତ ହେଉଛନ୍ତି ।

—ପ୍ରାୟ ପାଞ୍ଚ ଛ'ଦିନ ଆଗେ ମୁଁ ବି ଖଣ୍ଡେ ଚିଠି ପାଇଥିଲି, ଚିଠି ପ୍ରେରକର ନାମ ମଧ୍ୟ ଥିଲା ବ୍ଲୁଡ୍ ଆଇର । ମିସ୍ ମାଧୁରୀ କହିଲେ ।

ସାମ୍ନାରେ ବିଷଧର ସର୍ପ ଦେଖିଲେ ମଧ୍ୟ ମିଃ କୁମାର ଏତେ ଆଶ୍ଚର୍ଯ୍ୟ ହୋଇ ନ ଥାନ୍ତେ ! ତଥାପି ଖୁବ୍ ଶୀଘ୍ର ନିଜକୁ ସଞ୍ଜତ

କରି କହିଲେ—ବ୍ଲାଡ୍ ଆକ୍ଟରର ଚିଠି ଆପଣ ପାଇଛନ୍ତି ? ଯଦି ଆପଣଙ୍କ ନିକଟରେ ଥାଏ—ତେବେ ମୋର ଦେଖିବା ନିହାତି ଦରକାର ।

—ଚିଠିର ଉତ୍ତର ମଧ୍ୟ ଦେଇଛୁ—କହି ମିସ୍ ମାଧୁସ୍ମି ନିଜ ଟ୍ରଙ୍କରୁ ଗୋଟେ ଫାଇଲ୍ ବାହାର କରି ଖଣ୍ଡେ ଚିଠି ମିଃ କୁମାରଙ୍କ ହାତକୁ ଦେଲେ ।

“ନମସ୍ତେ ମିସ୍ ମାଧୁସ୍ମି !

ଅପରିଚିତ ଭାବି ଚିଠିଟା ନଷ୍ଟ କରିବେନି—କାରଣ ଏ ଚିଠିଟାର ମୂଲ୍ୟ ଅନେକ । ଆପଣଙ୍କର ଭବିଷ୍ୟତ ଘୋର ଅନ୍ଧକାରମୟ ଓ ସେ ଦୁର୍ଦ୍ଦିନ ଖୁବ୍ ଶୀଘ୍ର ପାଖେଇ ଆସୁଛି । ତେଣୁ ମୋର ଚେତାବନୀ ଅନୁଯାୟୀ ସାବଧାନ ଥିବେ ।”

‘ବ୍ଲାଡ୍ ଆକ୍ଟର’

—ଆପଣ କ’ଣ ତା’ର ଉତ୍ତର ଦେଇଛନ୍ତି ।

—ମୁଁ ଯାହା ଚିଠି ଲେଖେ—ତା’ର କପି ମୋ ନିକଟରେ ରଖେ । ଆପଣ ଦେଖିପାରନ୍ତି । କହି ମିସ୍ ମାଧୁସ୍ମି ଗୋଟେ ଲେଟରପେଡ଼ ଆଣି ମିଃ କୁମାରଙ୍କୁ ଦେଲେ । କିଶୋର ଏହି ଅବସରରେ ବ୍ଲାଡ୍ ଆକ୍ଟର ଚିଠି ପଢ଼ିବାରେ ଲାଗିଛନ୍ତି ।

ମିଃ କୁମାର ଫାଇଲ୍ଟାକୁ ଖୋଲି ପଢ଼ିବାରେ ଲାଗିଲେ ।

“ନମସ୍ତେ ମହାଶୟ !

ଆପଣଙ୍କ ଚେତାବନୀ ମୋ ନିକଟରେ ବିଶେଷ ସଫଳ ହୋଇପାରିଲାନି ଜାଣି ଦୁଃଖିତ ହେବେ । ମୋତେ ଚେତାବନୀ ଦେବାକୁ ଯାଇ ଅନେକ ଉଦାରତାର ପରିଚୟ ଦେଇଛନ୍ତି ଏଥିରେ ସନ୍ଦେହ ନାହିଁ । ତେଣୁ ଆପଣଙ୍କୁ ଗୋଟେ ମାମୁଲି ଧନ୍ୟବାଦରୁ ବଞ୍ଚିତ କଲିନି । ମୋ ନିଜ ବିଷୟରେ ମୁଁ ଯଥେଷ୍ଟ ସତର୍କ ଥାଏ—

ତେଣୁ ମୁଁ ଜଣାଇ ଦେଉଛି—ଆପଣ ଏମିତି ଦୁଃସାହସ ଯେମିତି କେବେ ନ କରନ୍ତୁ ।

ମିସ୍ ମାଧୁସ୍ମି ।

—ଆପଣ ବ୍ଲୁଡ୍ ଆଙ୍କରକୁ ଏମିତିଭାବରେ ଜବାବ ଦେଇ ବୋଧେ ମୋ ମତରେ ଭଲ କଲ ନାହାନ୍ତି । ମିଃ କୁମାର କହିଲେ ।

—ମାନେ—

ମାନେ ବ୍ଲୁଡ୍ ଆଙ୍କର ତା'ର କଥାକୁ କାମରେ ପରିଣତ କରି ଜାଣେ—ତେଣୁ ତାକୁ ଉତ୍ତ୍ୟକ୍ତ କରିବା ଆପଣଙ୍କ ପକ୍ଷରେ ଉଚିତ ହୋଇନ ।

—ତା' ବୋଲି ମୁଁ ଯେ ସେଇ ଦସ୍ୟୁର ଧମକରେ ନିଜକୁ ହରାଇ ବସିବି ସାଧାରଣ ନାରୀ ଭଳି—ଯା'ର କିଛି ମାନେ ହୁଏନା ।

—ନିଜକୁ ଏ ପର୍ଯ୍ୟନ୍ତ ହରାଇ ନାହାନ୍ତି; କିଏ କହିପାରିବ ଯେ ନିଜକୁ ଦିନେ ବ୍ଲୁଡ୍ ଆଙ୍କର ହାତରେ ହରାଇ ନ ବସିବେ ?

—ସେ କଥା ଯଦି ଆପଣ ଆଶା କରିଥାନ୍ତି—ତେବେ ଆପଣଙ୍କୁ ହତାଶ ହେବାକୁ ପଡ଼ିବ । ନିଜକୁ ନିରାପଦ ରଖିବାର କ୍ଷମତା ମୋର ଯଥେଷ୍ଟ ଅଛି ମିଃ କୁମାର ।

—ଆପଣଙ୍କର ଦମ୍ଭ ହୁଏତ ବେଶି ଦିନ ରହିବନି—କ୍ଷମା କରିବେ; କାରଣ ଏମିତି ଅବାନ୍ତର କଥା କହି ଆପଣଙ୍କୁ କଷ୍ଟ ଦେଉଛି । ମିଃ କୁମାର ଦୁଃଖିତ ହୋଇ କହିଲେ ।

—ନାରୀର ଶ୍ରେଷ୍ଠ ମର୍ଯ୍ୟାଦା ଟିକକ ଲୁଟି ନେବାକୁ ଦୁନିଆରେ ଅନେକ ରକମର ଉପାୟ ଅଛି । ତଥାପି କ'ଣ ସେଥିରୁ ଉଧୁରିବାର ଉପାୟ ନାହିଁ ?

—ଦର୍ଶନଶାସ୍ତ୍ରର ଲେକ୍ଚର୍ ନାହିଁ ମିସ୍ ମାଧୁରୀ । ଯାତ୍ରାରେ ଅନେକ କଷ୍ଟ ହୋଇଥିବ— ତେଣୁ ଏକ୍ଷଣି ବିଶ୍ରାମ କରିବା ଆପଣଙ୍କ ପକ୍ଷରେ ନିହାତି ଦରକାର । ବେଲ୍ ଦେବା ମାତ୍ରେ ଚାକର ଆସି ଜଣାଇଲା ଯେ, ସମସ୍ତ ପ୍ରସ୍ତୁତ । ମିଃ କୁମାର, ମିସ୍ ମାଧୁରୀ ଓ ମିଃ ବିଜୟଙ୍କୁ ଅନୁରୋଧ କଲେ ଭୋଜନ ପାଇଁ । ଏହି ସମୟରେ ଦରୱାନ୍ ମିସ୍ ମାଧୁରୀଙ୍କ ନାମରେ ଖଣ୍ଡେ ଚିଠି ଆଣି ଦେଇଗଲା । ମିସ୍ ମାଧୁରୀ ଖୋଲି ପକାଇଲେ ।

“କଲେଗି ମିସ୍ ମାଧୁରୀ !

ଆପଣ ବର୍ତ୍ତମାନ ଏକ ବିରାଟ ଦୁଃସମ୍ବାଦ ଶୁଣିବା ପାଇଁ ପ୍ରସ୍ତୁତ ହୋଇ ଯାଆନ୍ତୁ । ବାପାଙ୍କୁ ସାକ୍ଷାତ କରିବାର ଖିଆଲ ଏ ଜୀବନରେ ଛାଡ଼ିଦିଅନ୍ତୁ । ବିଶେଷ ବିବରଣୀ ମିଃ କୁମାରଙ୍କଠାରୁ ଜାଣି ପାରିବେ ।

ବନ୍ଧୁ ଆଙ୍କର ।”

ଚମକି ପଡ଼ିଲେ ମିସ୍ ମାଧୁରୀ—ବାପା କ'ଣ ତେବେ ମୃତ ? ତାଙ୍କର ଗୋଲାପି ମୁହଁ ସଙ୍ଗେ ସଙ୍ଗେ ଫିକାଳିଆ ପଡ଼ିଗଲା—ଧଫ୍ କରି ଚେୟାର୍ ଉପରେ ବସି ପଡ଼ିଲେ ।

—ମିଃ କୁମାର, ବାପାଙ୍କ ମୃତ୍ୟୁ ବିଷୟରେ ମୋତେ ଅନ୍ଧକାରରେ ରଖିବାର ଉଦ୍ଦେଶ୍ୟ—କଣ୍ଠରେ ଦୃଢ଼ତାର ସ୍ୱର ।

ମିଃ କୁମାର କୌଣସି ଉତ୍ତର ନ ଦେଇ ଚିଠିଟା ଆଣି ପଢ଼ିଗଲେ । ଏଥର ଖୋଲାଖୋଲି ଭାବେ ଜଣାଇ ଦେବାଛଡ଼ା ଅନ୍ୟ ଉପାୟ କିଛି ନାହିଁ । ଚେୟାରରେ ବସି ପଡ଼ି ଖଣ୍ଡେ ସିଗାରେଟ୍ ଧରାଇଲେ । ନିଜକୁ ଖୁବ୍ ଶାନ୍ତ ଅଥଚ ସଂଯତ କରି—ଆପଣଙ୍କ ବାପା ଖୁନ୍ ହୋଇଛନ୍ତି ।

ଇଲେକ୍‌ଟ୍ରିକ୍ କରେଣ୍ଟ ଲାଗିଲା ଭଳି ଦୃଢ଼ ହୋଇଉଠିଲେ ମିସ୍ ମାଧୁରୀ । ହଠାତ୍ କ'ଣ କରିବେ ଠିକ୍ କରି ପାରିଲେନି । କାନ୍ଦିବାକୁ ତାଙ୍କର ବିବେକ ବୋଧେ ବାଧା ଦେଉଥାଏ । ବାପାଙ୍କୁ ଖୁନୀ ହାତରେ ପରଲୋକ ପଠାଇ ଘରେ ବସି କାନ୍ଦ ବୋବାଳି ପକାଇବା ଝିଅ ଭିତରେ ମିସ୍ ମାଧୁରୀ ନ ଥିଲେ । ତେଣୁ ଖୁବ୍ ଦୃଢ଼ସ୍ୱରରେ ମିଃ କୁମାରଙ୍କୁ ଖୁନ୍ ବିଷୟରେ ସବିଶେଷ ବିବରଣୀ ଜାଣିବାପାଇଁ ପ୍ରଶ୍ନ କଲେ ।

—ବର୍ତ୍ତମାନ ଆପଣଙ୍କ ପକ୍ଷରେ ବିଶ୍ରାମ ଲୋଡ଼ା । ଯାହା ହୋଇଯାଇଛି—ତା' ଆଉ ଫେରିବନି । ତେଣୁ ଆପଣ ଏତେ ଉତ୍ତ୍ୟକ୍ତ ନ ହୋଇ ଧୀରସ୍ଥିର ଭାବରେ ଆରାମ କରନ୍ତୁ । ପରେ ସମସ୍ତ ଭଲ ଭାବେ ଜାଣି ପାରିବେ ।

—ମୋତେ ବୁଝାଇବାର ଚେଷ୍ଟା କରନ୍ତୁନି ମିଷ୍ଟର ! ମୁଁ ସେ ସ୍ତରରେ ଗଢ଼ା ନୁହେଁ । ମୋର ବାପାଙ୍କ ଖୁନୀକୁ ନିର୍ବିଘ୍ନରେ ଘୂରିବାକୁ ଦେଇ ମୁଁ ଆରାମ କରିବି ଯା' ଅସମ୍ଭବ ? ଆପଣ ଶୀଘ୍ର କୁହନ୍ତୁ ଘଟଣା କ'ଣ । ନଚେତ୍ ମୁଁ ମୋଟେ ଆରାମ କରି ପାରିବିନି ।

—ଏତେ ଉତ୍ତ୍ୟକ୍ତ ହୁଅନ୍ତୁନି ମିସ୍ ମାଧୁରୀ—ମିଃ ବିଜୟ ଆପଣଙ୍କୁ ମୋ ନିର୍ଦ୍ଦେଶରେ କିଛି ଜଣାଇ ନାହାନ୍ତି । କାରଣ ମୋର ଉଦ୍ଦେଶ୍ୟ ଥିଲା, ଧୀରେ ଧୀରେ ଆପଣଙ୍କୁ ଏ ଦୁଃସମ୍ବାଦ ଜଣାଇବି ଯଦ୍ଦ୍ୱାରା କି ଆପଣ ନିଜକୁ ଏତେ ଅସହାୟ ମନେ କରିବେନି । କିନ୍ତୁ ବ୍ଲଡ଼ି ଆଲିର ସେ ସୁଯୋଗ ଦେଲାନି । ଆଉ ଆପଣଙ୍କ ନୈତିକ ସାହସ ଯଥେଷ୍ଟ ଦେଖି ମୋର କହିବାରେ ଆଉ ଆପତ୍ତି ନାହିଁ । ଆଦ୍ୟପ୍ରାନ୍ତ ଘଟଣାଗୁଡ଼ିକ କହିଗଲେ ମିଃ କୁମାର ।

ମିସ୍ ମାଧୁରୀଙ୍କ ମୁଖମଣ୍ଡଳରେ କ୍ଷଣ ପ୍ରତିକ୍ଷଣ ଦୁଃଖ, କ୍ରୋଧ, ଈର୍ଷା—ପ୍ରତିଶୋଧ ପ୍ରକାରାନ୍ତରେ ଫୁଟି ଉଠୁଥାଏ । ତଥାପି ଶାନ୍ତ ଭାବରେ ବାପାଙ୍କ ହତ୍ୟା ଖବର ଶୁଣୁଥାନ୍ତି—ଯାହା କି ଜଣେ ସାଧାରଣ ଚଞ୍ଚଳମନା ଯୁବତୀ ପକ୍ଷରେ ସମ୍ଭବ ନୁହେଁ । କିନ୍ତୁ ମିସ୍ ମାଧୁରୀ ଏ ରକମ ଦୁଃସମ୍ବାଦରେ ବି ଅବିଚଳିତ ଥାଆନ୍ତି ।

—ବର୍ତ୍ତମାନ ଆପଣ ବୋଧେ ସମସ୍ତ କଥାଟା ଶୁଣିନେଲେ । ଏବେ ଆପଣ ଟିକିଏ ଶାନ୍ତ ରହି ବିପଦର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ହୁଅନ୍ତୁ । ମିଃ କୁମାର ମିସ୍ ମାଧୁରୀଙ୍କୁ ଅନୁନୟ କଲେ ।

—ଶାନ୍ତ ରହିବା ମୋ ପକ୍ଷରେ ଅସମ୍ଭବ ମିଃ କୁମାର । ଖୁନୀକୁ ଶାସ୍ତି ନ ଦେବା ପର୍ଯ୍ୟନ୍ତ ମୁଁ କଦାପି ନିଶ୍ଚିନ୍ତ ହୋଇ ନ ପାରେ । ଖୁବ୍ ଜୋର୍‌ରେ ଟେବୁଲ ଉପରେ ଆବେଗରେ ହାତ କଚାଡ଼ିଲେ ମିସ୍ ମାଧୁରୀ ।

—ହତ୍ୟାକାରୀକୁ ଆପଣ ଯେତେ ସାଧାରଣ ମନେ କରନ୍ତୁ —ସେ ସେତେ ସାଧାରଣ ନୁହେଁ । ସେ ଲୁଚି ଛପି କାମ କରେ ନା—ସାବଧାନ ଆଗରୁ କରାଇ ପରେ ତା'ର କାମ ହାସଲ କରେ ।

ଖୁବ୍ ଜୋର୍‌ରେ ଭାବି ଚାଲିଥାନ୍ତି ମିସ୍ ମାଧୁରୀ—ମୋର ପ୍ରତିହିଂସାର ବହ୍ନି କ'ଣ ମୁଁ ଜଳାଇ ପାରିବିନି । ଯେଉଁ ଦୁର୍ଦ୍ଧର୍ଷ କ୍ଷମତାଶାଳୀ କୁଙ୍ଗ୍ ଅଙ୍କଲ ଆଗରେ ବିରାଟ ପୋଲିସ୍ ବାହିନୀର ମଥା ନଇଁ ଯାଉଛି—ତାକୁ କ'ଣ ମୁଁ ଉପଯୁକ୍ତ ପ୍ରତିଫଳ ଦେଇ ପାରିବି ? ତେବେ କ'ଣ ବିଶ୍ୱନିୟନ୍ତାଙ୍କର ଇଚ୍ଛା ଏଇଆ ଯେ ଖୁନୀ ଜଣେ ନିରୀହ ପ୍ରାଣୀକୁ ହତ୍ୟାକରି ମୁକ୍ତ ଭାବରେ ବୁଲି ବୁଲିବ ନା—ନା—ତା' କଦାପି ହୋଇ ନ ପାରେ । ଭଗବାନ ଦୋଷୀକୁ କଦାପି ପ୍ରଶ୍ରୟ ଦେଇ ନ ପାରନ୍ତି । କୁଙ୍ଗ୍ ଅଙ୍କଲ ନିଶ୍ଚୟ ଧ୍ୱଂସ

ହେବ । ସେ ଶୈତାନକୁ ଉପଯୁକ୍ତ ଶିକ୍ଷା ନ ଦେବା ପର୍ଯ୍ୟନ୍ତ ମୁଁ କଦାପି ନିଶ୍ଚିନ୍ତ ହୋଇ ବସି ନ ପାରେ । ୟା' ମୋର ଦୃଢ଼ ସଂକଳ୍ପ ।

—ଏତେ ଉତ୍ତ୍ୟକ୍ତ ହୁଅନ୍ତୁନ ମିସ୍ ମାଧୁରୀ—ତା'ଦ୍ୱାରା ଆମେ କୃତକାର୍ଯ୍ୟ ହୋଇ ପାରିବାନି । ଆମକୁ ଧୀରେ ଧୀରେ ଆଗେଇବାକୁ ପଡ଼ିବ ତା' ବିରୁଦ୍ଧରେ । ସେ ଭୟାନକ ଧୂର୍ତ୍ତ ଓ ନିର୍ମମ—ମଣିଷ ଜୀବନ ନେଇ ଖେଳ ଖେଳିବା ତା'ର ମୂଳ ମନ୍ତ୍ର—ମଣିଷ ଜୀବନ ତା' ନିକଟରେ ଗୋଡ଼ମାଟିଠାରୁ ହୀନ । ତା'ର ନାମ ରକ୍ତର ଅଭିନେତା—ତା' ବିରୁଦ୍ଧରେ ଅଭିଯାନ ଚଳାଇବାକୁ ହେଲେ ଆମର ପଦେ ପଦେ ବିପଦ । ତେଣୁ ସର୍ବଦା ଆଖି ଓ କାନ ଖୋଲା ରଖି ଆଗେଇବାକୁ ହେବ । ତଥାପି ତାକୁ ଧରିବା ପାଇଁ ମୁଁ ଜୀବନ ପର୍ଯ୍ୟନ୍ତ ବାଜି ଲଗାଇବାକୁ ପ୍ରସ୍ତୁତ ।

—ମୁଁ ବର୍ତ୍ତମାନ ଟିକଏ ଘରଆଡ଼େ ଯିବି ।

—ଦରକାର କରେ ନା—ପୋଲିସ୍‌ର ବ୍ୟବସ୍ଥା ଅଛି ।

—ଏ ରକମ ଶୈତାନକୁ ଗ୍ରେପ୍ତାର କରିବାର ଚେଷ୍ଟା ନ କରି ଆପଣ ଯେ ନିଶ୍ଚେଷ୍ଟ ହୋଇ ବସିଛନ୍ତି—ୟା' ବଡ଼ ଦୁଃଖର କଥା ।

—ଚେଷ୍ଟାରେ ଆମେ କୌଣସି ତ୍ରୁଟି କରିନୁ—ମିଃ ବଳସୁ ମଧ୍ୟ ଖୁନୀକୁ ଧରିବାପାଇଁ ଦଶହଜାର ଟଙ୍କାର ଚେକ୍ ଦେଇଛନ୍ତି ।

—ଧନ୍ୟବାଦ ମିଃ ବଳସୁ—ଆଖିରେ କୃତଜ୍ଞତାର ଛାପ ।

ଖୁନୀ ଗ୍ରେପ୍ତାର ନ ହେବା ପର୍ଯ୍ୟନ୍ତ ଧନ୍ୟବାଦର ପାତ୍ର ହୋଇପାରିବନି ମିସ୍ ମାଧୁରୀ—ନିଜର ଭଦ୍ରାମି ରକ୍ଷା କରିବାକୁ ଯାଇ ମିଃ ବଳସୁ କହିଲେ ।

—ମିଃ କୁମାର—ମୋର ସମସ୍ତ ସମ୍ପତ୍ତି ବଦଳରେ ମୁଁ ସ୍ବହେଁ ଖୁମ୍ପାଙ୍କୁ—ଯେ କି ଗୋଟିଏ ଅବାନ୍ତର ଯୁକ୍ତି ଦେଖାଇ ମୋର ବାପାଙ୍କୁ ନିର୍ମମଭାବରେ ହତ୍ୟା କରିଛି । ଯଦି ମୋର ଗନ୍ତବ୍ୟ ପଥରେ ଦରକାର ପଡ଼େ ତେବେ ମୁଁ ହସି ହସି ମୃତ୍ୟୁକୁ ଆଲିଙ୍ଗନ କରିବି । କିନ୍ତୁ ମୋର ଏକମାତ୍ର ଲକ୍ଷ୍ୟ ସେଇ ଦସ୍ୟୁ ଖୁମ୍ପା ବ୍ଲୁଡ୍ ଆଲ୍ଭର ।

—ବିଶ୍ୱାସ ରଖି କାମ କରନ୍ତୁ ଶାନ୍ତ ଭାବରେ—ନିଶ୍ଚୟ ଖୁମ୍ପା ତା'ର ଉପଯୁକ୍ତ ପ୍ରତିଫଳ ପାଇବ । ତେଣୁ ଆମର ଏଷଣି ଏକାନ୍ତ ଲୋଡ଼ା ମନର ଦୃଢ଼ତା । ଏଥର ହେବ—ଆମର ଏକ ବିରାଟ ଅଭିଯାନ—ଯେଉଁ ଅଭିଯାନରେ କି ପଦେ ପଦେ ମୃତ୍ୟୁର ସମ୍ଭାବନା ।

—ସେଇଥି ପାଇଁ ମୁଁ ପ୍ରତ୍ୟେକ ମୁହୂର୍ତ୍ତରେ ପ୍ରସ୍ତୁତ ଥିବି । କହି ମିସ୍ ମାଧୁରୀ ଖଣ୍ଡେ ଚେକ୍ ସାଇନ୍ କରି ମିଃ କୁମାରଙ୍କ ହାତକୁ ବଢ଼ାଇ ଦେଲେ ।

—ମିସ୍ ମାଧୁରୀ—ଆପଣଙ୍କୁ ଏ ଧାରଣା ଦୂରେଇ ଦେବାକୁ ପଡ଼ିବ ଯେ ଟଙ୍କାର ଲୋଭ ଦେଖାଇ ମିଃ କୁମାରକୁ ବଶ କରାଯାଇ ପାରେ ନାହିଁ । କୁମାର ଧନ ଅପେକ୍ଷା କର୍ତ୍ତବ୍ୟକୁ ଶ୍ରେଷ୍ଠ ବୋଲି ମନେ କରେ । ତେଣୁ ଅଯଥା—

—କ୍ଷମା ଚାହୁଁଛି । କିନ୍ତୁ ଅଭିଯାନ ପଥରେ ଆମର ଦରକାର ହେବ ଅର୍ଥ । ମୁଁ ବି ଆଜିଠାରୁ ଏ ଅଭିଯାନରେ ନିଜକୁ ଉତ୍ସର୍ଗ କଲି । ଆମ ଅଭିଯାନର ଲକ୍ଷ୍ୟ ଏକମାତ୍ର ବ୍ଲୁଡ୍ ଆଲ୍ଭର ।

ମିଃ କୁମାର କିଶୋରକୁ ଅନ୍ୟ ରୁମ୍‌କୁ ନେଇଯାଇ କେତେକ ଆଲୋଚନା କଲେ ।

× × × ×

( ୭ )

ରାତି ଦଶଟା—

ରାସ୍ତାଘାଟ ଗୁଡ଼ାକରେ ଜନତା ଓ ଗାଡ଼ି ଘୋଡ଼ାଙ୍କର ଭିଡ଼ ଟିକିଏ କମି ଆସିଥିଲେ ବି ଏକବାରେ ନିର୍ଜନ ହୋଇନି । ପୋଲିସ୍‌ମାନେ ବି ଟ୍ରାଫିକ୍ ଉପରେ ସଇଁତରା ମାରୁଛନ୍ତି ।

ଠିକ୍ ଏଇ ସମୟରେ ଗୋଟିଏ ନିଭୃତ କୋଠାର ପ୍ରକାଣ୍ଡ ହଲ୍‌ଘରେ ବ୍ଲଡ୍ ଆକ୍‌ଟର ଓ ତପନ ଦୁହେଁ ଝୁଙ୍କି ପଡ଼ିଥାନ୍ତି ଟେବୁଲ ଉପରକୁ । ଆହୁରି କେତେକ ଦଳର ସଭ୍ୟ ମଧ୍ୟ ଅନ୍ୟ ଚେୟାର୍ ଗୁଡ଼ିକ ଦଖଲ କରିଥାନ୍ତି । ହଲ୍‌ର ଇଲେକ୍‌ଟ୍ରିକ ବଲ୍‌ଟାକୁ ଉପହାସ କରିବା ଉଦ୍ଦେଶ୍ୟରେ ବୋଧେ ସିଗାରେଟ ଧୂଆଁ ଗୁଡ଼ାକ ଘୂରିଆଡ଼େ ଚକ୍କର ମାରୁଥାଏ । ସାମ୍ନାରେ ଟେବୁଲ ଉପରେ ଖଣ୍ଡେ କାଗଜ—ତା' ଉପରେ ବ୍ଲଡ୍ ଆକ୍‌ଟରର ପେନ୍‌ସିଲ୍‌ଟା ଘୂରି ବୁଲୁଥାଏ । ହଲ୍‌ଟା ସମ୍ପୂର୍ଣ୍ଣ ନୀରବ ।

ହଠାତ୍ କଲିଂବେଲ୍ ବାଜି ଉଠିଲା । ବାହାରପଟୁ ଗୁପ୍ତ ସଙ୍କେତ ପାଇ ଦରଜା ଖୋଲି ଦିଆଗଲା ।

—ହ୍ୟାଲୋ ବିଜୟ—ଗୁଡ୍ ନାଇଟ୍—କଣ୍ଠଟା ଫାଟିପଡ଼ିଲା ବ୍ଲଡ୍ ଆକ୍‌ଟର ହସରେ । ଅନ୍ୟ ସମସ୍ତେ ବି ସେ ହସରେ ଯୋଗ ଦେଲେ ।

ଆଗନ୍ତୁକ ଜଣକ ଆସି ବ୍ଲଡ୍ ଆକ୍‌ଟରର ନିକଟରେ ଖଣ୍ଡିଏ ଚେୟାର୍ ଦଖଲ କଲେ । ବ୍ଲଡ୍ ଆକ୍‌ଟରର ପ୍ରଶ୍ନ ହେଲା—କ'ଣ କୃତକାର୍ଯ୍ୟ ହୋଇଛ ତ ?

—ବ୍ଲଡ୍ ଆକ୍‌ଟରର ଶିଷ୍ୟ କ'ଣ କେବେ ଭୁଲ୍ କରିପାରେ ?

—ଟିକିଏ ଭୁଲ୍ ଯୋଗୁଁ ଆଜି ସମସ୍ତଙ୍କୁ ହାତ ଉଠାଇବାକୁ ପଡ଼ନ୍ତା । ଦରଜା ଆଡ଼ୁ ଦୃଢ଼ ଅଥଚ ଗମ୍ଭୀର ଭାବରେ ଏଇ କେଇ

ପଦ ଭସି ଆସିଲା । ସମସ୍ତଙ୍କର ଚମକିତ ଦୃଷ୍ଟି ଏକା ସଙ୍ଗରେ ଧାଇଁଗଲା ଦରଜା ଆଡ଼କୁ । ସାମ୍‌ନାରେ ତିନଟା ଉଦ୍ୟତ ରିଭଲ୍‌ଭର୍—ମିଃ କୁମାର—କିଶୋର ଓ ମିସ୍ ମାଧୁରୀଙ୍କ ମୁହଁରେ ବିଜୟୀର ହାସ୍ୟ ।

—ଓଃ ମିଃ କୁମାର—ନମସ୍ତେ—ବୁଝିପାରିଲିନି ଏତେ ରାତିରେ ଆପଣଙ୍କର ଶୁଭାଗମନର ଉଦ୍ଦେଶ୍ୟ—ବ୍ଲୁଡ଼୍ ଆକ୍‌ଟର ଖୁବ୍ ଶୀଘ୍ର ନିଜକୁ ଆୟତ୍ତ କରି ନେଇ କହିଲା ।

—ଉଦ୍ଦେଶ୍ୟ ସ୍ପଷ୍ଟ—ବ୍ଲୁଡ଼୍ ଆକ୍‌ଟରର ଶେଷ ଯବନିକା ଟାଣିବା ପାଇଁ ।

—ସେ ଆପଣଙ୍କ ଜୀବନରେ ହୋଇଉଠିବ କି ନା ସନ୍ଦେହ । ବ୍ଲୁଡ଼୍ ଆକ୍‌ଟର ସର୍ବଦା ନିଜକୁ ରକ୍ଷାକରି ଜାଣେ । ଆଚ୍ଛା, ଆପଣଙ୍କ ଦଳରେ ତିନି ନା ଆଉ କେହି ଅଛନ୍ତି ?

—କେହି ସାହାଯ୍ୟକାରୀ ନ ଥିଲେ ବୋଧେ ସ୍ବୟଂ ଦେହ ଡାକରା ପଡ଼ନ୍ତା ।

ସେ ମୂର୍ଖତା ଆଜି ପର୍ଯ୍ୟନ୍ତ ମୁଁ ଶିଖିନି । ତେବେ ପଚାରିଲି ଆପଣଙ୍କର କ୍ଷମତା ଓ ସାହସ ଜାଣିବା ପାଇଁ ।

—ତେବେ ଜାଣି ରଖ—କୋଠାଘର ଚତୁର୍ଦ୍ଦିଗରେ ସଶସ୍ତ୍ର ପୋଲିସ୍ ବାହିନୀ—ପଳାୟନର ପଥ ପରିଷ୍କାର ନାହିଁ ।

—ଧନ୍ୟବାଦ—ମୋତେ ଗ୍ରେପ୍ତାର କରିବାର ମୂର୍ଖତା ଏକାକୀ କରି ନାହାନ୍ତି ଜାଣି ଆନନ୍ଦିତ ହେଲି । ତଥାପି ଆପଣଙ୍କୁ ହତାଶ ହୋଇ ଫେରିଯିବାକୁ ପଡ଼ିବ ।

—ଏ ବିଷୟରେ ମୋର ଯଥେଷ୍ଟ ଅଭିଜ୍ଞତା ଅଛି । ବାଜେ କଥାରେ ଅଯଥା ସମୟ ନଷ୍ଟ କରିବା ମୋର ସମ୍ପୂର୍ଣ୍ଣ ନୀତିବିରୁଦ୍ଧ ।

—ସେ କଥା ମୋତେ ଅନେକ ଆଗରୁ ଜଣା । ଆଚ୍ଛା—ଆପଣ ଯେ ମିସ୍ ମାଧୁରୀଙ୍କୁ ଆଣିଛନ୍ତି ବର୍ତ୍ତମାନ ଦେଇଯିବା ପାଇଁ, ନା ପରେ ଦେବାର କଳ୍ପନା କରୁ ।

—ହେଣ୍ଡସ୍ ଅପ୍ ସେ ସୁଯୋଗ ଏ ଜୀବନରେ ଯୁଟିବନି ।

ହାଃ—ହାଃ—ହାଃ—ବ୍ଲଡ୍ ଆକ୍ଟରର ନର୍ମମ ଅଟ୍ଟହାସରେ ସମଗ୍ର କୋଠାଟା ଥରି ଉଠିଲା । ସଙ୍ଗେ ସଙ୍ଗେ ଘରୁର୍ କରି ଗୋଟେ ଆବାଜ ହେଲା—ଠିକ୍ ଏଇ ସମୟରେ ଗୋଟିଏ ସୁଦୃଢ଼ କବାଟ ଆସି ଏମାନଙ୍କର ପ୍ରତିବନ୍ଧ କଲା । ବ୍ଲଡ୍ ଆକ୍ଟର ନର୍ମମ ହସ ଯେମିତି ଜମିବାର ନୁହେଁ ।

ମିଃ କୁମାର ଓ କିଶୋର ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ଦରଜା ଉପରେ ପଦାଘାତ କଲେ । ତଥାପି ସେ ଶାଳକାଠର ପଟାଟା ଟିକିଏ ମାତ୍ର ବିଚଳିତ ନ ହୋଇ ପୂର୍ବଭଳି ରହିଲା ।

ଅକୃତକାର୍ଯ୍ୟ ହୋଇ ମିଃ କୁମାର ହୁଇସିଲ୍ ବଜାଇଲେ । ବୁଟ୍ ଯୋତାର ଠକ୍ ଠକ୍ ଆବାଜ ସାରା କୋଠାଟାରେ ପୂରି ଉଠିଲା ଓ ସଙ୍ଗୀନ୍‌ମୁନର ତାଡ଼ନା ସହ୍ୟକରି ନ ପାରି କବାଟଟା ଦି ଖଣ୍ଡ ହୋଇପଡ଼ିଗଲା ।

ଘାଲ୍—ମଲ—ସବୁ ଶୂନ୍‌ଶାନ୍ । ଚେୟାର୍ ଟେବୁଲ ଖଣ୍ଡିକର ପର୍ଯ୍ୟନ୍ତ ଅସ୍ତିତ୍ୱ ନାହିଁ ମଣିଷ ତ ଦୂରର କଥା ।

ମିଃ କୁମାରଙ୍କ ଧାରଣା—ସେମାନେ କୌଣସି ଗୁପ୍ତପଥ ଦେଇ ପଳାଇ ଯାଇଛନ୍ତି; କିନ୍ତୁ କାହିଁ ସେ ଗୁପ୍ତପଥ ! ଯେତେ ପରୀକ୍ଷା କଲେ ସୁଦ୍ଧା କୌଣସି ସନ୍ଧାନ ମିଳିଲାନି । ସମଗ୍ର କୋଠାଟାକୁ ତନ୍ନ ତନ୍ନ କରି ଖୋଜିଗଲେ । କିନ୍ତୁ ବ୍ଲଡ୍ ଆକ୍ଟର କିମ୍ବା ତା' ଦଳର କାହାରି ପତ୍ତା ମିଳିଲାନି ।

ବ୍ଲଡ୍ ଆଲ୍ଲର ତା'ର କଥାକୁ କାମରେ ପରିଣତ କରି ଜାଣେ—ଏ କଥାରେ ଆଉ କାହାରି ସନ୍ଦେହ ରହିଲାନ । ତା' ପରେ ସମଗ୍ର କୋଠାଟା ଉପରେ ପୋଲିସ୍‌ର କର୍ଡ୍ଡନ୍ ଜାଗ୍ରତ ରହି ମିଃ କୁମାର ଅନ୍ୟମାନଙ୍କୁ ସଙ୍ଗରେ ନେଇ ବିଫଳ ହୋଇ ଫେରି-ଆସିଲେ ।

ବାରମ୍ବାର ଆଖି ସାମ୍ନାରେ ବ୍ଲଡ୍ ଆଲ୍ଲରର ଏତାଦୃଶ କାର୍ଯ୍ୟ ଠିକ୍ ଯାଦୁଭଳି । ଚମତ୍କାର ତା'ର ପରିକଳ୍ପନା !!!

*  *  *  *

—ବିଜୟ—ବ୍ଲଡ୍ ଆଲ୍ଲର ଆଗରେ ରକ୍ତ ଦେଇ ତୁମେ ଯେଉଁ ଶପଥ କରିଥିଲ—ତା' ବୋଧେ ତୁମ ମନରେ ଥିବ । ସେଇ ଶପଥର ପରୀକ୍ଷାରେ ତୁମେ ଉତ୍ତୀର୍ଣ୍ଣ ହୋଇ ପାରି ନ ଥିବାରୁ ଆଜ ମୋର ଉଦ୍ୟତ ରିଭଲଭର୍ ସାମ୍ନାରେ ତୁମକୁ ମୁକ୍ତ ଛାତିରେ ଠିଆ ହେବାକୁ ପଡ଼ିବ । ସଦା ଶାନ୍ତ ବ୍ଲଡ୍ ଆକ୍ଟରର ଆଖି ଦିଟା କ୍ଷୁଧିତ ବ୍ୟାଘ୍ର ଭଳି ଜଳି ଉଠୁଥାଏ ।

—ମୋତେ ଏଥର ଅରିକ କ୍ଷମା ଦିଅନ୍ତୁ ସର୍ଦ୍ଦାର ! ସାମାନ୍ୟ ଭୁଲ୍ ପାଇଁ ଆଜ ମୁଁ ଆପଣଙ୍କ ସାମ୍ନାରେ ଦୋଷି ହୋଇ ଠିଆ ହୋଇଛି । ମୋର ଦୁର୍ଭାଗ୍ୟ—ନଚେତ୍ ପ୍ରାଣଭିକ୍ଷା ବଦଳରେ ମୁଁ ଆଜ କରମର୍ଦ୍ଦନ କରିବାପାଇଁ ହାତ ବଢ଼ାଉଥାନ୍ତି । ବାପାର ମୃତ୍ୟୁ ସମ୍ବାଦରେ ମିସ୍ ମାଧୁରୀ ବେହୋସ ହେବାଭଳି ଥରେ ମୋ ଆଡ଼କୁ ତଳି ପଡ଼ିଲା । ମୁଁ ତାକୁ ସମ୍ଭାଳି ନେବା ସମୟରେ ବୋଧେ ଗୋଇନ୍ଦା କୁମାର ମୋର ଅସଲ ପରିଚୟ ପାଇ ଯାଇଛି । ସେଇ ସାଧାରଣ ଭୁଲ୍ ଟିକକ ଆଜ ମୋର ଜୀବନ ନେବାକୁ ଆହ୍ୱାନ କରୁଛି ।

—ତୁମ ଭଳି ଜଣେ ସଦସ୍ୟ ଯେ ବ୍ଲୁ ଆକ୍ଟର ମଥାରେ କଳଙ୍କ ଟିକା ଲଗାଇବା ପାଇଁ ଯଥେଷ୍ଟ—ସ୍ୱା' ବେଶ୍ ସ୍ପଷ୍ଟ । ମୁଁ ସ୍ୱା' ଭଲ ଭାବରେ ଜାଣେ ଯେ, ମାଧୁରୀ ଏତେ ଦୁର୍ବଳ ନାରୀ ହୃଦୟ ନେଇ ଜନ୍ମ ହୋଇନ । ସେ କେବଳ ମିଃ କୁମାରଙ୍କ ଇଙ୍ଗିତରେ ଏମିତି ଛଳନା କରିଥିଲା । ତୁମର ବୋକାମି ବି ସେ ବାଟରେ ତାଙ୍କୁ କମ୍ ସାହାଯ୍ୟ କରିନ । ତୁମ ଭଳି ଲୋକ ଯଦି ସଙ୍ଗରେ ରହେ—ତେବେ ପଦେ ପଦେ ବିପଦର ସମ୍ଭାବନା । ମୋର କଥା ଓ କାମରେ ପ୍ରଭେଦ ନ ଥାଏ ବୋଲି ଯଦି ତୁମର ବିଶ୍ୱାସ ଥାଏ—ତେବେ ଶେଷ ନିଶ୍ୱାସ ଟିକକ ତ୍ୟାଗ କରିବାପାଇଁ ପ୍ରସ୍ତୁତ ହୋଇଯାଅ । ବ୍ଲୁ ଆକ୍ଟରର ଆବାଜ ସେମିତି ରୁକ୍ଷ ଥାଏ ।

—କ୍ଷମା ଦେବା ଆପଣଙ୍କର ନୀତିବିରୁଦ୍ଧ ଜାଣି ମଧ୍ୟ ଆଜି ମୁଁ ପ୍ରଥମଥର ପାଇଁ ଅତି ନିର୍ଲଜ୍ଜ ଭାବରେ ଜୀବନ ଭିକ୍ଷା କରୁଛି । ଆଗକୁ କଦାପି ଏମିତି ନ କରିବାପାଇଁ ମୁଁ ବଦ୍ଧପରିକର । ଏହି ସ୍ୱଳ୍ପଦିନ ଭିତରେ ଯଦି ମୁଁ ସେ ଗୋଇନ୍ଦାଟାକୁ ଆପଣଙ୍କ ନିକଟରେ ବନ୍ଦୀ ହିସାବରେ ନ ପହଞ୍ଚାଏ— ତେବେ ଆପଣଙ୍କ ରିଭଲ୍‌ଭର୍ ଗୁଳି ରହିବ ମୋତେ ହତ୍ୟା କରିବାପାଇଁ ।

—ମିଃ କୁମାରଙ୍କୁ ବନ୍ଦୀ କରିବା ନ କରିବା ମୋ ଇଚ୍ଛା ଉପରେ ସଂପୂର୍ଣ୍ଣ ନିର୍ଭର କରେ ଓ ଯେ କୌଣସି ମୁହୂର୍ତ୍ତରେ ଇଚ୍ଛା କରିବି—ତା' କରିବି । ଆପାତତଃ ସେ ଉଦ୍ଦେଶ୍ୟ ମୋର ନାହିଁ । ମୋ ନିୟମ ଅନୁଯାୟୀ ପ୍ରଥମରେ ଦୋଷୀ ହେଲ ତୁମେ; ତେଣୁ ତୁମକୁ କେତେକ ସର୍ତ୍ତରେ କ୍ଷମା ଦେଲି । କିନ୍ତୁ ଆଗକୁ କାହାରି ଏମିତି ଭୁଲ୍ କ୍ଷମାଯୋଗ୍ୟ ହୋଇ ନ ପାରେ । ସ୍ୱା' ପ୍ରତ୍ୟେକ ଭଲ ଭାବେ ମନେ ରଖିବା ଉଚିତ୍ । ବ୍ଲୁ ଆକ୍ଟର ସାମ୍ନାରୁ ଖସି ପଳାଇବାର ମୂର୍ଖତା ମଧ୍ୟ ସାଙ୍ଘାତିକ । ଆଚ୍ଛା ବିଜୟ, ମୁଁ ତୁମକୁ

ଏଥର କ୍ଷମା ଦେଲି କେତେକ କାରଣରୁ । ଆଜି ଗୋଟେ ଦାୟିତ୍ୱ ଦେଉଛୁ—ଯଦି ସେଥିରେ ତୁମେ ଅକୃତକାର୍ଯ୍ୟ ହୁଅ—

—ତେବେ ମୁଁ ବିନା ଆପତ୍ତିରେ ଆପଣଙ୍କ ସାମ୍ନାରେ ଗୁଳିବାଣ୍ଟ ଠିଆ ହେବି ।

—ମୋର ବିଶ୍ୱାସ ନାହିଁ ଯେ ତୁମେ କୃତକାର୍ଯ୍ୟ ହେବ । ତଥାପି ପ୍ରଥମ ଥର ପାଇଁ କ୍ଷମା ଦେଲି—କିନ୍ତୁ ଦ୍ୱିତୀୟ ଥର ଆଉ ତା'ର ପୁନରାବୃତ୍ତି ହେବନି ନିଶ୍ଚୟ । ହଁ, ଏଥର ପ୍ରତ୍ୟେକ ସଦସ୍ୟ-ମାନେ ଶୁଣି ନିଅ—ଏଣିକି ଆପଣମାନଙ୍କର ଗୁପ୍ତ ସଙ୍କେତ ଯୋଡା ଭିତରେ ରହିଛି । ହାତରେ ଆଉ ରଖା ନ ଯାଏ ଯେମିତି ।

ମଥା ନୁଆଁଇ ପ୍ରତ୍ୟେକ ସଭ୍ୟ ବ୍ଲଡ୍ ଆଙ୍କରର ନିର୍ଦ୍ଦେଶ ମାନି ନେଲେ । ବିଜୟଙ୍କୁ ବ୍ଲଡ୍ ଆଙ୍କର ଓ ଚପଳା ସଙ୍ଗରେ ତାଙ୍କର ପ୍ରାଇଭେଟ ରୁମକୁ ଯିବାକୁ ପଡ଼ିଲା ଆଗାମୀ ପ୍ରୋଗ୍ରାମ ବିଷୟରେ ନିର୍ଦ୍ଦେଶ ନେବା ପାଇଁ ।

*　　*　　*　　*

ତା' ପରଦିନ—

ମିଃ କିଶୋର ବାହାରକୁ ଯାଇଥାନ୍ତି । ଡ୍ରଇଂରୁମ୍‌ରେ ବସି ମିଃ କୁମାର ଖୁବ୍ ଜୋର୍‌ରେ ଚିନ୍ତା କରି ଚାଲିଛନ୍ତି । ବାରମ୍ବାର ଠୋକର ଖାଇବାଦ୍ୱାରା ନିଜ ଉପରେ ଅବିଶ୍ୱାସ କରିବାରେ ଲାଗିଲେଣି । ବିପଦ ସଙ୍ଗରେ ଖେଳିବା ତାଙ୍କ ଜୀବନର ମୂଳମନ୍ତ୍ର । କିନ୍ତୁ ଏଭଳି ବାରମ୍ବାର ପରାସ୍ତ ହେବା ଜୀବନରେ ପ୍ରଥମ । ଯାହାର ସୁନାମ ବମ୍ବେ ନଗରୀର ପ୍ରତ୍ୟେକ ସୌଧଠାରୁ ଆରମ୍ଭ କରି ଛପର କୁଡ଼ିଆ ପର୍ଯ୍ୟନ୍ତ ପୂରି ରହିଛି—ତାଙ୍କର ଯଦି ଏମିତି ଶୋଚନୀୟ ଭାବେ ପରାଜୟ ଘଟେ—ତେବେ ଅନ୍ୟମାନଙ୍କର

ଧନ ଜୀବନ ନିରାପଦ ରହିବ କେମିତି ? ତେଣୁ ତାଙ୍କର ଭାବନାର ଏକମାତ୍ର ଖୋରାକ କେବଳ ବୁଢ଼୍ ଆଙ୍କଲର ।

ସିଗାରେଟ୍‌ର ଧୂଆଁ ସଙ୍ଗରେ ତାଙ୍କର ସନ୍ଦେହୀ ମନ ତଳେ ଉଙ୍କିମାରି ଉଠୁଥାଏ ବୁଢ଼୍ ଆଙ୍କଲର ସେହି ପଦେ କଥା—ଆପଣ ଯେ ମିସ୍ ମାଧୁରୀଙ୍କୁ ଆଣିଛନ୍ତି ବର୍ତ୍ତମାନ ଦେଇଯିବା ପାଇଁ, ନା ପରେ ଦେବାର କଳ୍ପନା କରି । ଯା'ର ପରିଣାମ କ'ଣ ହୋଇ-ପାରେ ? ତେବେ କ'ଣ ମିସ୍ ମାଧୁରୀଙ୍କୁ ସେ ଶୈତାନର ଲାଲ୍ ହାତ ମୋ'ଠାରୁ ଛଡ଼ାଇ ନେଇଯିବ ?

—ନା—ତା' ଅସମ୍ଭବ । ମୋର ଶରୀରର ପ୍ରତ୍ୟେକ ରକ୍ତ ବିନ୍ଦୁ ବଦଳରେ ମିସ୍ ମାଧୁରୀଙ୍କୁ ରକ୍ଷା କରିବାକୁ ହେବ । ତାକୁ ଉପଯୁକ୍ତ ଶାସ୍ତି ନ ଦେବା ପର୍ଯ୍ୟନ୍ତ ମୁଁ କଦାପି ନିଶ୍ଚିନ୍ତ ହୋଇ ନ ପାରେ ।

ଏହିପରି ଭାବନାର ଉତ୍‌ଥାନ ପତନ ଭିତରେ ଦରୱାନ୍ ଆଣି ଖଣ୍ଡେ ଚିଠି ଦେଇଗଲା । ଲୋକଟା ଯେ ଚିଠି ଦେଇ ସଙ୍ଗେ ସଙ୍ଗେ ଚାଲି ଯାଇଥିବ ଏଥିରେ ସନ୍ଦେହ ନାହିଁ । କାର୍ ନମ୍ବର ନେବା ମଧ୍ୟ ବୃଥା—ଜାଲ୍ ନମ୍ବର ତା' ପାଖରେ ଯଥେଷ୍ଟ ।

“ନମସ୍ତେ ମିଃ କୁମାର !

ଗତକାଲି ଆପଣ ଯେମିତି ଭାବେ ହାସ୍ୟାସ୍ପଦ ହୋଇ ଫେରି ଯାଇଛନ୍ତି—ସେଥିରେ ନିଶ୍ଚୟ ଲାଜି ପଡ଼ୁଥିବେ । କିନ୍ତୁ ମୁଁ ବେଶି ଦୁଃଖିତ ଯେ ଆପଣ ମୋର ଗୋଟିଏ ଆଡ୍ଡାର ସନ୍ଧାନ ପାଇଗଲେ । ଆଜି ଏତେବେଳକୁ ବୋଧେ ରାଜପୁର ପଲ୍ଲୀ ନ ଥାନ୍ତା ନିଜ ବୋକାମିର ପ୍ରାୟଶ୍ଚିତ କରିବାକୁ ଯାଇ । କିନ୍ତୁ ଥରେ ମାତ୍ର ତାର ଅନୁରୋଧ ରକ୍ଷା କରିବାକୁ ଯାଉଛି ବୋଲି ଏ ପର୍ଯ୍ୟନ୍ତ ମୋର ରିଭଲ୍‌ଭର୍ ଗରବ ରହିଛି ।

ବମ୍ବେର ଅନ୍ୟତମ ଧନୀ ଶେଠ୍ ଭଗବାନପ୍ରସାଦ ଅଗ୍ରବାଲ୍ ଆଜ ଦିଲ୍ଲୀ ଯାଉଛନ୍ତି ବ୍ୟବସାୟ ଉଦ୍ଦେଶ୍ୟରେ । ପକେଟରେ ମୋଟା ଅଙ୍କର ଧନ ଗଚ୍ଛିତ ରହିଛି । ତେଣୁ ତା'ର ବୋକାମିର ପ୍ରାୟଶ୍ଚିତ୍ତ କରିବ ବୋଲି ଏ ଦାୟିତ୍ୱ ହାତରେ ନେଇଛି । କ୍ଷମତା ଥାଏ ତ ସମଗ୍ର ପୋଲିସ୍‌ବାହିନୀ ନେଇ ବାଧା ଦେଇପାରନ୍ତି ।

ଆପଣ ଭଲ ଭାବେ ଜାଣନ୍ତି, ବ୍ଲଡ଼୍ ଆକ୍ଟର ଏକ ନୃଶଂସ ଦସ୍ୟୁ ହେଲେ ମଧ୍ୟ ଅନ୍ୟାୟକୁ ପ୍ରଶ୍ରୟ ଦିଏନା । ଅନ୍ୟ କେତେ ଜାଗା ସ୍ୱା' ଭିତରେ ମୋର ସହକାରୀମାନେ ଲୁଟ ମାରି ଜଞ୍ଜାଳ ହାତ କରିଛନ୍ତି । ପ୍ରତ୍ୟେକ ଦିନ ପେପର୍‌ରେ ଯେମିତି ମୋର ବିବରଣୀ ବାହାରିବ— ତା'ର ବ୍ୟବସ୍ଥା କରାଯାଉଛି – ତା' ସଙ୍ଗରେ ଆପଣଙ୍କ ନାମ ମଧ୍ୟ ।

"ବ୍ଲଡ଼୍ ଆକ୍ଟର ।"

ପୁଣି ବ୍ଲଡ଼୍ ଆକ୍ଟରର ଅଭିଯାନ— ତେବେ କ'ଣ ଦୋଷୀକୁ ସାହାଯ୍ୟ କରିବା ଭଗବାନଙ୍କ ନିୟମ ? ତା' ଲାଗି କ'ଣ ଗୋଏନ୍ଦାଗିରିରୁ ଇସ୍ତଫା ଦେବାକୁ ହେବ । ଉତ୍ତେଜିତ ହୋଇ-ଉଠିଲେ ମନେ ମନେ ।

ମୋଟର ବାଇକ୍‌ର ଆବାଜରେ ତାଙ୍କର ଉତ୍ତେଜନା କମି ଆସିଲା । କିଶୋର ଡ୍ରଇଂରୁମ୍‌କୁ ଢୁକିଲାମାତ୍ରେ ମିଃ କୁମାର କହିଉଠିଲେ— କିଶୋର, ପୁଣି ବ୍ଲଡ଼୍ ଆକ୍ଟରର ଅଭିଯାନ । ଯେକୌଣସି ମତେ ତାକୁ ଆଜ ରୋକିବାକୁ ହେବ ।

—ମାନେ—

—ମାନେ ଆଜ ଦିଲ୍ଲୀ ଏକ୍ସପ୍ରେସ୍‌ରେ ମିଃ ଅଗ୍ରବାଲ୍ ବମ୍ବେରୁ ଦିଲ୍ଲୀ ଯାଉଛନ୍ତି— ପକେଟ୍‌ରେ ମୋଟା କ୍ୟାସ୍ ରଖି । ବ୍ଲଡ଼୍ ଆକ୍ଟର ତାକୁ ଆଦାୟ କରିବାର ଧମକ ଦେଇଛି ।

ଆପଣଙ୍କୁ କ'ଣ ମିଃ ଅଗ୍ରବାଲ୍ ଜଣାଇଛନ୍ତି ?

—ନା, ବ୍ଲଡ୍ ଆକ୍ଟର ଜଣାଇଛନ୍ତି ସେମାନେ ପ୍ରତିଦ୍ୱନ୍ଦ୍ୱୀ ହିସାବରେ ।

—ଅଗ୍ରବାଲ୍ ଜାଣନ୍ତି ତ ?

—ତା' ମୁଁ କହିପାରିବିନି—ଯଦି ନ ଜଣାଇଥାଏ ତେବେ ଆମ ପକ୍ଷରେ ମଙ୍ଗଳ । ତୁମେ ଆଜି ଦିଲ୍ଲୀ ଏକ୍ସପ୍ରେସ୍ ପାଇଁ ପ୍ରସ୍ତୁତ ହୁଅ ।

*  *  *  *

( ୮ )

ଠିକ୍ ରାତି ନ'ଟାରେ ବିରାଟ ଲୌହ ଦାନବ ଦିଲ୍ଲୀଗାମୀ ଏକ୍ସପ୍ରେସ୍‌ଟା ବମ୍ବେ ଷ୍ଟେସନ୍ ଛାଡ଼ିଲା । ଥାର୍ଡ୍‌କ୍ଲାସ୍ କଥା ନ କହିବା ଭଲ—ଇଣ୍ଟର କ୍ଲାସ୍‌ରେ ଟିକେଟ କରି ବି ଅନେକ ଲୋକ ସରଳରେଖା ଟାଣିବା ପାଇଁ ବାଧ୍ୟ ହୋଇଥାନ୍ତି । ଏପରି ସ୍ଥଳେ ଫାଷ୍ଟ ସେକେଣ୍ଡ ବଗିଗୁଡ଼ାକ ଯୋଡ଼ି ଟ୍ରେନ୍‌ର ଅଯଥା ଲେନ୍‌ଥ ବଢ଼ାଇବାର କାରଣ କମ୍ପାନୀ ହିଁ ଏକା କହିପାରେ । ବିରଳା—ଟାଟା—ଗୋଏଙ୍କା ଏ ଦରିଦ୍ର ହିନ୍ଦୁସ୍ଥାନରେ କେତେ ଅଛନ୍ତି ଯେ ଫାଷ୍ଟକ୍ଲାସ୍ ପୁରା କରି ଚାଲିବେ ?

ବିଖଣ୍ଡି ସେକେଣ୍ଡକ୍ଲାସ ଟିକେଟର ସାହାଯ୍ୟ ନେଇ ଟ୍ରେନ୍ ଭିତରେ ବସିଥାନ୍ତି ଜଣେ କାବୁଲି ଭଦ୍ରଲୋକ । ସେ'ଙ୍କ ଜାଗା ସେ ଡବାରେ ଆଉ ଜଣେ ଯାତ୍ରୀ ଥାଆନ୍ତି ।

ପ୍ରାୟ ଘଣ୍ଟାକ ପରେ ଗୋଟେ ଜଙ୍କସନ୍‌ରେ ଯାଇ ଗାଡ଼ିଟା ଠିଆହେଲା । କାବୁଲି ଭଦ୍ରଲୋକ ଜଣେ ଚା' ମଗାଇ ଖାଇଲେ । ଅମୃତ ପୁରି ଆସିବା ସଙ୍ଗେ ସଙ୍ଗେ ଗାର୍ଡ୍‌ସାହେବ କେଳୀବଣ

ଓ ହୁଇସିଲ୍ ଇଙ୍ଗିତ ପାଇ ଏକ ବିକଟ ଗର୍ଜନ କରି ଟ୍ରେନ୍‌ଟା ବଢ଼ି ଚାଲିଲା ଆଗକୁ ।

ଟ୍ରେନ୍‌ର ଗତି ବଢ଼ିବା ସଙ୍ଗେ ସଙ୍ଗେ କାବୁଲି ଭଦ୍ରଲୋକ ଦିଜଣଙ୍କୁ ନିଦ୍ରାଦେବୀଙ୍କ ଡାକରା ଆସିଲା । ସେଇ ସିଟ୍ ଉପରେ ଦୁହେଁଯାକ ଆରାମ କଲେ ।

ହାଃ—ହାଃ—ହାଃ— ଟ୍ରେନ୍‌ର ବକ୍ଷ ଥରାଇ କମ୍ପି ଉଠିଲା କାହାର ବିକଟ ଅଟ୍ଟହାସ୍ୟ । ମିଃ ଅଗ୍ରୱାଲ୍ ହଠାତ୍ ଚମକି ଉଠିଲେ—ପେପର୍‌ଟା ଆପଣାଛାଏଁ ହାତରୁ ଖସି ପଡ଼ିଲା । ମଥା ଟେକି ଦେଖନ୍ତି ତ ପଞ୍ଜାବୀ ଭଦ୍ରଲୋକ ଜଣକ କୃତ୍ରିମ ଦାଢ଼ି ଖୋଲିବାରେ ବ୍ୟସ୍ତ । ଲୋକଟାର ଉଦ୍ଦେଶ୍ୟ ବୁଝିପାରି ମନରେ ଭୟ ଆସିଲା ।

ଦାଢ଼ି ଗୁଡ଼ାକ ଖୋଲି ପକାଇ ହଠାତ୍ ଭଦ୍ରବ୍ୟକ୍ତି ସମ୍ବୋଧନ କଲେ—ମିଃ ଅଗ୍ରୱାଲ୍—ଆପଣଙ୍କ ବ୍ୟାଗରେ ବର୍ତ୍ତମାନ ବୋଧେ ମୋଟା ଅଙ୍କ ପୂରି ରହିଛି ।

ଏ କଥା ଶୁଣିଲା ମାତ୍ରେ ମିଃ ଅଗ୍ରୱାଲ୍ ଥରେଉଠିଲେ— ମୁହଁ ସାଦା ପଡ଼ିଗଲା । ଅନେକ ସାହସ ସଞ୍ଚୟ କରି ଫଟ୍ କରି ଠିଆହୋଇପଡ଼ି ଆଲାର୍ମଚେନ୍ ଆଡ଼କୁ ହାତ ବଢ଼ାଇଲେ । କିନ୍ତୁ ତାଙ୍କ ହାତ ସେଇପରି ରହିଗଲା ସେଇ ଛଦ୍ମବେଶୀର ଆବାଜରେ ।

—ବୃଥା ଚେଷ୍ଟା—ଟିକିଏ ଆଗେଇବାର ଚେଷ୍ଟା କଲେ ପରିଣାମ କ'ଣ ହୋଇପାରେ—ଅନୁମାନ କରନ୍ତୁ । ଦସ୍ୟୁ ହାତରେ ଅଗ୍ନ୍ୟୁଦ୍‌ଗାରୀ ପିସ୍ତଲଟା ଲାଇଟ ଫୋକସରେ ଚକ୍ ଚକ୍ କରୁଥାଏ— ଏ ଦୁଇଜଣ କାବୁଲି ଭଦ୍ରଲୋକଙ୍କୁ ଜାଣନ୍ତି?

ମିଃ ଅଗ୍ରବାଲ୍‌ଙ୍କ ଟେମ୍ପରେଚର ଧୀରେ ଧୀରେ ଚଢ଼େଇ ଯାଉଥାଏ । ଭୟଜଡ଼ିତ କଣ୍ଠରୁ କଥା ବାହାରି ପାରିଲାନି—କେବଳ ମଥା ହଲାଇ ଦେଲେ ।

—ଏ ହେଉଛନ୍ତି ବମ୍ବେର ଖ୍ୟାତନାମା ଗୋଇନ୍ଦା ମିଃ କୁମାର ଓ ତାଙ୍କର ସହକାରୀ କିଶୋର ।

—ନା—ନା—ସ୍ୟା ଅସମ୍ଭବ—ମୁଁ ସେ ଦୁଇ ଜଣଙ୍କୁ ଭଲ ଭାବରେ ଜାଣେ । ଏ ଦୁ ଜଣ କାବୁଲି ।

—ଭଲ ଭାବେ ଜାଣନ୍ତି ବୋଲି ତ ସେ ଆପଣଙ୍କୁ ସାହାଯ୍ୟ କରିବାପାଇଁ ଆସିଥିଲେ—ଅବଶ୍ୟ ଆପଣଙ୍କ ଅଜାଣାରେ । ଗ୍ଲୁ' କପେ ଲେଖାଏଁ ମାତ୍ର ତାଙ୍କ ପକ୍ଷରେ ଯଥେଷ୍ଟ ହୋଇଛି ।

—ମୋତେ ସାହାଯ୍ୟ କରିବାକୁ ଆସିଥିଲେ ? କାହିଁ ମୁଁ ତ ଜାଣେନା । ନା—ମୋତେ ପ୍ରତାରଣା କରିବାର ଫାଙ୍କା ଧମକ ।

—ଚମକ ପଡ଼ନା—ବ୍ଲୁ ଆଷ୍ଟର ଡାକରା ପାଇ ଆସିଥିଲେ ଆପଣଙ୍କୁ ସାହାଯ୍ୟ କରିବାପାଇଁ । ମଥା ଠିକ୍ ରଖିବା ପାଇଁ ଗ୍ଲୁ' କପେ ଲେଖାଏଁ ମଗାଇଲେ; କିନ୍ତୁ ସ୍ୱନାମ-ଧନ୍ୟ ଗୋଇନ୍ଦା ସାହେବଙ୍କ ସୂକ୍ଷ୍ମ ମଥାରେ ଏତିକି ପଶିଲାନି ଯେ, ଗ୍ଲୁ' ବସ୍ତୁଟା ବି ବ୍ଲୁ ଆଷ୍ଟରର ଲୋକ ହୋଇପାରେ ।

—ଆପଣଙ୍କର ଏ ଉଦ୍ଦେଶ୍ୟ ମୁଁ ମୋଟେ ବୁଝିପାରୁନି । ଶେଠ୍‌ଜୀ ଟିକଏ ଟିକଏ ସାହସ ପାଉଥିଲେ ।

—ମୋ ହାତକୁ ବ୍ୟାଗଟା ବଢ଼ାଇ ଦେବା ଉଦ୍ଦେଶ୍ୟଟା ସହଜରେ ବୁଝିପାରିବେ ।

—ମୁଁ ଯଦି ନ ଦିଏ—ଅନ୍ତରରେ ଭୟ ଥିଲେ ବି ସାହସ ଧରି ଶେଠ୍‌ଜୀ ଓଲଟି ପ୍ରଶ୍ନ କଲେ ।

ଜୀବନ ପ୍ରତି ମମତା ନ ଥିଲେ ଦେଇ ନ ପାରନ୍ତି । ଭଲ ଭାବରେ ନ ଦେଲେ ମୋତେ ଟିକଏ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ—ଖୁବ୍ ଶାନ୍ତ ଭାବରେ କହି ଛଦ୍ମବେଶୀ ପିସ୍ତଲକୁ ଇସାରା କଲେ । ମୋତେ ବାଧା ଦେବା ପାଇଁ ଏ ସମଗ୍ର ଟ୍ରେନ୍‌ରେ କାହାର କ୍ଷମତା ନାହିଁ । ତେଣୁ ଭଲରେ ଦେଉ ବା ଟିକଏ ଅଡ଼ୁଆରେ ଦେଉ, ଆପଣଙ୍କଠାରୁ ଟଙ୍କା ଆଦାୟ କରି ବ୍ଲଡ୍ ଆକ୍ଟରର ସହକାରୀ ଚାଲିଯିବ ।

ଗୋଟେ ପଟରେ ପ୍ରାୟ ଲକ୍ଷେ ଟଙ୍କାର ମୋହ, ଅନ୍ୟ ପଟରେ ନିଜ ଜୀବନର ମମତା—ଶେଠ୍‌ଜୀଙ୍କର ନୈତିକ ସାହସ ଯାହା ଟିକଏ ଥିଲା, ତା' ବେଳକୁବେଳ କମିଆସିଲା ।

—ବୃଥା ସମୟ ନଷ୍ଟ କରି ମୋତେ ଉତ୍ତେଜିତ କରିବାକୁ ଚେଷ୍ଟା କଲେ ପରିଣାମ ଭୟାନକ ହୋଇଉଠିବ । ତେଣୁ ବିନା ଆପତ୍ତିରେ ବ୍ୟାଗ୍‌ଟା ବାହାରକରି ଦେଇ ଦିଅନ୍ତୁ ।

ଥର ଥର ହାତରେ ବେଞ୍ଚ ତଳୁ ବ୍ୟାଗ୍‌ଟା ବାହାର କଲେ ଶେଠ୍‌ଜୀ । ବ୍ୟାଗ୍ ସଙ୍ଗେ ସଙ୍ଗେ ତାଙ୍କର ପ୍ରାଣବାୟୁ ସତେ କି ଚାଲିଯିବ ।

ବିଜୟ ଆନନ୍ଦ ଓ ଗର୍ବରେ ଫୁଲିଉଠି ଶେଠ୍‌ଜୀଙ୍କ ହାତରୁ ବ୍ୟାଗ୍‌ଟା ନେଇ ଆସିଲା । ଶେଠ୍‌ଜୀଙ୍କ ଆଖିରୁ ଖସି ପଡ଼ିଲା ଦି ଟୋପା ଲୁହ—ଲକ୍ଷେ ଟଙ୍କାର ବଦଳରେ ।

ବିଜୟ ବ୍ୟାଗ୍‌ର ମୁହଁ ଖୋଲି ଦେଖୁଛି—ଠିକ୍ ଏହି ସମୟରେ ପଛପଟୁ ଗୋଟେ ନାରୀ ଖୁବ୍ ରୁକ୍ଷ ହୋଇଉଠିଲା—ହେଣ୍ଡସ୍ ଅପ୍—ହଲ୍‌ଚଲ୍ ହେବାର ଚେଷ୍ଟା କଲେ ଖୁପୁରି ପାର ଗୁଳି କରିଦେବି । ପିସ୍ତଲ୍‌ଟା ତଳକୁ ପକାଇ ଦିଅ ଯଦି ଭଲ ଆଶା ଥାଏ ।

ଚମକି ପଡ଼ିଲା ବିଜୟ—ଭୁଲି ଗଲା ହାତ ଉଠାକୁ ଟେକି ସ୍ତମ୍ଭୀଭୂତ ହୋଇ ଠିଆ ହୋଇଗଲା—କେଉଁ ଉତ୍ତର ବାହାର ଆସୁଛନ୍ତି ମିସ୍ ମାଧୁରୀ—ନିଜ ଆଖିକୁ ବିଶ୍ୱାସ କରିପାରିଲାନି । ଆଖି ଉଠା ସ୍ଥିର ହୋଇଗଲା ମିସ୍ ମାଧୁରୀଙ୍କ ପିସ୍ତଲ୍ ଉପରେ ।

ଗୋଟେ ଶୈତାନ ଦସ୍ୟୁର ଅନୁଗ୍ରହପ୍ରାର୍ଥୀ ପକ୍ଷରେ ଏତେ ବଡ଼ ଆସ୍ଫାଳନ ଶୋଭା ପାଏ ନା—ମିଃ ବିଜୟ । ମୋ ସଙ୍ଗରେ କଥାବାର୍ତ୍ତା କରିବା ପୂର୍ବରୁ ଶେଠ୍‌ଜୀଙ୍କୁ ତାଙ୍କର ବ୍ୟାଗ୍‌ଟା ଫେରାଇ ଦିଅ ।

—କିନ୍ତୁ—

—ସ୍ତବ୍ଧ ସତ୍ୟ କହିବା ମୋ ପିସ୍ତଲ ପକ୍ଷରେ ନିହାତି ଅସହ୍ୟ— ପ୍ରଥମେ ବ୍ୟାଗ୍ ଫେରାଇ ଦିଅ ।

ଅକୃତକାର୍ଯ୍ୟ ହୋଇ ଫେରିଲେ ମୋ ଜୀବନ ଯେ ଆଜି ବୃଦ୍ଧ ଅ.କ୍‌ଟର ହାତରେ ଯିବ ! କରୁଣ ଦୃଷ୍ଟିରେ ଅନାଇଲା ମିସ୍ ମାଧୁରୀଙ୍କ ଆଡ଼େ ।

—ଟଙ୍କା ବ୍ୟାଗ୍‌ଟା ଫେରାଇ ନ ଦେବା ପର୍ଯ୍ୟନ୍ତ ମୁଁ କୌଣସି ଉତ୍ତର ଦେବାପାଇଁ ପ୍ରସ୍ତୁତ ନୁହେଁ ।

—ଏତେ ଅସ୍ଥିର ହୁଅନ୍ତୁ ନ ମିସ୍ ମାଧୁରୀ—ବ୍ୟାଗ୍‌ଟା କେବଳ ଅପ୍ରେଲ ଫେପ୍‌ରରେ ଭର୍ତ୍ତି—ସମସ୍ତେ ଏକାସଙ୍ଗେ ଚମକି ପଡ଼ି ଦେଖିଲେ ମିଃ କୁମାର ଓ କିଶୋର ଠିଆ ହୋଇ ହସୁଛନ୍ତି । ଏହି ସମୟଟା ବିଜୟକୁ ଯଥେଷ୍ଟ ସୁଯୋଗ ଦେଲା—ଫଟ୍‌କରି ନଇଁପଡ଼ି ପିସ୍ତଲ ଉଠାଇ ନେଇ ଲକ୍ଷ୍ୟ କଲା । କିନ୍ତୁ ଠିକ୍ ସେଇ-ମୁହୂର୍ତ୍ତରେ ପକେଟ ଭିତରୁ କିଶୋର ରିଭଲ୍‌ଭର୍ ଆବାଜ କଲା ଓ ବିଜୟ ହାତରୁ ପିସ୍ତଲଟା ଛିଟିକି ଯାଇଁ ଖଣ୍ଡେ ଦୂରରେ ପଡ଼ିଲା ।

—ଏବେ ଶାନ୍ତ ରୁଦ୍ର ମିଃ ବଜସ୍ସ—ତୁମେ ନିଶ୍ଚୟ ବୁଝି-ପାରୁଛ ଯେ ମୋର ଲକ୍ଷ୍ୟ କେମିତ ଅବ୍ୟର୍ଥ—ଏହିଥର କଶୋରଙ୍କୁ ପ୍ରଥମ ସୁଯୋଗ ପଡ଼ିଲା ତା'ର ଯୁଦ୍ଧ କୌଶଳ ଦେଖାଇବା ପାଇଁ ।

ମିସ୍ ମାଧୁରୀ ଚମକ ପଡ଼ିଲେ—ତେବେ । ବେହୋସ୍ ହୋଇ ପଡ଼ିଛନ୍ତି କିଏ ?

—ଆମର ଦ୍ୱ ଜଣ ଗୋୟେନ୍ଦା—ପ୍ରତ୍ୟେକ ଥର କୁମାର ଯେ ଠକ ଯାଉଥିବ—ତା' ତ ସମ୍ଭବ ନୁହେଁ—ଖୁବ୍ ଶାନ୍ତ ସ୍ୱରରେ ମିଃ କୁମାର କହିଲେ ।

ବଜସ୍ସକୁ କାଟି ପକାଇବ ତ ତା' ଦେହରେ ବିନ୍ଦୁଏ ରକ୍ତ ନାହିଁ । ମିଃ କୁମାରଙ୍କୁ ଚାହିଁ ଅନୁନୟ ସ୍ୱରରେ କହିଲା—ମୋତେ ବଞ୍ଚାନ୍ତୁ ମିଃ କୁମାର—ଏଥର ଅକୃତକାର୍ଯ୍ୟତାର ପରିଣାମରେ ମୋର ଜୀବନ ସେ ଶୈତାନ ହାତରେ ଧୂଳି ପରି ମିଳାଇଯିବ । ମୋତେ ଯେ କୌଣସି ମତେ ବଞ୍ଚାଇ ନିଅନ୍ତୁ ।

—ତାହାପରେ ବିଚାର କରାଯିବ । ଆଗ ଷ୍ଟେସନରେ ଆମେ ଓହ୍ଲାଇଯିବା—ଟ୍ରେନ୍ ସଙ୍ଗେ ସଙ୍ଗେ ସମାନ ତାଳ ଦେଇ ଆମର କାର୍ ଚାଲିଛି । ଆମେ ସେଥିରେ କଟକକୁ ଫେରିଯିବା । ତା' ପରେ ଅସଲ କାର୍ଯ୍ୟକ୍ରମ ଠିକ୍ କରାଯିବ । ଏତକ କହି ମିଃ କୁମାର ବଜସ୍ସକୁ ପରୀକ୍ଷା କରି ନେଇ ଅନୁମତି ଦେଲେ ବେଞ୍ଚରେ ବସିବା ପାଇଁ । ଶେଖ୍ଜୀ ଏକବାରେ ହାବୁଡୁବୁ ମୁରବି—ତାଙ୍କୁ ଏ ସବୁ ଗୋଟେ ପ୍ରହେଳିକା ଭଳି ଲାଗୁଥାଏ । ବୋକାଙ୍କ ଭଳି ବଲ ବଲ କରି ଅନେଇବା ଛଡ଼ା ଅନ୍ୟ ତାଙ୍କର କାମ କିଛି ନ ଥିଲା । ସମସ୍ତେ ସାମ୍ନା ଷ୍ଟେଶନକୁ ଅନାଇ ରହିଲେ ।

* * * *

ବଜୟଙ୍କୁ ଥାନାରେ ବସାଇ ଜମାନବନ୍ଦୀ ନିଆଯାଉଛି । ପୋଲିସ୍ ଇନ୍ସ୍‌ପେକ୍ଟର ଗଗନ ଲେଖୁଛନ୍ତି ଓ ମିଃ କୁମାର ଜେରା କରୁଛନ୍ତି । ଟିକକ ପରେ ପୋଲିସ୍ ଏସ୍. ପି. ଓ ପୋଲିସ୍ କମିଶନର୍ ଆସି ପହଞ୍ଚିଗଲେ । ମିଃ କୁମାରର ମୁହଁରୁ ଗତ ରାତ୍ରିର ଘଟଣା ଶୁଣି ଆଶ୍ଚର୍ଯ୍ୟ ନ ହୋଇ ରହି ପାରିଲେନି । ବାସ୍ତବିକ୍ ସମସ୍ତେ ଧନ୍ୟବାଦର ଯୋଗ୍ୟ ।

—କିନ୍ତୁ ମିସ୍ ମାଧୁରୀ ଯେ କେମିତି ଭାବରେ ଗଲେ—ସେତିକ ମୋ ମଥାରେ ପଶୁନି—ମିଃ ମାଲ୍ ସନ୍ଦିହାନ ହୋଇ ପ୍ରଶ୍ନ କଲେ ।

—ସେ ବିଷୟରେ ମୁଁ ବି ଏ ପର୍ଯ୍ୟନ୍ତ ଅନ୍ଧକାରରେ ଅଛି—ମୁଁ କିଶୋର ଛଡ଼ା ଏ ବିଷୟରେ ଅନ୍ୟ କାହାରକୁ ଜଣାଇନି । ତେବେ ଆମେ ସିଟ୍‌ତଳେ ଲୁଚିଥିବା ଅବସ୍ଥାରେ ମିସ୍ ମାଧୁରୀ ମଧ୍ୟ ଯାଇଁ ଗୋଟେ ସିଟ୍ ତଳେ ଲୁଚିଲେ । ଆଶ୍ଚର୍ଯ୍ୟ ହୋଇ ଉଠିଥିଲେ ବି ଆମ କାର୍ଯ୍ୟକ୍ରମରେ ବାଧା ଆସିବ ବୋଲି କୌଣସି ପ୍ରଶ୍ନ ନ କରି ଆଗ ଘଟଣାକୁ ଅପେକ୍ଷା କରିଥିଲି । ମିଃ କୁମାର କହିଲେ ।

—ତେବେ ମିସ୍ ମାଧୁରୀ ସେଠାକୁ ଗଲେ କେମିତି ନ ଜାଣି ?

—ମୁଁ ଓ କିଶୋର ଯାଇଥିଲୁଁ ଟ୍ରେନ୍ ଛାଡ଼ିବାର ପ୍ରାୟ ଦୁଇଘଣ୍ଟା ପୂର୍ବରୁ । ମୁଁ ସେ ବିଷୟରେ ଅଧିକା କିଛି ଜାଣେ ନି ସ୍ୟା’ ଅପେକ୍ଷା ।

—ଆଚ୍ଛା—ଆପଣ ଯଦି କିଛି ମନେ ନ କରି ମିସ୍ ମାଧୁରୀଙ୍କୁ ଡକାଇ ପଠାନ୍ତେ—ତେବେ ସମସ୍ତ ସନ୍ଦେହ ପରିଷ୍କାର ହୋଇଯାଆନ୍ତା ।

—ନା—ନା—ମନେ କରିବାର କ'ଣ ଅଛି କହି ମିଃ କୁମାର ଫୋନ୍ ଧରିଲେ । ପ୍ରାୟ ପନ୍ଦର ମିନଟ୍ ପରେ ମଟର ବାଇକ୍‌ରେ ମିସ୍ ମାଧୁରୀ ଆସି ସମସ୍ତଙ୍କୁ ଅଭିବାଦନ ଜଣାଇ ଖଣ୍ଡେ ଚେୟାର୍ ଦଖଲ କଲେ ।

—କ୍ଷମା କରିବେ—ମିସ୍ ମାଧୁରୀ—ଆପଣଙ୍କ ବାହାଦୁରୀ କୌଶଳ ବାସ୍ତବିକ ପ୍ରଶଂସାର ଯୋଗ୍ୟ । କିନ୍ତୁ ଦୁଃଖିତ ଯେ ଅସମୟରେ ଆପଣଙ୍କୁ ଏଠାକୁ ଡକାଇ ଅନେକ ଅଭଦ୍ରାମି କରିଛି —କିଛି ମନେ ନ କରନ୍ତୁ ଯେମିତି ? ମିଃ ପାଲ୍ ଭଦ୍ରତା ଦେଖାଇଲେ ।

—ଏଥିରେ ଆଉ ଅଭଦ୍ରାମି କ'ଣ ରହିଲା ? ଥରେ ତ କହି ଦେଇଛି—ଦରକାର ପଡ଼ିଲେ ଯେକୌଣସି ମୁହୂର୍ତ୍ତରେ ମୋତେ ଡକାଇ ପାରନ୍ତି । ହସି ହସି ଜବାବ୍ ଦେଲେ ମିସ୍ ମାଧୁରୀ ।

—ଗତକାଲି ଆପଣଙ୍କ ତୀକ୍ଷ୍ଣ ବୁଦ୍ଧିର ଯଥେଷ୍ଟ ପରିଚୟ ପାଇଛି । ପୋଲିସ୍ ଯେଉଁ ବ୍ଲଡ୍ ଆକ୍ଟରକୁ ବାଧା ଦେବାପାଇଁ ସକ୍ଷମ ହୋଇ ନ ଥିଲା—ସେଇ ଦୁର୍ଦ୍ଦାନ୍ତ ଦସ୍ୟୁକୁ ଆପଣ ସର୍ବପ୍ରଥମେ ବାଧା ଦେଇ ପାରିଛନ୍ତି, ସେଥିପାଇଁ ବମ୍ବେ ସରକାର ଓ ଜନତା ପକ୍ଷରୁ ମୁଁ ଆପଣଙ୍କୁ ଅଭିନନ୍ଦନ ଜଣାଉଛି ।

—ଆପଣ ମୋତେ ଲଜ୍ଜିତ କରୁଛନ୍ତି ମିଃ ପାଲ୍ ।

—ଅସଂଖ୍ୟ ଧନ୍ୟବାଦ, ହିନ୍ଦୁସ୍ଥାନ ଏପରି ନାରୀ ପାଇ ନିଶ୍ଚୟ ଗର୍ବ ଅନୁଭବ କରିବ । ହଁ—ବର୍ତ୍ତମାନ ମୁଁ କେତେଗୁଡ଼ିଏ ପ୍ରଶ୍ନ ପଚାରି ଆପଣଙ୍କୁ ବିରକ୍ତ କରିବି ।

ବରଂ ଆନନ୍ଦିତ ହେବି ଆପଣଙ୍କ ପ୍ରଶ୍ନର ସଠିକ ଉତ୍ତର ଦେଇ ପାରିଲେ ।

—ମିଃ କୁମାର ଆପଣଙ୍କୁ ନେଇ ଯାଇଥିଲେ ସଙ୍ଗରେ ଶେଠ୍‌ଙ୍କୁ ଉଦ୍ଧାର କରିବାପାଇଁ ? ପ୍ରଥମ ପ୍ରଶ୍ନ କଲେ ମିଃ ପାଲ୍, ଖୁବ୍ ମନଯୋଗ ଦେଇ ଶୁଣୁଥାନ୍ତି ଅନ୍ୟମାନେ । ମିଃ କୁମାର ସିଗାରେଟ୍ ଟାଣିବାରେ ବ୍ୟସ୍ତ ।

—ନା—ସେ ମୋତେ ସଙ୍ଗରେ ନେବା ତ ଦୂରର କଥା —କୌଣସି ସୂଚନା ଏ ପର୍ଯ୍ୟନ୍ତ ଦେଇ ନାହାନ୍ତି ।

—ତେବେ ଆପଣ ପିସ୍ତଲ୍ ନେଇ କାହିଁକି ଯାଇଥିଲେ ଯଦିଓ ଆପଣଙ୍କୁ ଏ ବିଷୟରେ କୌଣସି ସୂଚନା ମିଳି ନ ଥିଲା ।

—ମିଃ କୁମାର ଓ କିଶୋରଙ୍କ କଥାବାର୍ତ୍ତା ମୁଁ ଗୁପ୍ତ ଭାବରେ ଶୁଣି ପାରିଥିଲି । କିନ୍ତୁ ତାଙ୍କ ଯୋଜନା ବିଷୟରେ ଅନଭିଜ୍ଞ ଥିଲି । ଗୋଟାଏ କାମରେ ଯାଉଛୁ—ଦିନେ ଦୁଇଦିନ ଡେରି ହୋଇପାରେ କହି ମୋତେ ସାବଧାନ ରହିବାକୁ ଉପଦେଶ ଦେଇ ଦୁହେଁଯାକ ବାହାରିଗଲେ । ସେମାନେ ବାହାରି ଯିବା ପରେ ମୁଁ ବି ଖଣ୍ଡେ ଭଡ଼ା ଟ୍ୟାକ୍‌ସିରେ ଷ୍ଟେସନ ଗଲି । ବୁକିଂ ଅଫିସରୁ ମିଃ ଅଗ୍ରୱାଲ୍‌ଙ୍କ କାମେରା ନମ୍ବର ଜାଣି ପାରିଲି । ପାଇଲଟ୍ ଆଗରେ ରହିବା ବିପଜ୍ଜନକ ଜାଣି ସିଟ୍ ତଳେ ଯାଇଁ ରହିଲି । ତା'ପରେ ଶେଠ୍‌ଜୀ ଓ ଆମର ଆସାମୀ ବିଜୟ ଉଭୟ ଯାଇ ବସିଲେ । କିଛି ସମୟ ପରେ ଦି'ଜଣ କାବୁଲି ଭଦ୍ରଲୋକ ଯାଇ ପହଞ୍ଚିଲେ । ମୁଁ ଭାବିଲି ଯେ ମିଃ କୁମାର ଓ କିଶୋର ବୋଧେ ଏଇ ଛଦ୍ମବେଶରେ ଆସିଛନ୍ତି । ଗାଡ଼ି ଧୀରେ ଧୀରେ ଚାଲିବାକୁ ଲାଗିଲା । ମୁଁ ଖୁବ୍ ଉଦ୍‌ବିଗ୍ନ ହୋଇ ସେଇ ଅଶୁଭ ମୁହୂର୍ତ୍ତକୁ ଅପେକ୍ଷା କରିବାରେ ଲାଗିଲି । ସାମ୍ନା ଷ୍ଟପେଜରେ କାବୁଲି ଦି'ଜଣ ବ୍ଲଡ୍ ଆକ୍‌ସନର ପ୍ଲାନ୍ ଅନୁଯାୟୀ ବି କପ୍ ମାଦକ ମିଶ୍ରଣ ଚା' ଖାଇ ବେହୋସ ହୋଇଗଲେ । ବିଜୟ ଏଥର ପଥ

ନିଷ୍ଫଳ ଭାବ ଗାଡ଼ ଘୁଞ୍ଚିବା ମାତ୍ରେ ଶେଠ୍‌ଜୀ ଉପରେ ତା'ର ପ୍ରଭାବ ବିସ୍ତାର କଲା । ଆଜ ମୋର ଧୈର୍ଯ୍ୟ ରହିଲାନି । ସିଂ ଚନ୍ଦ୍ର ବାହାର କାର୍ଯ୍ୟକୁ ବାଧା ଦେଲି ।

କିନ୍ତୁ ବଡ଼ ଆଶ୍ଚର୍ଯ୍ୟର କଥା ଯେ ମିଃ କୁମାର ସ୍ତ୍ରୀ' ଭିତରେ ଶ୍ରେଷ୍ଠ ଖେଳାଳୀ ସାବ୍ୟସ୍ତ ହେଲେ । ସେ କେମିତି ଭାବରେ ଜାଣି ପାରିଲେ ଯେ ବ୍ଲାଡ଼୍ ଆକ୍ଟର ଏ ସ୍କୁଲ୍ ସ୍କୁଲବ — ସେ ଛଦ୍ମବେଶରେ ଅନ୍ୟ ଦୁଇଜଣଙ୍କୁ ବସାଇ ଦେଇ ତା'ର ଧ୍ୟାନ ଅନ୍ୟଆଡ଼େ ଲଗାଇ ଦେଲେ । ହିଷ୍ଟପୁରେ ମିଃ ଅଗ୍ରବାଲ୍‌ଙ୍କ ବ୍ୟାଗରୁ ଟଙ୍କା ବାହାର କରି ନେଇ ଅପ୍ରେଲ ପେପର୍ ରଖିଦେଲେ । ଏ ଦୁଇଟା ବି ମୋ ମଥାରେ ପଶୁନି ।

ସମସ୍ତଙ୍କ ମୁହଁ ଆଶ୍ଚର୍ଯ୍ୟରେ ଚଉଡ଼ା ହୋଇଗଲା । ବୋକାଙ୍କ ଭଳି ଜଳ ଜଳ କରି ଅନାଇଁ ରହିଲେ ମିଃ କୁମାରଙ୍କ ଆଡ଼େ । ମିଃ ପାଲ୍ ନିଜକୁ ଆୟତ୍ତ କରି ପଚାରିଲେ — ଏ କଥା ତ ଆମକୁ ଜଣାଇ ନାହାନ୍ତି ଏତେବେଳଯାଏ — ମିଃ କୁମାର ।

— ଦରକାର ମନେ କରିନି ବୋଲି । ଗୋଡ଼ ଛନ୍ଦ ହୋଇ ବୁଡ଼ି ମରିବା ଭଳି ବ୍ଲାଡ଼୍ ଆକ୍ଟରକୁ ତା'ରି ସ୍କୁଲ୍‌ରେ ତାକୁ ପରାସ୍ତ କରି ହେବ — ଅନ୍ୟଥା ସମ୍ଭବ ନୁହେଁ । ଶେଠ୍‌ଜୀଙ୍କ ବ୍ୟାଗ୍‌ରୁ ଟଙ୍କା ମୁଁ ସ୍ନେଇ ନେଇଥିଲି — ଭାବୀ ବିପଦ ଆଶଙ୍କାରେ । ତା' ପରେ ଶେଠ୍‌ଜୀଙ୍କୁ ତାଙ୍କ ଟଙ୍କା ଦେଇ ସେଇ ଟ୍ରେନରେ ଦିଲ୍ଲୀ ପଠାଇ ଦେଇଛି । ସେ ହୁଏତ ଏଇ ତିନ ଦିନ ପରେ ଫେରି ଆପଣଙ୍କୁ ଦେଖା କରିବେ ।

ଅତ୍ୟଧିକ ଆନନ୍ଦରେ ଫାଟି ପଡ଼ୁଥିଲେ ମିଃ ପାଲ୍ — କି ଭାଷାରେ ଯେ ମୁଁ ଆପଣଙ୍କୁ, କିଶୋରକୁ ଓ ମିସ୍ ମାଧୁରୀଙ୍କୁ ଧନ୍ୟବାଦ ଦେବି — ତା' ଠିକ୍ ଖୋଜି ପାଉନି । କିଶୋର ବି ଏକ

ଆଶ୍ଚର୍ଯ୍ୟଜନକ ଭାବରେ ବିଜୟଙ୍କୁ ନିରସ୍ତ କରି ଦେଇଛନ୍ତି । ନଚେତ୍ ଆପଣଙ୍କ ସମସ୍ତ କୌଶଳ କୁଆଡ଼େ ମିଳାଇ ଯାଇଥାନ୍ତା । ସମଗ୍ର ପୋଲିସ୍ ବାହିନୀ ପକ୍ଷରେ ଯାହା ଅସମ୍ଭବ ହୋଇଛି—ତା' ଆପଣ ଏଇ ତିନିଜଣଙ୍କ ସାହସ, ବୁଦ୍ଧି ଓ ଅଧ୍ୟବସାୟ ଦ୍ୱାରା ସମ୍ଭବ ହେବ । ବ୍ଲୁଡ୍ ଆକ୍ଟର ନିଶ୍ଚୟ ଆଉ ବେଶି ଦିନ ତିଷ୍ଠି ପାରିବନି ।

—ସେ ଆଲୋଚନା ପରେ କରାଯିବ । ବର୍ତ୍ତମାନ ମୁଁ ଗୋଟେ ଅନୁରୋଧ ଆପଣଙ୍କୁ କରିବି । ମିସ୍ ମାଧୁରୀ କହିଲେ ।

ହଁ—ହଁ—କୁହନ୍ତୁ—ଅନୁରୋଧ କୁହେଁ—ଇଚ୍ଛା ।

—ବିଜୟଙ୍କୁ ବାଧା ଦେବାରୁ ସେ ମୋ ନିକଟରେ ଜୀବନ ଭିକ୍ଷା କରିଛି ଓ ମୁଁ ତାଙ୍କୁ ପ୍ରତିଶ୍ରୁତି ମଧ୍ୟ ଦେଇଛି ବଞ୍ଚାଇବାପାଇଁ ।

*   *   *   *

ଦୁଃଖର କଥା ମିସ୍ ମାଧୁରୀ—ଏ କଥା ଆପଣଙ୍କର ରକ୍ଷା-କରି ପାରିବୁନି । ଏତେବଡ଼ ଜଘନ୍ୟ ଅପରାଧୀକୁ କାନୁନ୍ ହାତରୁ କେହି ରକ୍ଷାକରି ପାରିବେନି ।

—କାନୁନ୍ କଥା କହୁନି—ବ୍ଲୁଡ୍ ଆକ୍ଟର ହାତରୁ ବଞ୍ଚାଇବା କଥା କହୁଛି । ଗତଥର ବିଜୟ ସଫଳ ହୋଇ ନ ଥିଲା । ସେ ଶୈତାନର ନିୟମ ଅନୁଯାୟୀ ବିଜୟଙ୍କୁ ସଂସାରରୁ ଲୋପ କରିଦେବା ତା'ର କର୍ତ୍ତବ୍ୟ । କିନ୍ତୁ ଜୀବନ ଭିକ୍ଷା କରି ପୁଣି ଏ କାମର ଦାୟିତ୍ୱ ବିଜୟ ନେଇଥିଲା । ଏଥର ଏମିତି ଫେରିଗଲେ ତା'ର ମୃତ୍ୟୁ ଅବଶ୍ୟମ୍ଭାବୀ । ତେଣୁ ବ୍ଲୁଡ୍ ଆକ୍ଟର ହାତରୁ ବଞ୍ଚାଇବାର ଜବାବ ମୁଁ ଦେଇଛି ।

—ସେ ବିଷୟରେ ମୁଁ ସନ୍ଦିହାନ ମିସ୍ ମାଧୁରୀ, ମିଃ କୁମାର ଖୁବ୍ ଗମ୍ଭୀର ସ୍ୱରରେ କହିଲେ । ବିଜୟଙ୍କୁ ଧରି ଦେଇ କହୁଛନ୍ତି ବୋଧେ ଯେ ବ୍ଲୁଡ୍ ଆକ୍ଟରଙ୍କୁ ଧରାଇ କରି ଦେଇଛନ୍ତି । ଏ ଧାରଣା

ଆପଣଙ୍କର ଭୁଲ୍ । ବିଜୟଙ୍କୁ ତା' ହାତରୁ ବଞ୍ଚାଇବା ଅସମ୍ଭବ ମନେ ହେଉଛି ।

ଖୁବ୍ ରୁକ୍ଷଗଳାରେ ମିଃ ପାଲ୍ କହିଲେ—ଆପଣ ହୁଏତ ଅସମ୍ଭବ ମନେ କରନ୍ତି—ତା' ବୋଲି ଦୁନିଆ କ'ଣ ଅସମ୍ଭବ ମନେ କରିବ ! ଆପଣ ନିଶ୍ଚିନ୍ତ ରହନ୍ତୁ ମିସ୍ ମାଧୁରୀ । ସେ ଶୈତାନ ହାତରୁ ବିଜୟଙ୍କୁ ରକ୍ଷା କରିବାର ଦାୟିତ୍ୱ ମୋର । ଇନ୍ସ୍‌ପେକ୍ଟର—ଆପଣ ଜେଲ୍ ଓ୍ୱାର୍ଡ଼ରେ ଖୁବ୍ କଡ଼ା ପ୍ରହରୀର ବ୍ୟବସ୍ଥା କରନ୍ତୁ—ଟିକିଏ ଯେମିତି ଭୁଲ୍ ନ ହୁଏ । ଗଗନବାବୁ ଏତିକି କହି ମିଃ କୁମାରଙ୍କୁ ଲକ୍ଷ୍ୟକରି କହିଲେ—ଆପଣଙ୍କର ଦୁର୍ବଳତା କ୍ଲାଉଡ୍ ଆର୍ଚରଙ୍କ ସାମ୍ନାରେ ଦିନକୁଦିନ ବଢ଼ି ଚାଲିଛି । ସେ ଶୈତାନଟାକୁ ଯଦି କାନୁନ୍‌ଠାରୁ ଯଥେଷ୍ଟ ଶକ୍ତିଶାଳୀ ମନେ କରୁଥାନ୍ତି—ତେବେ ସ୍ପଷ୍ଟ ଏ ରାସ୍ତା ଛାଡ଼ି ଦିଅନ୍ତୁ ।

—ଏ ରାସ୍ତା ବୋଧେ ଛାଡ଼ିପାରିବି ମୃତ୍ୟୁର ପରଦିନ । ବର୍ତ୍ତମାନ ଅବସ୍ଥାରେ ଏଥିରୁ ବିଦାୟ ନେଇ ପେପର୍ ଖୋରାକ ବଢ଼ାଇବା ଓ ଧନଜୀବନକୁ ଅଧିକ ବିପଦାପନ୍ନ କରିବା ମୋର ଇଚ୍ଛା ନୁହେଁ । ତେଣୁ ବର୍ତ୍ତମାନ ବିଦାୟ ନେବାର ପ୍ରଶ୍ନ ମୋଟେ ମୋ ମନରେ ଉଠୁନି ।

—କେବଳ ପେପର୍ ଗୁଡ଼ାକର ଭୟରେ ବୋଧେ ଆପଣ ଏ ଦାୟିତ୍ୱ ଛାଡ଼ିବାକୁ ନାରାଜ ?

—ଅପରାଧୀକୁ ନିରଙ୍କୁଶ କ୍ଷମତା ଦେବାର ସମ୍ଭାବନା ବେଶୀ ।

—ଆପଣ ଏବେ ସୁଦ୍ଧା କ'ଣ ଏ ଦୁରାକାଂକ୍ଷା ପୋଷଣ କରୁଛନ୍ତି ଯେ, କ୍ଲାଉଡ୍ ଆର୍ଚରଙ୍କୁ ଦଣ୍ଡ ଦେବା ପାଇଁ କେବଳ ଆପଣଙ୍କ ଏକମାତ୍ର ଅଧିକାର ।

—ସେ କଥା ମୁଁ କହୁନ ଓ ସେ ଦୁରାକାଂକ୍ଷା ନ ଦେଖାଇବା ପର୍ଯ୍ୟନ୍ତ କୌଣସି ଯୁକ୍ତି କରିବା ମୁଁ ଉଚିତ୍ ମନେ କରୁନ ।

—ଆପଣଙ୍କ ଉଦ୍ଦେଶ୍ୟ ମୁଁ ମୋଟେ ବୁଝି ପାରୁନ।

—ଯଥା ସମୟରେ ମୋର ଉଦ୍ଦେଶ୍ୟ ବୁଝି ପାରିବେ ।

ଆଚ୍ଛା, ସେ ସୁସମୟ ପାଇଁ ମୁଁ ଅପେକ୍ଷା କରୁଛି । କିନ୍ତୁ ମନେ ରଖନ୍ତୁ ସମସ୍ତେ—ବ୍ଲଡ଼୍ ଆକ୍ଟର ଦେଶର ଶତ୍ରୁ—ଜାତିର ଶତ୍ରୁ—ତା' ବିପକ୍ଷରେ ଦରକାର ପଡ଼ିଲେ ଲକ୍ଷ ଲକ୍ଷ ଟଙ୍କା ଓ ଜୀବନ ପର୍ଯ୍ୟନ୍ତ ଲଗାଇ ଦିଆଯିବ ।

ତା' ପାଇଁ ଆମର କୌଣସି ଦୁର୍ବଳ କଦମ୍ ନ ଉଠେ ଯେମିତି । ତାକୁ କାନୁନ୍ ହାତରେ ଟେକି ଦେବା ଆମର କର୍ତ୍ତବ୍ୟ ଏ କଥା ନ ଭୁଲନ୍ତୁ ଯେମିତି କେହି । ପ୍ରତ୍ୟେକ ବିଷୟରେ ମୋତେ ସୂଚନା ଦେଉଥିବେ —ଏବେ ଚାଲିଲି । ଆଚ୍ଛା ମିସ୍-ମାଧୁରୀ ଆପଣ ବି ଆମ ଅଭିଯାନର ଜଣେ ସକ୍ଷମ ନେତ୍ରୀ । ବାପାଙ୍କ ଖୁନ୍‌ର ପ୍ରତିଶୋଧ ନେବା ସଙ୍ଗେ ସଙ୍ଗେ ଦେଶ ପାଇଁ ମଧ୍ୟ ଆପଣଙ୍କର ଅନେକ କର୍ତ୍ତବ୍ୟ ଅଛି ।

ସମସ୍ତେ ରେସ୍ତୋର୍ ଛାଡ଼ି ମିଃ ପାଲ୍‌ଙ୍କ କାର୍ ପର୍ଯ୍ୟନ୍ତ ଆସିଲେ ।

*     *     *     *

( ୯ )

ଦୁଇଦିନ ପରେ—

ସକାଳରୁ ସ୍ନାନ ପର୍ବ ସମାଧାନ ପରେ ମିଃ କୁମାର ଓ କିଶୋର ଦୁହେଁ କାର୍ ଖଣ୍ଡିକ ନେଇ ବାହାରିପଡ଼ିଲେ—କାଳେ କୌଣସି ସୂତ୍ର ମିଳିଯାଉ ।

ବ୍ଲଡ଼୍ ଆକ୍ଟରଙ୍କୁ ସୂଟରେ ଧରିବା କ'ଣ ଏଡ଼େ ସହଜ ! ନାଁ ଟା କେବଳ ତା'ର ବ୍ଲଡ଼୍ ଆକ୍ଟର ନୁହେଁ—କାମରେ ବି ସେ ପୁରା ଓସ୍ତାଦ୍ । ତଥାପି ମଣିଷ ଆଶା ତ !

ମିସ୍ ମାଧୁରୀ ଡ୍ରଇଂରୁମ୍‌ରେ ବସି ଆଜିକାର ପେପର ଦେଖୁଛନ୍ତି । ବ୍ଲଡ଼୍ ଆକ୍ଟରର ସଦସ୍ୟ ବିଜୟ ଗ୍ରେପ୍ତାର—ଶେଠ୍ ଅଗ୍ରୱାଲ୍‌ଙ୍କର ଧନ ଓ ଜୀବନ ରକ୍ଷା—ମିଃ କୁମାର, କିଶୋର ଓ ମିସ୍ ମାଧୁରୀଙ୍କ ବାହାଦୁରୀ ଆଦି ଭଲ ଭାବେ ପେପର୍‌ରେ ପ୍ରକାଶ କରାଯାଇଛି । ଯେମିତି କି ପେପର ଗୁଡ଼ାକର ରିପୋର୍ଟର ମାନେ ନିଜ ଆଖିରେ ଏ ସବୁ ଘଟଣା ଗୁଡ଼ାକ ଦେଖିଛନ୍ତି । ଆଉ କପେ ଚା' ମଗାଇଲେ ।

ଚା' କପ୍ ଟା ଫାଙ୍କା ପଡ଼ିଲା ବେଳକୁ ଦରୱାନ୍ ଆଣି ଖଣ୍ଡେ ପରିଚୟ କାର୍ଡ଼ ମିସ୍ ମାଧୁରୀଙ୍କୁ ଦେଇଗଲା । ବିନା ସଙ୍କୋଚରେ ଆଗନ୍ତୁକଙ୍କୁ ଆସିବାପାଇଁ ଅନୁମତି ମିଳିଗଲା ।

ଜଣେ ସୌମ୍ୟ ଯୁବକ ଭିତରକୁ ଆସି ମିସ୍ ମାଧୁରୀଙ୍କୁ ନମସ୍କାର ଜଣାଇଲେ । ମିସ୍ ମାଧୁରୀ ମଧ୍ୟ ପ୍ରତିନମସ୍କାର ଜଣାଇ ଚେୟାର୍ ନିର୍ଦ୍ଦେଶ କଲେ ।

—ମୁଁ ଶେଠ୍ ଭଗବାନ୍‌ପ୍ରସାଦ ଅଗ୍ରୱାଲ୍‌ଙ୍କ ପୁତ୍ର ରଘୁନାଥ—ହଠାତ୍ ଆସି ପହଞ୍ଚି ଆପଣଙ୍କୁ ଅନେକ ଅସୁବିଧାରେ ପକାଇଲି—କ୍ଷମା ଦେବେ ।

—ନା—ନା—ଅସୁବିଧା କ'ଣ—ବରଂ ଦର୍ଶନ କରିବାର ସୁଯୋଗ ପାଇ ଆନନ୍ଦ ହୋଇଛି । ଚାକରକୁ ଚା' ଆଣିବାପାଇଁ କହିଲେ ।

—ବାପାଙ୍କ ଜୀବନ ରକ୍ଷା କରି ଆପଣ ଯେଉଁ ମହାନ୍ ଉଦାରତାର ପରିଚୟ ଦେଇଛନ୍ତି—ସେଥିପାଇଁ କେଉଁ ଭାଷାରେ ଯେ ଧନ୍ୟବାଦ ଜଣାଇବି—ତା' ଠିକ୍ କରିପାରୁନି ।

—ମୁଁ ତ ସେମିତି କିଛି ଧନ୍ୟବାଦ ପାଇବାର କାମ କରିନି । ଜଣେ ସାଧାରଣ ମଣିଷର ଯାହା କର୍ତ୍ତବ୍ୟ—ମୁଁ କେବଳ ସେତିକି କରିଛି । ମୋତେ ଆପଣ ଅଯଥା ଲଜ୍ଜିତ କରୁଛନ୍ତି ମାତ୍ର ।

—ମଣିଷର କର୍ତ୍ତବ୍ୟ ଯଦି ମଣିଷକୁ ବଞ୍ଚାଇବା—ତେବେ ବ୍ଲଡ୍ ଆକ୍ଟରେ ହତ୍ୟା କରୁଛି କାହିଁକି ?

—ସେଠା ତା'ର କର୍ତ୍ତବ୍ୟ—ଯେହେତୁ ସେ ଅପରାଧୀ ।

—ହତ୍ୟା କରିବା ବ୍ୟକ୍ତି ଯଦି ଅପରାଧୀ ହୁଏ—ତେବେ ମଣିଷକୁ ରକ୍ଷାକରିବା ବ୍ୟକ୍ତି କାହିଁକି ମହାନ୍ ହେବନି ?

ମିସ୍ ମାଧୁରୀ ଯୁ'ର ଯଥାଯଥ ଉତ୍ତର ଦେବାକୁ ଭାଷା ପାଇଲେନି ।

—ବାପାଙ୍କର ଅନୁରୋଧ—ଆପଣ ଦୟାକରି ତାଙ୍କର ଆତିଥ୍ୟ ଗ୍ରହଣ କରିବେ । ସେ ନିଜେ ଆସିଥାନ୍ତେ—କିନ୍ତୁ ତାଙ୍କର କେତେକ ଦାୟିତ୍ୱ ଯୋଗୁଁ ଆସି ନ ପାରି ଦୁଃଖିତ ହୋଇ ମୋତେ ପଠାଇଛନ୍ତି । ଫୋନ୍‌ରେ କନେକସନ୍ ଲଗାଇ ଟିକିଏ ଖବର ନିଅନ୍ତୁ କଷ୍ଟ କରି ।

ମିସ୍ ମାଧୁରୀ ରଘୁନାଥଠାରୁ ଫୋନ୍ ନମ୍ବର ନେଇ ଡାକିବା ମାତ୍ରେ ସେପଟୁ ଶେଠ୍ ଅଗ୍ରୱାଲ୍‌ଙ୍କ କଣ୍ଠସ୍ୱର ଶୁଣାଗଲା—ହଁ ମାଧୁରୀ—ତୁମେ ଶୀଘ୍ର ଯେମିତି ଆସି ମୋତେ ଦେଖାକର—କେତେକ ଦାୟିତ୍ୱ ଯୋଗୁଁ ଯାଇ ପାରିଲିନି । ତୁମର ବାପା ରାମଲାଲ୍ ମୋର ବନ୍ଧୁ । ତୁମେ କଲିକତାରୁ ଆସିଯାଇଛ ଓ ମୋ ବିପଦ ସମୟରେ ଧୂମକେତୁ ଭଳି ପହଞ୍ଚି ମୋତେ ରକ୍ଷା କରିଛ । ଯଦି ଦୟାକରି ସମୟ ଘଣ୍ଟାଏ ବାହାର କରି ରଘୁନାଥ ସଙ୍ଗରେ ଆସିପାର—ତେବେ ମୋର ସୌଭାଗ୍ୟ ବୋଲି ମନେ କରିବି ।

ମିସ୍ ମାଧୁରୀ ମଧ୍ୟ ଆସୁଛନ୍ତି ବୋଲି ଜବାବ ଦେଇଦେଲେ ।

ଗ୍ଲାସ୍ ଏ କପ୍ ଖାଇସାରି ରଘୁନାଥଙ୍କୁ ମିସ୍ ମାଧୁରୀ କହିଗଲେ ଯେ, ମିଃ ଅଗ୍ରୱାଲ୍‌ଙ୍କ ଘରକୁ ଯାଉଛନ୍ତି ତାଙ୍କ ପୁଅ ସଙ୍ଗରେ— ବୋଧେ ଘଣ୍ଟାକ ଭିତରେ ଫେରିବେ । ମିଃ କୁମାର ଯେମିତି ଖୋଜା ଖୋଜି ନ କରନ୍ତି ।

ରଘୁନାଥ କାର୍‌ର ଦରଜା ଖୋଲି ପଛ ସିଟ୍‌ରେ ମିସ୍ ମାଧୁରୀଙ୍କ ପାଖରେ ଯାଇଁ ବସିଲେ । ଡ୍ରାଇଭର ଗାଡ଼ିରେ ଷ୍ଟାର୍ଟ ଦେଲା ।

କେତେ ଅଙ୍କାବଙ୍କା ଜନଗହଳି ପୂର୍ଣ୍ଣ ରାସ୍ତା କଟାଇ କାର୍‌ଟା ଆସି ଗୋଟେ ନିର୍ଜନ ପ୍ରାନ୍ତରରେ ଯେତେବେଳେ ଠିଆ ହେଲା— ସେତେବେଳେ ଯାଇଁ ମିସ୍ ମାଧୁରୀ ବୁଝିଲେ ଯେ ସେ ଅନୁଚିତ ରାସ୍ତାରେ ଆସିଛନ୍ତି । କିନ୍ତୁ ସେତେବେଳକୁ ଅନେକ ଡେରି ହୋଇ ଯାଇଥିଲା । ରଘୁନାଥ ଆଡ଼କୁ ଅନାଇ ଖୁବ୍ ଆଶ୍ଚର୍ଯ୍ୟଜନକ ଭାବରେ ଚମକି ଉଠିଲେ—ମୁହଁରେ ପୁଣି ରହିଛି ତାଚ୍ଛଲ୍ୟଭରା ହସ । ଆଗ ସିଟର ଡ୍ରାଇଭର୍‌ଟା ପଗଡ଼ି ଖୋଲିବାରେ ବ୍ୟସ୍ତ । ସେ ଦୁହେଁ ଯେ ସେଇ ଦସ୍ୟୁ ବ୍ଲଡ୍ ଆକ୍‌ଟର ଓ ଚପଳା—ସ୍ୱୀ' ମିସ୍ ମାଧୁରୀ ଭଲ ଭାବେ ବୁଝି ପାରିଲେ ।

ଏକ୍‌ସକ୍ୟୁଜ୍ ମାଡ଼ମ—ବୋଧେ ଆମକୁ ଚିହ୍ନି ସାରିଲେଣି । ଏମିତି ପ୍ରତାରଣା କରି ଆଣିବା ଛଡ଼ା ଅନ୍ୟ ଉପାୟ କିଛି ନ ଥିଲା, ତେଣୁ ଆମେ ଦୁଃଖିତ ।

ମିସ୍ ମାଧୁରୀଙ୍କୁ ଏସବୁ ଇନ୍ଦ୍ରଜାଲ ଭଳି ପ୍ରତୀତ ହେଉଥିଲେ ମଧ୍ୟ ସ୍ପଷ୍ଟଭାବେ ବୁଝି ସାରିଲେଣି ଯେ, ସେ ବର୍ତ୍ତମାନ ଦସ୍ୟୁ ହାତରେ ବନ୍ଦୀ । ତଥାପି ତାଙ୍କର ନୈତିକ ସାହସ ଯଥେଷ୍ଟ ।

ରୁକ୍ଷକଣ୍ଠରେ ପଚ୍ଚାରିଲେ—ମୋତେ ଏମିତି ଭାବେ ଆଣିବାର ଉଦ୍ଦେଶ୍ୟ ?

—ଉଦ୍ଦେଶ୍ୟଟା ଖୁବ୍ ପରିଷ୍କାର ଓ ଆପଣ ଆମ ହାତରେ ବନ୍ଦୀ ।

—ସାଧାରଣ ନାରୀ ଭଳି ମୋତେ ମନେ କରିବା ତୁମର ମୂର୍ଖତା, ବ୍ଲାକ୍ ଆଲ୍ଫର !

ଧନ୍ୟବାଦ—ଅସାଧାରଣ ମନେ କରିବାର ପାଣ୍ଡିତ୍ୟ ଆମର ମୋଟେ ଦରକାରରେ ଆସିବନି ।

ବର୍ତ୍ତମାନ ଅବସ୍ଥାରେ ମୋର ଏକଥା କହିବା ହାସ୍ୟାସ୍ପଦ ହେଲେ ମଧ୍ୟ ମୁଁ ଖୁବ୍ ଜୋରୁ ଦେଇ କହିପାରେ ଯେ, ଜଣେ ଦସ୍ୟୁ ପକ୍ଷରେ ମୋତେ ବନ୍ଦୀ କରି ବେଶି ଦିନ ରଖିବା କେବଳ କଷ୍ଟକର ନୁହେଁ—ଅସମ୍ଭବ ମଧ୍ୟ ।

—ବ୍ଲାକ୍ ଆଲ୍ଫର, ତା'ର କାମ ଭଲ ଭାବରେ ଜାଣେ—ତେଣୁ ସେ କାହାର ପରାମର୍ଶକୁ ଅପେକ୍ଷା କରେନା ।

—ବ୍ଲାକ୍ ଆଲ୍ଫର ମନେ ରଖ—ମିଃ କୁମାର ବର୍ତ୍ତମାନ ସୁଦ୍ଧା ମୁକ୍ତ ଅଛନ୍ତି ତୁମର ବାଧା ଦେବା ପାଇଁ ।

—କିନ୍ତୁ ଦୁଃଖିତ ମୁଁ ମିସ୍ ମାଧୁରୀ—ମିଃ କୁମାର ବୋଧେ ଆଉ ଆପଣଙ୍କୁ ଦର୍ଶନ କରିବାର ସୁଯୋଗ ପାଇବେନି । ସେଦିନ ବିଜୟପୁର କାର୍ଯ୍ୟରେ ବୋଧେ ପ୍ରଥମେ ଆପଣ ବାଧା ଦେଇଥିଲେ ? ହଁ, ଗୋଟେ କଥା ଭୁଲିଯାଉଛି—ଆପଣଙ୍କୁ ହରଣ କରି ମିଃ କୁମାରଙ୍କୁ ଉତ୍ତ୍ୟକ୍ତ କରିବା ମୋର ଉଦ୍ଦେଶ୍ୟ । ଆପଣ ବୋଧେ ମୋ କାର୍ଯ୍ୟରେ ବାଧା ପହଞ୍ଚାଇଥିଲେ ସେଦିନ—ସ୍ମୃତି'ର ଉତ୍ତର ଦେବେ କି ?

କ୍ରୋଧରେ ଉନ୍ମତ୍ତ ହୋଇ ଖୁବ୍ ଗର୍ବର ସହିତ ବନ୍ଧୁକ ନଳ ଭଳି ମିସ୍ ମାଧୁରୀ କହିଲେ—ଆଜ୍ଞା ହଁ—ମୁଁ ବାଧା ଦେଇଥିଲି ।

ଏ ଗର୍ବର ପ୍ରାୟଶ୍ଚିତ୍ତ ପାଇଁ ଆଜଠାରୁ ପ୍ରସ୍ତୁତ ରୁହନ୍ତୁ । ବ୍ଲୁଡ୍ ଆଲଷ୍ଟର ଦସ୍ୟୁ ହେଲେ ମଧ୍ୟ ଭଦ୍ରାମି ଜାଣେ ।

—ଭଦ୍ରାମିର ବହର ପରେ ଜଣାଯିବ—ମୁଁ ବର୍ତ୍ତମାନ ପକ୍ଷରେ—ପ୍ରାୟଶ୍ଚିତ୍ତ କରିବା ପର୍ଯ୍ୟନ୍ତ ଅଟକ ରଖିବାର କ୍ଷମତା ଯଦି ତୁମର ନ ଥାଏ—

—ତେବେ ସେଟା ଆପଣଙ୍କର ବିଶେଷ ସୌଭାଗ୍ୟ ବୋଲି ମନେ କରିବାକୁ ହେବ । ମିସ୍ ଚପଳା—ଗାଡ଼ି ଷ୍ଟାର୍ଟ କର ।

—ଜୀବନର ମମତା ଥିଲେ ଗାଡ଼ିକୁ ଟିକିଏ ହଲ୍‌ଚଲ୍ କରନା ଓ ହାତ ପକେଟ ଆଡ଼କୁ ନଅନା । ମିସ୍ ମାଧୁରୀଙ୍କ ହାତରେ ଗୋଟେ ଅଟମେଟିକ୍ ପିସ୍ତଲ ବିଜୁଳି ଫୁର୍ତ୍ତିରେ ଚମକି ଉଠିଲା । ସଙ୍ଗେ ସଙ୍ଗେ ମିସ୍ ଚପଳା ଓ ବ୍ଲୁଡ୍ ଆଲଷ୍ଟର ହାତ ଉଠାଇ ଦେଲେ ଉପରକୁ ।

—ମିସ୍ ମାଧୁରୀ—ଆଉ ଡେରି କାହିଁକି ? ଟ୍ରିଗର ଦବାନ୍ତୁ—ହସି ହସି ବ୍ଲୁଡ୍ ଆଲଷ୍ଟର କହିଲା—ଭୟର ଲେଶ ମୋଟେ ନାହିଁ ।

—ସେଟା ମୋ ଇଚ୍ଛା ଉପରେ ନିର୍ଭର କରେ—ପକେଟ ଆଡ଼କୁ ହାତ ନେବାର ମୂର୍ଖତା ନ କର ଯେମିତି ।

ହୋ ହୋ ହୋଇ ହସିଉଠିଲା ବ୍ଲୁଡ୍ ଆଲଷ୍ଟର । କି ନିର୍ମମ ଓ ବିକଟ ସେ ହସ—ପିସ୍ତଲ ଆଗରେ ହାତଟେକି ବି ଜଣେ କ'ଣ ଏମିତି ହସିପାରେ ! "ଆପଣଙ୍କ ଭୟରେ ନା ଏଇ ଆଠଇଞ୍ଚ ଲମ୍ବା ଲୁହା ଖଣ୍ଡିକ ଭୟରେ ?"

ଔଦ୍ଧତ୍ୟର ସୀମା ଟପିବାକୁ ଚେଷ୍ଟା କରନା—ନଚେତ୍ ମୋଠାରୁ ନିର୍ମମ କେହି ହେବନି । ମାଧୁରୀ ଉତ୍ତର ଦେଲେ ।

—ସଫାକୁହ ଯେ, ଅନ୍ୟଥା ଫାଇଟ୍ କରିବ । ସମସ୍ତେ ମୃତ୍ୟୁର ସ୍ୱପ୍ନ ଦେଖନ୍ତି—ତା' ଆଜି ଯଦି ମୋ ଭାଗ୍ୟରେ ଘଟିବାପାଇଁ ଆସେ—ତେବେ ମୁଁ ତ ତାକୁ ସାଦର ଅଭ୍ୟର୍ଥନା ଜଣାଇବି ।

ଠିକ୍ ଏଇ ସମୟରେ ମିସ୍ ମାଧୁରୀ ଗୋଡ଼ରେ ଗୋଟେ କ'ଣ ଲାଗିଲା ଭଳି ଅନୁମାନ କଲେ—ସଙ୍ଗେ ସଙ୍ଗେ ନିଜର କର୍ତ୍ତବ୍ୟ ଭୁଲି ଆଖି ଦିଟା ତଳକୁ ନଇଁ ଆସିଲା । ବାସ୍, ବ୍ଲଡ୍ ଆଇର କୌଶଳରେ ଏତିକି ସମୟ ମାତ୍ର ମିସ୍ ମାଧୁରୀଙ୍କୁ ବିପଦରେ ପକାଇବା ପାଇଁ ଯଥେଷ୍ଟ—ବନ୍ଦୀ ଅବସ୍ଥାରେ ଚୁପ୍ ହୋଇ ବସି ରହିଲେ—ତାଙ୍କରି ଛୁରିକୁ ଅନାଇ ରହିଛି ଲୋକଟି ଆଖିରେ ତାଙ୍କରି ପିସ୍ତଲ । କାର୍‌ଟା ଆଗେଇ ଚାଲିଲା ଯେମିତି ସ୍ପୀଡ୍ ଭିତରେ କିଛି ହୋଇନି । ମିସ୍ ମାଧୁରୀ ନିଜକୁ ଧିକ୍କାରିବାରେ ଲାଗିଥାନ୍ତି ମନେ ମନେ ।

ପ୍ରାୟ ଘଣ୍ଟା ପରେ ମିଃ କୁମାରଙ୍କ କାର୍ ଫେରି ଆସିଲା । ମିସ୍ ମାଧୁରୀଙ୍କ ସାକ୍ଷାତ ନ ପାଇ ନୌକରକୁ ଡାକିଲେ । ନୌକର ଜଣାଇଲା ଯେ ଶେଠ୍ ଅଗ୍ରୱାଲ୍‌ଙ୍କ ପୁଅ ଆସି ମିସ୍ ମାଧୁରୀଙ୍କୁ ତାଙ୍କ ଘରକୁ ନେଇ ଯାଇଛନ୍ତି । ହୁଁ' କହେ ମଗାଇଲେ ।

ରହି ରହି ମିଃ କୁମାରଙ୍କ ସନ୍ଦେହୀ ମନତଳେ ଗୋଟେ ପ୍ରଶ୍ନ ବାରମ୍ବାର ଉଙ୍କି ମାରୁଥାଏ—ବ୍ଲଡ୍ ଆଇର କବଳରେ ପଡ଼ିନାହାନ୍ତି ତ ? ଯେତେ ଚେଷ୍ଟା କଲେ ମଧ୍ୟ ଏ ସନ୍ଦେହ ଦୂରେଇବା ଦୂରର କଥା ବରଂ ବେଳକୁବେଳ ପୂର୍ଣ୍ଣରୂପରେ ତାଙ୍କ ମନ ଉପରେ ପ୍ରଭାବ

ପକାଇଲା । ମନକୁ ଆୟତ୍ତ କରି ନ ପାରି ସନ୍ଦେହ ଦୂର କରିବା ପାଇଁ ଫୋନ୍ ଧରିଲେ ।

—ହ୍ୟାଲୋ—ହ୍ୟାଲୋ—ଶେଠ୍‌ଜୀ କାହାନ୍ତି—ଏଁ, ସେ ଦିଲ୍ଲୀରୁ ଫେରି ନାହାନ୍ତି—ଆପଣ—ଓଃ ସେକ୍ରେଟେରୀ—ମିସ୍ ମାଧୁରୀ ନାମକ କେହି ଜଣେ ଯୁବତୀ ସେଠାକୁ ଯାଇ ନାହାନ୍ତି ବୋଲି—ଶେଠ୍‌ଜୀଙ୍କ ପୁତ୍ର ରଘୁନାଥଜୀ କ'ଣ କାର୍ ନେଇ ଆସି ନ ଥିଲେ—ନା—ଆଚ୍ଛା ଧନ୍ୟବାଦ—ମୁଁ କୁମାର—ରିସିଭର୍‌ଟା ଛାଡ଼ିବା ପୂର୍ବରୁ ସେ ଆପଣାଛାଏଁ ହାତରୁ ଖସି ପଡ଼ିଲା । ଏକ ଅଜଣା ଆଶଙ୍କାରେ ତାଙ୍କର ଅନ୍ତର ଥରି ଉଠିଲା । ମାତାଲଙ୍କ ଭଳି ଯାଇ ଗୋଟେ ଆରାମ ଚୌକି ଉପରେ ବସି ପଡ଼ିଲେ । ସତେ କି ତାଙ୍କର ଜୀବନୀ ଶକ୍ତିଟା କ୍ରମେ କ୍ରମେ କ୍ଷୀଣ ହୋଇଆସୁଛି ।

ଏହି ସମୟରେ ଟ୍ରିଂ ଟ୍ରିଂ ଆବାଜ ପାଇ ଫୋନ୍ ଧରିଲେ —ହ୍ୟାଲୋ—ସେପଟୁ ନାରୀକଣ୍ଠର ଖିଲ୍‌ଖିଲ୍ ହସ ଭାସି ଆସିଲା —ବନ୍ଦେଗି ମିଃ କୁମାର ! ମିସ୍ ମାଧୁରୀଙ୍କ ପାଇଁ ବ୍ୟସ୍ତ ହେବେନ । ଆପଣଙ୍କ ଭେଲ୍‌ଭେଟ୍ ଗଦି ଛାଡ଼ି ସେ ଆମର କଳା କୋଠରୀର ଏକ ନର୍ଗ'ର ଖଟିଆ ଉପରେ—କନେକ୍ସନ୍ କଟିବାର ଆବାଜ ଆସିଲା—ତା'ପରେ ନୀରବ ।

ମିସ୍ ମାଧୁରୀ ବ୍ଲାକ୍ ଆର୍ଟର ହାତରେ—ସେ ତ ତା'ର ପ୍ରତ୍ୟେକ କଥାକୁ କାମରେ ପରିଣତ କରି ଚାଲିଛି । ତେବେ କ'ଣ ଅନ୍ୟାୟର ଜୟ ହେବ ! ମିସ୍ ମାଧୁରୀଙ୍କୁ କ'ଣ ଉଦ୍ଧାର କରି ହେବ ତା' ହାତରୁ ! ତାକୁ ଧରିବାର କଳ୍ପନା କ'ଣ କେବଳ କଳ୍ପନାରେ ରହିଯିବ !! କିନ୍ତୁ ପରମୁହୂର୍ତ୍ତରେ ମିଃ କୁମାରଙ୍କ ଦୁର୍ବଳତା ଅପସରି

ଗଲା । ନିଶ୍ଚୟ ବ୍ଲଡ୍ ଆକ୍ଟରକୁ ଉପଯୁକ୍ତ ଶିକ୍ଷା ଦେବାକୁ ହେବ—ମିସ୍ ମାଧୁରୀଙ୍କର କୌଣସି ଅନିଷ୍ଟ କରିବା ବ୍ଲଡ୍ ଆକ୍ଟର ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ନିଜକୁ ରକ୍ଷା କରିବାର କୌଶଳ ମିସ୍ ମାଧୁରୀ ନିଶ୍ଚୟ ଭଲ ଭାବରେ ଜାଣନ୍ତି । ତେବେ ନିଶ୍ଚେଷ୍ଟ ହୋଇ ବସି ରହିବାଟି ମାରାତ୍ମକ ଭୁଲ୍ । ଫୋନ୍ ଅପରେଟରକୁ ପତ୍ରର ନମ୍ବର ଲେଖି ନେଲେ । ତା'ପରେ କିଶୋର ଆସି ପହଞ୍ଚିଲାମାତ୍ରେ ତାଙ୍କୁ କେତେକ କଥା ବୁଝାଇ ଦେଇ ବାହାରି ପଡ଼ିଲେ । ଏଥର ସୂକ୍ଷ୍ମାତିସୂକ୍ଷ୍ମ ଅନୁଶୀଳନ ଦରକାର ।

କାର୍ଟା ଗେଟ୍‌ରୁ ବାହାରୁଥିବା ଅବସ୍ଥାରେ ଦରଓ୍ୱାନ୍ ଖଣ୍ଡେ ଚିଠି ବଢ଼ାଇ ଦେଲା—ଗୋଟିଏ ଯୁବକ ମଟର ବାଇକ୍‌ରେ ଆସି ଦେଇ ଯାଇଥାଏ ।

"ନମସ୍ତେ ମିଃ କୁମାର !

ମିସ୍ ମାଧୁରୀଙ୍କ ପାଇଁ ଆପଣ ଅନେକ ଭାଙ୍ଗି ପଡ଼ିଥିବେ । କିନ୍ତୁ ସେଥିପାଇଁ ଦୁଃଖିତ ହେବାର କାରଣ ନାହିଁ । ସେ ବନ୍ଦୀ ଅବସ୍ଥାରେ ଥିଲେ ମଧ୍ୟ ଖୁବ୍ ଭଲରେ ଅଛନ୍ତି । ତାଙ୍କର କୌଣସି ଅନିଷ୍ଟ କରିବାର ଆପାତତଃ ଆମର ଇଚ୍ଛା ନୁହେଁ । କେବଳ ବ୍ଲଡ୍ ଆକ୍ଟର କଥାର ମଣିଷ ନା କାମର ମଣିଷ—ତା' ଜଣାଇଦେବାପାଇଁ ମାଧୁରୀଙ୍କୁ ହରଣ କରାଯାଇଛି । ଶକ୍ତି ଥାଏ ତ ଖୋଜି ବାହାର କରନ୍ତୁ । ବିଜୟଙ୍କୁ ଯେତେ ସୁରକ୍ଷିତ ଓ୍ୱାର୍ଡ଼ ଭିତରେ ରଖିଲେ ବି ତାଙ୍କୁ ପ୍ରାୟଶ୍ଚିତ୍ତରେ ଜୀବନ ଦେବାକୁ ପଡ଼ିବ ଏଇ ଆସନ୍ତା ତିନି ଦିନ ଭିତରେ— ସେ ଦାୟିତ୍ୱ କେବଳ ମୋର ।

"ବ୍ଲଡ୍ ଆକ୍ଟର"

ଚିଠିଟା କିଶୋରକୁ ଦେବାପାଇଁ ଦରଓ୍ୱାନ୍‌କୁ କହି ଗାଡ଼ି ଛାଡ଼ି ଦେଲେ । ମଥା ଭିତରେ ଭାବନାର ଅଜସ୍ର ଝଡ଼—କୁଳ

ଜନାସ୍ତ କରୁ ନାହାନ୍ତି । ତା' ପରେ ଯାଇ ସେ ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚି ଦେଖନ୍ତି ତ ସେଠା ଗୋଟାଏ ଷ୍ଟେସନାରୀ ଦୋକାନ । ପଚ୍ଛର ବୁଝିଲେ ଯେ, ଜଣେ ଯୁବକଙ୍କ ନିହାତି ଦରକାର କହି ଫୋନ୍ ଧରିଥିଲେ । ନିରାଶ ହୋଇ ଫେରିବା ପଥରେ ପୋଲିସ୍ ଇନ୍‌ସ୍‌ପେକ୍‌ଟରଙ୍କୁ ଦେଖାକରି ଯିବା ଉଚିତ୍ ମନେ କଲେ ।

ସୌଭାଗ୍ୟ ବଶତଃ ଗଗନବାବୁ ଥାନାରେ ମିଳିଗଲେ । ଏ ଘଟଣା ଶୁଣି ସେ ଏକ୍‌ବାରେ ହତାଶ ହୋଇପଡ଼ିଲେ । ଏତେଦିନ ପର୍ଯ୍ୟନ୍ତ କେବଳ ମିଃ କୁମାରଙ୍କ ପ୍ରେରଣା ତାଙ୍କୁ ଏ ଗୁଇନ୍ଦା ଜଗତରେ ବଞ୍ଚାଇ ରଖିଥିଲା । ନଚେତ୍ ସେ କୁଣ୍ଡ୍ ଆକ୍‌ଟରର ପ୍ରଥମ ଧମ୍‌କଠାରୁ ଇସ୍ତଫା ଦେଇ ସାରନ୍ତେଣି । ମିସ୍ ମାଧୁରୀଙ୍କ ହରଣବୃତ୍ତ ଓ ବିଜୟଙ୍କୁ ଜେଲ୍ ଓ୍ବାର୍ଡ଼ରେ ହତ୍ୟା କରିବାର ଧମ୍‌କ ତାଙ୍କୁ ମିଃ କୁମାରଙ୍କ ପ୍ରେରଣାଠାରୁ ଦୂରେଇ ରହିବା ପାଇଁ ବାଧ କଲା । ଅନ୍ତତଃ ଆଠ ଦିନ ପାଇଁ ଇସ୍ତଫା ଦାଖଲ ନ କରିବାକୁ ମିଃ କୁମାର ତାଙ୍କୁ ଅନୁରୋଧ କଲେ ।

ବିଜୟଙ୍କୁ ହତ୍ୟା କରିବାର ଧମକ ଓ ମିସ୍ ମାଧୁରୀଙ୍କ ହରଣବୃତ୍ତ ପୋଲିସ୍ କମିଶନ୍‌ର ପାଲ୍‌ଙ୍କୁ ଜଣାଇ ଦେବାର ଦାୟିତ୍ୱ ଗଗନବାବୁଙ୍କୁ ଦେଇ ମିଃ କୁମାର ବିଦାୟ ହୋଇ ଆସିଲେ ।

* * * *

ଦିନ ଠିକ୍ ଦୁଇଟା—

ସଦର ଥାନାର ଗୋଟିଏ କକ୍ଷରେ ବସି ମିଃ ପାଲ୍—ଏସ୍.ପି. ମିଃ ସୋମ ଓ ଇନ୍‌ସ୍‌ପେକ୍‌ଟର ଗଗନବାବୁ ଖଣ୍ଡିଏ ଲେଖାଏଁ ଚେୟାର୍ ଦଖଲ କରିଥାନ୍ତି । ସମସ୍ତଙ୍କ ମୁହଁରେ ଗମ୍ଭୀରତାର ଛାପ— ଗୋଟାଏ ଗୁପ୍ତ ଆଲୋଚନାରେ ବ୍ୟସ୍ତ—ଘରଟା ସମ୍ପୂର୍ଣ୍ଣ ନୀରବ ।

ଠିକ୍ ଏଇ ସମୟରେ ଥାନା ଗେଟ୍ ସାମ୍‌ନାରେ ଖଣ୍ଡିଏ ଦାମୀ କାର୍ ଆସି ଲଗିଲା । କାର୍‌ରୁ ଓହ୍ଲାଇ ଦୁଇ ଜଣ ଯୁବକ ଜଣେ ଯୁବତୀ ଭିତରକୁ ପଶିଗଲେ । ଦରଓ୍ୱାନ୍ ତାଙ୍କ ମୁହଁରୁ କ'ଣ ବୁଝିଲା କେଜାଣି, ସେମାନଙ୍କୁ କିଛି ବାଧା ଦେଲାନ ।

ଆଲୋଚନାରେ ଖୁବ୍ ବ୍ୟସ୍ତ ଥିବାବେଳେ ଗୋଟାଏ ଆବାଜ ପାଇ ସମସ୍ତେ ଏକ ସଙ୍ଗରେ ଦରଜା ଆଡ଼କୁ ଅନାଇଲେ । ଆତଙ୍କରେ ଶିହରି ଉଠିଲେ ସମସ୍ତେ—ଦରଜା ସାମ୍‌ନାରେ ଆଗନ୍ତୁକ ତିନିଜଣଙ୍କ ହାତରେ ଅଗ୍ନ୍ୟୁଦଗାରୀ ପିସ୍ତଲ୍ ଚକ୍ ଚକ୍ କରୁଛି । ପକେଟ୍ ଆଡ଼କୁ ହାତ ନେବାର ରାସ୍ତା ଉନ୍ମୁକ୍ତ ନାହିଁ ।

ଏତେ ବଡ଼ ଜନଗହଳି ପୂର୍ଣ୍ଣ ସହରରେ ସଶସ୍ତ୍ର ଗାର୍ଡ଼ ଥିବା ଥାନା ଭିତରେ ଏତେ ବଡ଼ ବଡ଼ ପୋଲିସ୍ ଅଫିସରମାନଙ୍କ ଉପରେ ଯଦି ଏ ରକମ ଅତ୍ୟାଚାର କରାଯାଏ—ତେବେ ଜନସାଧାରଣଙ୍କ ଜୀବନ ଆଜି କେମିତି ନିରାପଦ ରହିବ !

—ହାତ ଉଠାଇବାର ମୂର୍ଖତା କଲେ ଏ ଆସ୍ୱାଦନ ଚାଖିବାକୁ ମିଳିବ—ଏ କଥା ଯେମିତି ଭୁଲି ନ ଯାନ୍ତୁ—ବୃଥା ଚକ୍ରାରର ପ୍ରୟାସୀ ମଧ୍ୟ ହେବେନ । ଆଗନ୍ତୁକଙ୍କ ଭିତରୁ ଯୁବକ ଜଣକ କହିଲେ ଶାନ୍ତ କଣ୍ଠରେ ।

ସମସ୍ତେ ଏକସଙ୍ଗରେ ଥର ଥର ହାତଗୁଡ଼ାକ ଟେକିବା ପାଇଁ ବାଧ୍ୟ ହେଲେ । ଟେବୁଲ ଆଡ଼କୁ ଆଗେଇ ଯାଇ ସେହି ଯୁବକ ଜଣକ ପକେଟ୍‌ରୁ ଖଣ୍ଡେ କାଗଜ ବାହାର କରି ସେମାନଙ୍କ ସାମ୍‌ନାରେ ଥୋଇଦେଲେ ।

—ଇନ୍‌ସ୍‌ପେକ୍‌ଟର ସାହେବ—ସ୍ୱା' ଉପରେ ଶୀଘ୍ର ଦସ୍ତଖତ କରନ୍ତୁ—ଅନ୍ୟଥା ମୋ ଅପେକ୍ଷା ହିଂସ୍ର ଆଉ କେହି ହୋଇ ପାରିବେନ ।

ଇନ୍‌ସ୍‌ପେକ୍ଟର ଭୟପୂର୍ଣ୍ଣ ନେତ୍ରରେ ଥରେ ସେ କାଗଜଟା ପଢ଼ିନେଲେ । ତାଙ୍କ ମୁହଁରୁ ଏକ ଅବ୍ୟକ୍ତ ଚିତ୍କାର ବାହାରି ପଡ଼ିଲା—ବଜପୁକୁ ସାକ୍ଷାତ୍ କରିବା ଦରଖାସ୍ତ—ସ୍ପଷ୍ଟରେ ତାଙ୍କୁ ଖୁନ୍ କରିବା ମୂଳ ଉଦ୍ଦେଶ୍ୟ । ସମସ୍ତେ ଶକ୍ ଲାଗିଲାଭଳି ଚମକି ପଡ଼ିଲେ ।

—ବୃଥା ଆସ୍ଫାଳନରେ ସମୟ ନଷ୍ଟ କରିବାପାଇଁ ମୁଁ ପ୍ରସ୍ତୁତ ନୁହେଁ—ସ୍ପଷ୍ଟ ଜଣାଇ ଦିଅନ୍ତୁ—ଦସ୍ତଖତ୍ କରିବେ କି ନା—ତା' ହେଲେ ମୋତେ ଅନ୍ୟ ଉପାୟ ଅବଲମ୍ବନ କରିବାକୁ ପଡ଼ିବ ।

କିନ୍ତୁ ସ୍ୱା' ହୋଇ ସେ ଜଣେ ଖୁନୀକୁ ସାହାଯ୍ୟ କରିପିବ ବଜପୁଙ୍କୁ ହତ୍ୟା କରିବାପାଇଁ । ପ୍ରଶ୍ନସୂଚକଦୃଷ୍ଟିରେ ମିଃ ପାଲ୍‌ଙ୍କୁ ଭୀତତ୍ରସ୍ତ ହୋଇ ଅନାଇଲେ ।

—ଜଣେ ଅପରାଧୀର ଜୀବନ ରକ୍ଷା କରିବାକୁ ଯାଇ ନିଜର ମୃତ୍ୟୁକୁ ହାତ ଠାରି ଡାକିବା ବୋକାମିର ପରିଚୟ ନୁହେଁ କି ? ଶୀଘ୍ର ଦସ୍ତଖତ୍ କରି ଦିଅନ୍ତୁ—ମିଃ ପାଲ୍ ଆଦେଶାତ୍ମକ ଭଙ୍ଗୀରେ କହିଲେ ।

ଏଣେ ବ୍ଲଡ୍ ଆକ୍ଟରର ରକ୍ତାକ୍ତ ଇଙ୍ଗିତ ଓ ମିଃ ପାଲ୍‌ଙ୍କର ଆଦେଶ—ବାଧ୍ୟ ହୋଇ ଇନ୍‌ସ୍‌ପେକ୍ଟର କଲମ ଧରିଲେ ।

ବ୍ଲଡ୍ ଆକ୍ଟର ହସ ହସ ମୁହଁରେ କାଗଜ ଖଣ୍ଡିଏ ଆଣି ମିସ୍ ଚପଳାଙ୍କ ହାତକୁ ଦେଲା । ଅନ୍ୟ ଯୁବକ ଜଣକୁ ସଙ୍ଗରେ ନେଇ ମିସ୍ ଚପଳା ଜେଲ୍‌ଓ୍ୱାର୍ଡ଼ ଆଡ଼େ ଚାଲିଲେ ।

ବ୍ଲଡ୍ ଆକ୍ଟର ପିସ୍ତଲ୍‌କୁ ଦୃଢ଼ ମୁଷ୍ଟିରେ ଧରି ମିଃ ପାଲ୍‌ଙ୍କୁ ପଚାରିଲା—ବ୍ଲଡ୍ ଆକ୍ଟରର ଲାଲ ଆଖି ଆଗରୁ ବଜପୁକୁ ବଞ୍ଚାଇ

ପାରନ୍ତି ତ ? ପ୍ରଶ୍ନରେ ଭରି ରହିଥାଏ ବନ୍ଧୁ ପ୍ରତି ଶତଗ୍ନବୁକ୍ । ମିଃ ପାଲ୍ ନିରୁତ୍ତର ରହିବା ଉଚିତ୍ ମନେ କଲେ ।

ମିସ୍ ଚପଳା କାଗଜ ଖଣ୍ଡିକ ଓ୍ୱାର୍ଡ୍‌ର ସାହେବଙ୍କୁ ଦେଖାଇ ବିଜୟଙ୍କୁ ଦେଖା କରିବାକୁ ଗଲେ—ଅବଶ୍ୟ ସ୍ତ୍ରୀ ବୋଲି ପରିଚୟ ଦେଇ । ବିଜୟର ଓ୍ୱାର୍ଡ୍ ଭିତରକୁ ମିସ୍ ଚପଳା ଯିବା ପରେ ପ୍ରହରୀ ଦୂରେଇଗଲା ଯୁବକ ଜଣଙ୍କୁ ସଙ୍ଗରେ ନେଇ ।

ଦଶମିନଟ ପରେ ମିସ୍ ଚପଳା ଓ୍ୱାର୍ଡ୍ ଭିତରୁ ବାହାରି ଆସିଲେ । ପ୍ରହରୀ ଦରଜା ବନ୍ଦ କଲା । ବିଜୟ ପୂର୍ବ ପରି ସେମିତି ଦିଆଲ୍‌କୁ ଆଉଜି ବସିଥାଏ ।

ମିସ୍ ଚପଳା ଫେରି ଆସି ଥାନାରେ ମିଃ ପାଲ୍, ମିଃ ସୋମ୍ ଓ ଇନ୍‌ସ୍‌ପେକ୍‌ଟରଙ୍କୁ ନିଶା ଇନ୍‌ଜେକ୍‌ସନ୍ ଲଗାଇ ଦେଲେ । ସମସ୍ତେ ଟେବୁଲ୍ ଉପରେ ମଥା ରଖିବାକୁ ବାଧ ହେଲେ—ବାଧା ଦେବାର ଉପାୟ ନ ଥିଲା ।

କାମ ଶେଷ କରି ମୁହଁରେ ବିଜୟର ହସ ଫାଣି କାର୍‌ରେ ବସିବା ମାତ୍ରେ କାର୍ ଉଲ୍‌କା ଗତିରେ ଉଡ଼ି ଚାଲିଲା ବେପରୱା ହୋଇ । ଆଗ ପଛ ହୋଇ ଅନେକ କାର୍ ଛୁଟୁଥାଏ ବି ସେହି ମେନ୍‌ରୋଡ଼୍ ଉପରେ । କାର୍‌ଟା ଭିତରେ ଗୋଟେ ଅସରନ୍ତି ଆନନ୍ଦର ଆବହାଓ୍ୱା । ପଛ ସିଟ୍‌ରେ ଚପଳା ଆନନ୍ଦାତିଶଯ୍ୟରେ ବ୍ଳଡ୍ ଆଲ୍ଲିର ଛାତି ଉପରେ ମଥା ରଖିଛି । ବ୍ଳଡ୍ ଆଲ୍ଲିର ମୁହଁରେ ଦରଜଳା ସିଗାରେଟ ।

ହଠାତ୍ ଏ ଆନନ୍ଦରେ ଭଙ୍ଗା ପକାଇ କାର୍‌ର ପଛ ଟାୟାର୍ ଢଠା ପରି ପରି ଫାଟିଗଲା । ସେତେବେଳକୁ କାର୍‌ଟା ଜନଗହଳି ରାସ୍ତାରୁ ଯାଇ ଏକ ନିର୍ଜନ ରାସ୍ତାରେ ଚାଲିଛି । ଡ୍ରାଇଭର୍ ସମେତ

ଏ ତିନିଜଣ ତଳକୁ ଓହ୍ଲାଇ ପଡ଼ିଲେ—ପଛପଟେ ମଧ୍ୟ କୌଣସି କାର୍‌ର ଦେଖା ନାହିଁ ।

—ହେଣ୍ଡସ୍ ଅପ୍—ପଛପଟୁ କାହାର ରୁକ୍ଷ କଣ୍ଠ ଶବ୍ଦ ଉଠିଲା —ସମସ୍ତେ ଚମକି ପଡ଼ି ଫେରି ଦେଖନ୍ତି ତ ଆଗରେ ମିଃ କୁମାର ଦୁଇ ହାତରେ ଦୁଇଟା ଅଟୋମେଟିକ୍ ରିଭଲ୍‌ଭର୍ ଧରି ପ୍ରସ୍ତୁତ । ହଠାତ୍ ଏମିତି ଆକ୍ରମଣ ସକାଶେ ସେମାନେ ପ୍ରସ୍ତୁତ ନ ଥିଲେ । ବ୍ଲାଡ୍ ଆକ୍‌ଟର କଥା ଛଳରେ ସୁଯୋଗ ଖୋଜୁଛି ଜାଣି ପାରି ଦୃଢ଼ କଣ୍ଠରେ କହିଲେ—ବୁଲାକି ଖେଳିବାର ସମୟ ବର୍ତ୍ତମାନ ନାହିଁ । ଠିକ୍ ସେଇ ମୁହୂର୍ତ୍ତରେ ଖଣ୍ଡେ ପୋଲିସ୍ ଲରି ଓ ଖଣ୍ଡେ ପ୍ରାଇଭେଟ କାର୍ ଆସି ସେଇଠି ଠିଆ ହୋଇଗଲା । ଓହ୍ଲାଇ ଆସିଲେ ତଳକୁ ଦଶ ବାରଜଣ ଫୋର୍ସଙ୍କ ସମେତ କିଶୋର ଓ ମିସ୍ ମାଧୁରୀ ।

ଆଶ୍ଚର୍ଯ୍ୟ ହୋଇଉଠିଲା ବ୍ଲାଡ୍ ଆକ୍‌ଟର—ତଥାପି ନିଜକୁ ଶାନ୍ତ ରଖି କହିଲା—ଓଃ ମିସ୍ ମାଧୁରୀ—ଆପଣ କେମିତି ଭାବେ—

—ଯେମିତି ଭାବେ ମୋତେ ଅଭିନନ୍ଦନ ଜଣାଇଥିଲେ—

ମିଃ କୁମାରଙ୍କ ଇଙ୍ଗିତରେ ଏ ଚାରିଜଣଙ୍କ ହାତରେ ହାତକଡ଼ି ପିନ୍ଧାଇ ଦିଆଗଲା । ବ୍ଲାଡ୍ ଆକ୍‌ଟରର କାର୍ ଦେହରୁ ଫଟା ଟାୟାର୍ ବଦଳାଇ ଥାନା ଅଭିମୁଖେ ସମସ୍ତେ ଚାଲିଲେ କାର୍ ଗୁଡ଼ାକ ନେଇ ।

ଏମାନେ ଥାନାରେ ପହଞ୍ଚିଲା ବେଳକୁ ପ୍ରାୟ ଚାରିଟା—ସେତେବେଳ ପର୍ଯ୍ୟନ୍ତ ବି ପୋଲିସ୍ ଅଫିସରମାନଙ୍କର ସୁଖନିଦ୍ରା ଭାଙ୍ଗି ନ ଥିଲା । ସଙ୍ଗେ ସଙ୍ଗେ ଡକ୍ଟର ରାୟଙ୍କୁ ଫୋନ୍ କରାଗଲା ।

ପ୍ରାୟ ଘଣ୍ଟାଏ ପରେ ସେମାନେ ନନ୍ଦାଦେବୀଙ୍କୁ ଉଦ୍ଧାର କରି ଯାହା ଦେଖିଲେ—ସେଥିରେ ନିଜ ଆଖିକୁ ବିଶ୍ୱାସ କରି

ପାରିଲେନି । ଆଖି ଆଗରେ ବନ୍ଦୀ ହିସାବରେ ବ୍ଲାଡ୍ ଆକ୍ଟର, ଚପଳା ଓ ଅନ୍ୟ ଦୁଇଜଣ । ଏ ଯେ ଏକାଥରେ କଳ୍ପନାଶକ୍ତି—ସ୍ବା' ଉପରି ସମ୍ଭବ ! ବୋକାଙ୍କ ଭଳି ମିଃ କୁମାରଙ୍କ ମୁହଁକୁ ଚାହିଁ ରହିଲେ । ସେତେବେଳ ପର୍ଯ୍ୟନ୍ତ ବି ସେମାନେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନ ଥାନ୍ତି ।

ତା'ପରେ ଅନ୍ୟ କୌଣସି ଆଲୋଚନା କରିବା ବର୍ତ୍ତମାନ ଅନାବଶ୍ୟକ ଭାବି ଏମାନଙ୍କୁ ହାଜତକୁ ପଠାଇ ଦେଲେ ଓ ସତର୍କ ପ୍ରହରୀର ବନ୍ଦୋବସ୍ତ କରାଇ ଦେଲେ ।

ସେଇଦିନ ଠିକ୍ ରାତି ଆଠଟା ବେଳକୁ ଇନ୍‌ସ୍‌ପେକ୍ଟର ସାହେବ ମିଃ କୁମାର, କିଶୋର, ମାଧୁରୀ ଓ ଅନ୍ୟାନ୍ୟ ଅଫିସର-ମାନଙ୍କୁ ଏକ ଭୋଜିରେ ଅଭିନନ୍ଦନ ଜଣାଇଲେ ।

ଭୋଜି ପରେ ସିଗାରେଟ୍ ଗୋଟେ ଧରାଇ କମିଶନର ମିଃ ପାଲ୍ ଖୁବ୍ ଗମ୍ଭୀର କଣ୍ଠରେ କହିଲେ—ମିଃ କୁମାର—ମୋର ଦୀର୍ଘ ପୋଲିସ୍ ଜୀବନର ଗର୍ବର ମୂଳଦୁଆ ଭୁଷୁଡ଼ି ପଡ଼ିଛି ଆପଣଙ୍କ ଆଗରେ । ଆପଣ ନିଶ୍ଚୟ ଯେ ଜଣେ ସୁଚତୁର କୌଶଳୀ ଓ ସାହସୀ—ମୁଁ ଆଜ ଏହା ସ୍ୱୀକାର କରିବା ସଙ୍ଗେ ସଙ୍ଗେ ସରକାରଙ୍କ ତରଫରୁ ଧନ୍ୟବାଦ ଜଣାଉଛି । ଥାନା ଭିତରେ ଦିନ ଦିପହରରେ ପଶି ସଶସ୍ତ୍ର ଗାର୍ଡ଼ମାନଙ୍କୁ ବେଖାତିର କରି ଆମକୁ ମୃତ୍ୟୁର ଧମକ ଦେଇ ଯେଉଁ ଶୈତାନ ତା'ର କାର୍ଯ୍ୟ ହାସଲ କରି ଚାଲିଯାଇପାରେ—ତାକୁ ଯେ ଆପଣ ଏମିତି ସହଜ ଭାବରେ ଗ୍ରେପ୍ତାର କରି ପାରିବେ—ସ୍ୱା' ଆଖିରେ ନ ଦେଖିବା ପର୍ଯ୍ୟନ୍ତ କେହି କାନ ଉପରେ ବିଶ୍ୱାସ କରି ନ ପାରେ ।

—ଏତେ ପ୍ରଶଂସା ଏକାକୀ ମୋ ଉପରେ ଜବରଦସ୍ତି ଲଦି-ଦେବା ଆପଣଙ୍କର ଉଚିତ ହେଉନି । ମିଃ କୁମାର ହସି ହସି କହିଲେ ।

—ଆପଣଙ୍କର ପ୍ରତ୍ୟେକ ପଦରେ ଏମିତି ଗୋଟେ ଲେଖାଏଁ ଜନ୍ତୁ ଥାଏ ଯେ, ଯାହା ବୁଝିବା ଆମ ପକ୍ଷରେ କଷ୍ଟକର ।

—କଥାଟା ସେମିତି ଜଟିଳ ନୁହେଁ । ଏ ପ୍ରଶଂସାର ଯୋଗ୍ୟ କେବଳ ମିସ୍ ମାଧୁରୀ ଆପଣ ତାଙ୍କୁହିଁ ଧନ୍ୟବାଦ ଜଣାଇ ପାରନ୍ତି ।

ମିସ୍ ମାଧୁରୀ ଯେ ତା' ହାତରେ ବନ୍ଦୀ ହୋଇଥିଲେ—ଆଶ୍ଚର୍ଯ୍ୟ ହୋଇଉଠିଲେ ମିଃ ପାଲ୍ ଓ ଅନ୍ୟାନ୍ୟ ମାନେ—କେବଳ କିଶୋର ଓ ମାଧୁରୀ ଛଡ଼ା ।

—ମିସ୍ ମାଧୁରୀ ଯଦି ଆଜି ତା'ର କବଳରେ ପଡ଼ି ନ ଥାନ୍ତେ—ତେବେ ସେ ଦସ୍ୟୁକୁ ଗ୍ରେପ୍ତାର କରିବା ଏତେ ସହଜ ହୋଇ ନ ଥାନ୍ତା ।

—ମୁଁ ଆପଣଙ୍କ ପ୍ରହଳିକା ମୋଟେ ବୁଝି ପାରୁନ ।

—ମୁଁ ବି ଏ ପର୍ଯ୍ୟନ୍ତ ସେ ବିଷୟରେ ଅନ୍ଧକାରରେ ଅଛି । ଆଶା କରେଁ—ଯଦି କୌଣସି ଆପତ୍ତି ନ ଥାଏ—ତେବେ ମିସ୍ ମାଧୁରୀ ତାଙ୍କ ଅଭିଯାନର କାହାଣୀ ବିଶେଷ ଭାବେ ଜଣାଇ ଆମର ସନ୍ଦେହ ଦୂର କରିବେ । ମିଃ କୁମାର ମିସ୍ ମାଧୁରୀଙ୍କୁ ଲକ୍ଷ୍ୟ କରି କହିଲେ ।

ଖିଲ୍ ଖିଲ୍ ହୋଇ ହସିଉଠିଲେ ମିସ୍ ମାଧୁରୀ—ଜଣେ ବନ୍ଧୀର ଅଭିଯାନର କାହାଣୀ—ଆପଣ ଶ୍ରଦ୍ଧା କରୁ ନାହାନ୍ତି ତ ?

—ଆପଣଙ୍କୁ ଶ୍ରଦ୍ଧା କରିବା ଆମ କ୍ଷମତାର ବାହାରେ । ଆପଣ ଜଣେ ଆଦର୍ଶନାରୀ—ଏହା ଆଜିଠାରୁ ଆପଣଙ୍କ ଶତ୍ରୁମାନେ ମଧ୍ୟ ସ୍ୱୀକାର କରିବେ । ମିଃ ପାଲ୍ ଅନୁନୟ ସ୍ୱରରେ କହିଲେ ।

ଶତ୍ରୁର ଯଦି ପ୍ରକାଶ କରିବାର ଇଚ୍ଛା ଥାଏ—ତେବେ ମୁଁ କ'ଣ ତାକୁ ବାଧାଦେବି । ଯଦି ଜଣେ ବନ୍ଧୀର ଇତିହାସ

ଜାଣିବାପାଇଁ ଆପଣଙ୍କମାନଙ୍କର ଏକାନ୍ତ ଇଚ୍ଛା—ତେବେ ମୁଁ ଆପଣମାନଙ୍କୁ ନାରାଜ କରାଇବି ନା । ତା' ହେଲେ ଶୁଣନ୍ତୁ । ଆଜି ସକାଳ ଆଠଟା ସମୟରେ ମିଃ କୁମାର ଓ କିଶୋର ଘରୁ ବାହାରି ଯିବା ପରେ ଜଣେ ଯୁବକ ଆସି ପହଞ୍ଚିଲେ । ନିଜକୁ ଶେଠ୍ ଅଗ୍ରୱାଲ୍‌ଙ୍କ ପୁତ୍ରବୋଲି ପରିଚୟ ଦେଇ ମୋତେ ଅନୁରୋଧ କଲେ ତାଙ୍କ ଘରକୁ ଯିବାପାଇଁ ଓ ଫୋନ୍‌ରେ ତାଙ୍କ ବାପା ଶେଠ୍ ଅଗ୍ରୱାଲ୍‌ଙ୍କୁ ଡାକି ମୋ ହାତକୁ ଫୋନ୍ ବଢ଼ାଇ ଦେଲେ । ଗଳାର ଆୱାଜ ମୋତେ ସନ୍ଦେହ କରିବାପାଇଁ ମୋଟେ ଅବକାଶ ଦେଲାନି । ତାଙ୍କର କାର୍‌ରେ ବସି ଶେଠ୍ ଅଗ୍ରୱାଲ୍‌ଙ୍କୁ ଦେଖା କରିବାକୁ ଗଲି ।

କାର୍‌ଟା ସହର ଛାଡ଼ି ଯେତେବେଳେ ସାଇଁ ଗୋଟିଏ ନିର୍ଜନ ରାସ୍ତାରେ ଠିଆ ହୋଇଗଲା—ସେତେବେଳେ ମୋର ପ୍ରଥମେ ସନ୍ଦେହ ଆସିଲା । ଶତ୍ରୁ କବଳରେ ପଡ଼ିନି ତ ? ପାଖକୁ ଚାହିଁ ଦେଖିଲା ବେଳକୁ ମୋର ସନ୍ଦେହ ସତ୍ୟରେ ପରିଣତ ହୋଇ ସାରିଲାଣି । ରଘୁନାଥ ବଦଳରେ ବ୍ଲାକ୍ ଆକ୍ଟର—ଡ୍ରାଇଭର୍ ବଦଳରେ ଦସ୍ୟୁ ନାୟିକା ଚପଳା । ଶତ୍ରୁ କବଳରେ ପଡ଼ି ମଧ୍ୟ ଫାଇଟିଂ କରିବାର ବିଫଳ ପ୍ରୟାସ କରିଥିଲି—କିନ୍ତୁ ସୁଚତୁର ବ୍ଲାକ୍ ଆକ୍ଟର ଆଗରେ ମୋର ସେ ପ୍ରୟାସ କୁଆଡ଼େ ପାଣିଫୋଟକା ପରି ମିଳେଇଗଲା । ତା' ପରେ ସେ ମୋ ହାତରେ ଗୋଟେ ଇନ୍‌ଜେକ୍‌ସନ ଲଗାଇ ଦେଲା —ତା'ପର କେତେକ ଘଣ୍ଟାରେ ମୁଁ ଅନଭିଜ୍ଞ ।

ଯେତେବେଳେ ଜ୍ଞାନ ଫେରିଆସିଲା—ସେତେବେଳେ ଅବଶ ଆଖିପତା ଦୁଇଟା ଖୋଲି ଦେଖେ ତ ଖଣ୍ଡେ ଖଟିଆ ଉପରେ ମୁଁ ପଡ଼ିଛି—ସାମ୍‌ନାରେ ଦଖଣ୍ଡ ଚେୟାର୍ ଉପରେ ଦସ୍ୟୁ ବ୍ଲାକ୍ ଆକ୍ଟର

ଓ ଚପଳା । ସେମାନଙ୍କୁ ସାମ୍ନାରେ ଦେଖି ଏତେ ଉତ୍ତ୍ୟକ୍ତ ହୋଇ ଉଠିଲି ଯେ, ସେଠା ଶତ୍ରୁ ଶିବିର ବୋଲି ମୋର ମୋଟେ ଖିଆଲ ରହିଲା ନ । ସଙ୍ଗେ ସଙ୍ଗେ ପିସ୍ତଲ ବାହାର କରି ଫାୟାରିଂ କରିଦେଲି ।

—ବ୍ଲଡ଼୍ ଆକ୍ଟର ଏତେ ବୋକା ନୁହେଁ, ମିସ୍ ମାଧୁରୀ !

ସେତେବେଳେ ଯାଇଁ ବୁଝିଲି ଯେ ପିସ୍ତଲଟା ଫାଙ୍କା କରି ଦିଆଯାଇଛି । ହିତାହିତ ଜ୍ଞାନ ଭୁଲି ଖୁବ୍ କଡ଼ା ସ୍ୱରରେ ପଚାରିଲି — ମୋତେ ଏମିତି ଛକରେ ଆଣିବାର ଉଦ୍ଦେଶ୍ୟ ?

—ଉଦ୍ଦେଶ୍ୟ ଖୁବ୍ ସ୍ପଷ୍ଟ —ବ୍ଲଡ଼୍ ଆକ୍ଟର କାର୍ଯ୍ୟରେ ଯେ ବାଧା ପହଞ୍ଚାଇବାର ଦୁରାକାଂକ୍ଷା କରେ —ତା'ର ପରିଣାମ ଏହିପରି ହୁଏ —ମୃତ୍ୟୁଦଣ୍ଡ ତା'ର ଶେଷ ଫଳ । ବିଜୟଙ୍କୁ ରକ୍ଷା କରିବାର ଦାମ୍ଭିକତା ଆପଣଙ୍କୁ ହରଣଚାଳ କରିବାପାଇଁ ପୂର୍ଣ୍ଣତଃ ଦାୟୀ । ବ୍ଲଡ଼୍ ଆକ୍ଟର ଜବାବ ଦେଲା ।

ଘୃଣା ଓ ହିଂସାରେ ମୁହଁ ବୁଲାଇ ଦେଲି ।

—ବିଜୟର ପ୍ରାୟଶ୍ଚିତ୍ତ ପାଇଁ ଆମେ ଏକ୍ଷଣି ଥାନାକୁ ଯିବୁ ।

ଏକଥା ଶୁଣିବା ମାତ୍ରେ ମୋର ରୋମମୂଳ ଥରି ଉଠିଲା— ମୋର କଥା କ'ଣ କେବଳ କଥାରେ ରହିଯିବ —ଏ ଶୈତାନ କ'ଣ ଥାନା ଭିତରେ ଯାଇ ତା'ର କାର୍ଯ୍ୟ ପୂର୍ଣ୍ଣ କରିବ ! ଆଖି ଦିଟା ଦପ୍ ଦପ୍ ହୋଇଉଠିଲା କ୍ରୋଧରେ —କିନ୍ତୁ ନିରୁପାୟ ।

—ମିସ୍ ମାଧୁରୀ—ଏବେ ଆମେ ଚାଲିଲୁ—ବିଜୟର ପ୍ରାୟଶ୍ଚିତ୍ତ ସାରି ଫେରିଲେ ଆପଣଙ୍କ କଥା ବିଚାର କରାଯିବ । ଆପଣ ଆରାମ କରନ୍ତୁ । ବ୍ଲଡ଼୍ ଆକ୍ଟର ଚପଳାର ହାତ ଧରି ବାହାରି ଯାଇ ଦରଜା ବନ୍ଦ କରିଦେଲା । ମୋ ମଥାରେ ଯେମିତି

ସମଗ୍ର ଘରଟା ଭାଙ୍ଗି ପଡ଼ିବ । ସେଇ ଖଟିଆ ଉପରେ ବାଧ ହୋଇ ପଡ଼ି ରହିଲି ।

ବିପଦ ସମୟରେ ମଧ୍ୟ ମୋର ମଥା ଠିକ୍ ତେଜରେ ବିଚାର କରି ଚାଲୁଥାଏ । ହଠାତ୍ ଗୋଟିଏ ଉପାୟ ମଥାରେ ଯୁଟିଗଲା—ତାକୁ କାର୍ଯ୍ୟକାରୀ କରିବାପାଇଁ ଶୀଘ୍ର ଚେଷ୍ଟା କଲି । ଦରଜା ଗୁଡ଼ାକ ଲୁହା ଛଡ଼ରେ ତିଆରି—ଦେଖିଲି ଯେ ଦରଜାର ବାହାର ପଟେ ଜଣେ ଲୋକ ଏପଟ ସେପଟ ହେଉଛି—କମରରେ ଝୁଲୁଛି ତା'ର ପିସ୍ତଲ—ଅନୁମାନ କଲି ଯେ ସେ ଗୋଟେ ପ୍ରହରୀ ।

ଈଶ୍ୱରଙ୍କ ଉଦ୍ଦେଶ୍ୟରେ ନମସ୍କାରଟିଏ କରି ଖୁବ୍ ନିସ୍ତେଜ ଭାବରେ ଡାକ ଜଳ ଗିଲାସେ ମାଗିଲି । ଝରକା ଗୁଡ଼ିକ ତାର ଜାଲିରେ ଆବଦ୍ଧଥିବାରୁ ଦରଜା ଖୋଲି ମୋ ହାତକୁ ଜଳ ଗିଲାସେ ବଢ଼ାଇ ଦେଲା । ସଙ୍ଗେ ସଙ୍ଗେ ତା'ର ଆଖି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖି ତାରି କମରରୁ ବେୟୋନେଟ ଫଟ୍‌କରି ବାହାର କରି ଆଣି ତାରି ଗଳାରେ ଭୁଷିଦେଲି ଓ ସେ କୌଣସି ଚିତ୍କାର କରିବା ପୂର୍ବରୁ ରୁମାଲ ସାହାଯ୍ୟରେ ତାର ମୁହଁ ବନ୍ଦ କରି ରଖିଲି । ଦ୍ୱିତୀୟଥର ମୋତେ ଆଉ ବେୟୋନେଟ୍ ଉଠାଇବାକୁ ହୋଇନ, କାରଣ ଆଘାତ ଖୁବ୍ ଜୋରରେ କରିଥିଲି ।

ତା'ପରେ ତାରି ପୋଷାକରେ ମୁଁ ନିଜେ ପ୍ରହରୀ ସାଜି ମୋ ପୋଷାକ ଯେକୌଣସି ମତେ ତାକୁ ପିନ୍ଧାଇ ଦେଲି । ପ୍ରହରୀ କୋଟ୍‌ରେ ବେୟୋନେଟର ଚିହ୍ନକୁ ଯଥାସମ୍ଭବ ଲୁଚାଇ ରଖି ବାହାରକୁ ପଳାଇ ଆସି ରକ୍ତଗୁଡ଼ାକ ଧୋଇ ପକାଇଲି । ତା'ପରେ ନିଜେ ଖଣ୍ଡେ ଚାଦର ଘୋଡ଼ିହୋଇ ବାହାରକୁ ଆସିଲି । ସବୁରି ଦରଜାରେ ମଧ୍ୟ ଏତେଗୁଡ଼ିଏ ପ୍ରହରୀ ଥିବାର କଳ୍ପନା

ମୁଁ କରିପାରି ନ ଥିଲି । ଯା' ହେଉ— ହଠାତ୍ ମଥାରେ ଗୋଟେ ବୁଦ୍ଧି ଖେଳିଗଲା ।

ଖୁବ୍ ଚଞ୍ଚଳ ଆସି ଗଳାକୁ ଯଥାସମ୍ଭବ ବିକୃତ କରି ଖୁବ୍ ଉତ୍ତେଜନା ସହିତ କହିଲି ସର୍ଦ୍ଦାରଜୀ କ'ଣ ଟାଉନ୍ ଧରି ସାରିବେଣି ।

—ପ୍ରାୟ ପହଞ୍ଚି ଯିବେଣି—ଜଣେ ପ୍ରହରୀ ଉତ୍ତର ଦେଲା ।

ତେବେ ବର୍ତ୍ତମାନ ଉପାୟ—ତାଙ୍କୁ ଦେଖା ନ କଲେ ଯେ ନିହାତି ବିପଦର ସମ୍ଭାବନା—ଅନ୍ତତଃ ଥାନାରେ ପହଞ୍ଚିବା ପୂର୍ବରୁ । ପରେ ସର୍ଦ୍ଦାରଜୀଙ୍କ ଦ୍ୱାରା ଆମେ ଭୀଷଣ ଭାବେ ଦଣ୍ଡନୀୟ ହେବା ।

ମୋ କଥାଟାର ପ୍ରଭାବ ତାଙ୍କ ଉପରେ ଠିକ୍ ଯାଦୁ ଭଳି କାମ କଲା । ତାଙ୍କ ଭିତରୁ ଜଣେ ଗ୍ରୀତସ୍ତ୍ର ହୋଇ କହିଲା— ସେ ତ କାରରେ ଯାଇଛନ୍ତି—ମଟର ବାଇକ୍‌ଟାଏ ନେଇ ତୁମେ ଶୀଘ୍ର ଚାଲିଯାଅ । କହି ଖଣ୍ଡେ ବାଇକ୍ ଆଣି ମୋତେ ଦେଲା ।

ବାଇକ୍‌ରେ ବସୁ ବସୁ ମୁଁ କହିଲି—ମୋ ପଛଟିରେ ଜଣକୁ ପଠାଇଦିଅ— ସେଠାରେ କେହି ନାହାନ୍ତି—ବାଇକ୍ ସଙ୍ଗେ ସଙ୍ଗେ ଖୁବ୍ ସ୍ପିଡ୍‌ରେ ଛୁଟି ଚାଲିଥାଏ । ଭଗବାନଙ୍କୁ ଧନ୍ୟବାଦ ଦେଉଥାଏ ଯେ ସେମାନେ ମୋତେ ମୋଟେ ସନ୍ଦେହ କରିନାହାନ୍ତି ବୋଲି ଛୋଟ ରାସ୍ତାଗୁଡ଼ାକ ପାରି ହୋଇ ଯେତେବେଳେ ବଡ଼ ରାସ୍ତା ଧରିଲି—ସେତେବେଳେ ଯାଇ ଟିକଏ ସାହସ ପାଇଲି ।

ବାଇକ୍‌ଟା ଖୁବ୍ ଜୋରରେ ଛୁଟୁଥିଲେ ମଧ୍ୟ ମୋତେ ଯେମିତି ତା'ର ଗତି ଖୁବ୍ ମନ୍ଥର ଜଣା ଯାଉଥାଏ—ମନର ଉଦ୍‌ବେଗ ବଢ଼ି ଚାଲିଥାଏ । କ୍ରମେ କ୍ରମେ ରାସ୍ତାର ଦୂରତ୍ୱ କମାଇ ବାଇକ୍‌ଟା ମିଃ କୁମାରଙ୍କ ଦରଜା ମୁହଁରେ ଯାଇ ଠିଆ ହେଲା ।

ମୋର ସୌଭାଗ୍ୟ ଯେ ମିଃ କୁମାର ଓ କିଶୋର ଉପସ୍ଥିତ ଥାଆନ୍ତି । ମୋତେ ଦେଖି ଦୁହେଁଯାକ ଏକ ପ୍ରକାର ଆନନ୍ଦରେ ଚିତ୍କାରକରି ଉଠିଲେ । ମୁଁ କିନ୍ତୁ ତାଙ୍କୁ କହିବାର କୌଣସି ସୁଯୋଗ ନ ଦେଇ ବିଜୟଙ୍କୁ ବଞ୍ଚାଇବାର କଥା କହିଲି । ମୁହୂର୍ତ୍ତେ ବିଳମ୍ବ ନ କରି ସଙ୍ଗେ ସଙ୍ଗେ କାର୍ ଛୁଟାଇ ଦେଲୁ ଏଠାକୁ । ଯା' ପର ଘଟଣା ମିଃ କୁମାର ମୋ ଅପେକ୍ଷା ଭଲ ଜାଣନ୍ତି । ଏତିକିରେ ମୋର କାହାଣୀ ସମାପ୍ତ ।

—ଇଜ୍ ବ୍ରେଭ୍ ଗାର୍ଲ—ଆନନ୍ଦାତିଶଯ୍ୟରେ ଚିତ୍କାରକରି ଉଠିଲେ ମିଃ ପାଲ୍—ବିଜୟଙ୍କୁ ରକ୍ଷା କରିବାର ପ୍ରଶ୍ନ ମାମୁଲି—ସେ ନୃଶଂସ ଶୈତାନ ଯେ ବନ୍ଦୀ ହୋଇପାରିଛି—ଯା' କେବଳ ଆପଣଙ୍କ ଯୋଗୁଁ ସମ୍ଭବ ହୋଇଛି । ସେଥିପାଇଁ କେବଳ ଶୁଖିଲା ଧନ୍ୟବାଦ ଜଣାଇବାକୁ ମୁଁ ଉଚିତ ମନେ କରେନା—ମିଃ କୁମାରଙ୍କ ଆଡ଼କୁ ଲକ୍ଷ୍ୟକରି କହିଲେ—ହଁ ମିଃ କୁମାର—ତା'ପର ଘଟଣା କ'ଣ ହେଲା ?

ମିଃ କୁମାର ସିଗାରେଟ୍‌ଟା ଲଗ୍ ଲଗ୍ ଦିଥର୍ ଟାଣି ଦେଇ ଆରମ୍ଭ କଲେ—ଥାନାର କିଛି ଦୂର ପୂର୍ବରୁ ନିର୍ଦ୍ଦେଶ ଦେଲି ଯେ, କାର୍‌ଟାର ସ୍ପିଡ୍ କମାଇଦିଅ । କାର୍‌ଟା ଧୀରେ ଧୀରେ ଯାଇ ଗେଟ୍ ସାମ୍‌ନାରେ ପହଞ୍ଚିଲା ବେଳକୁ ଦେଖିଲୁ ଯେ, ସେମାନେ ହସ ହସ ମୁହଁରେ ବାହାରି ଆସୁଛନ୍ତି—ବିଜୟର କାମ ବୋଧେ ଶେଷ ହୋଇଯାଇଛି ଭାବିଲେ । କିନ୍ତୁ ସାମ୍‌ନାରେ ପ୍ରଶ୍ନ ଥିଲା ଦସ୍ୟୁ ବ୍ଲଡ୍ ଅଙ୍କଲକୁ ଗ୍ରେପ୍ତାର କରିବା—ସଙ୍ଗେ ସଙ୍ଗେ ଗୋଟେ ଉପାୟ ଠିକ୍ କରିନେଇ କାର୍‌ରୁ ଓହ୍ଲାଇ ପଡ଼ିଲି—କିଶୋରକୁ ପଛରେ କିଛି ଫୋର୍ସ ନେଇ ଦସ୍ୟୁକୁ ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଲି । ଗାଡ଼ି ସେତେବେଳେ ବ୍ଲଡ୍ ଅଙ୍କଲର ଗାଡ଼ି ପାଖରେ

ଯାଉଥିଲା । ସଙ୍ଗେ ସଙ୍ଗେ ତାଙ୍କ କାର୍‌ର ପଛରେ ଯାଇ ଲୁଚିଗଲି —ସେତେବେଳେ ସେମାନେ କାର୍ ପାଖରେ ପହଞ୍ଚି ନ ଥାନ୍ତି । ଇଚ୍ଛାକରି ଫାୟାରିଂ କରି ବିପଦ ବରଣ କରିବା ଉଚିତ୍ ମନେ କଲିନି । ତା' ପରେ ସେମାନେ ଆସି ଗାଡ଼ିରେ ଷ୍ଟାର୍ଟ ଦେଲେ । କାର୍‌ଟାର ଆବାଜରେ ତାଙ୍କର ପ୍ରତ୍ୟେକ କଥା ବୁଝିପାରୁ ନ ଥିଲେ ବି ତାଙ୍କର ଅନ୍ତର-ଖୋଲା ହସ ଜଣାଇ ଦେଉଥାଏ ବିଜୟର ସଙ୍କେତ । ପ୍ରାୟ ଅଧ ଘଣ୍ଟାଏ ସମୟ କାର୍ ଛୁଟିବା ପରେ ପଛରୁ ଆମ ପୋଲିସ୍ ଲରିର ଆବାଜ୍ ପାଇଲି । ସେତେ-ବେଳେ କାର୍‌ଟା ସହର ଛାଡ଼ି ନିର୍ଜନ ରାସ୍ତାରେ ଛୁଟିଥାଏ । ମୁଁ ମଧ୍ୟ ଏଇ ସୁଯୋଗ ଅପେକ୍ଷାରେ ଥିଲି । ନିଜର ସମସ୍ତ ଶକ୍ତି ପ୍ରୟୋଗ କରି ପଛ ଟାୟାର ଦୁଇଟାରେ ଛୁରି ମାରିଦେଲି ।

କାର୍‌ଟା ବାଧ୍ୟ ହୋଇ ସେଠାରେ ଠିଆ ହେଲା । କ'ଣ ହେଲା ଦେଖିବା ପାଇଁ ସେମାନେ ଫଟ୍‌ଫାଟ୍ ତଳକୁ ଓହ୍ଲାଇ ପଡ଼ିଲେ । ଏଇ ସୁଯୋଗ ଅପେକ୍ଷାରେ ମୁଁ ଆଗରୁ ପ୍ରସ୍ତୁତ ଥିଲି । ଫଟ୍‌କରି କେରିୟର୍‌ରୁ ଓହ୍ଲାଇ ପଡ଼ି ତାଙ୍କ ସାମ୍‌ନାରେ ରିଭଲ୍‌ଭର୍ ଧରିଲି । ସେମାନେ ଅଚାନକ ଏମିତି ଆକ୍ରମଣ ପାଇଁ ପ୍ରସ୍ତୁତ ନ ଥିବାରୁ ବାଧ୍ୟ ହୋଇ ହାତ ଟେକିଲେ । ହଲ୍‌ଚଲ୍ ହେବାର କୌଣସି ସୁଯୋଗ ମୁଁ ମଧ୍ୟ ତାଙ୍କୁ ଦେଲିନି । ତା' ପରେ ପୋଲିସ୍ କାର୍ ପହଞ୍ଚିଲା । ସେମାନଙ୍କୁ ହାତକଡ଼ି ପିନ୍ଧାଇ ଏଠାକୁ ଆଣିଲୁଁ । ଏଠାରେ ଦେଖୁଁ ତ ଆପଣମାନେ ଆସରରେ ଶୋଇଛନ୍ତି । ଆସରର ରହସ୍ୟ ଏତେବେଳ ପର୍ଯ୍ୟନ୍ତ ଆମ ମୁଣ୍ଡରେ ପଶୁନି ।

ଇନ୍‌ସ୍‌ପେକ୍ଟର ଗଗନବାବୁ ଦୁର୍ଘଟଣା କଥା କହିଗଲେ । ଶୁଣିସାରି ମିଃ କୁମାର ହୋ ହୋ ହୋଇ ହସିଉଠିଲେ । ଏ ବିଦ୍ରୂପବାଣୀ ସହ୍ୟ କରିବା ଅସମ୍ଭବ ପ୍ରତୀତ ହେଲା—ବିଶେଷତଃ

ମିଃ ପାଲ୍‌ଙ୍କୁ । ତଥାପି ନିଜର ଅକ୍ଷମତା ଅନୁଭବ କରି ପରିସ୍ଥିତି-ବଶରୁ ଶାନ୍ତ ରହିଲେ ।

ତା' ପରେ ବ୍ଲଣ୍ଡ୍ ଆଙ୍କର ସଙ୍ଗରେ ଦେଖା କରିବାପାଇଁ ସମସ୍ତେ ବାହାରିଲେ ।

*　　*　　*　　*

ଏମାନେ ବ୍ଲଣ୍ଡ୍ ଆଙ୍କର ଓ ଚପଳା ନିକଟକୁ ଯାଇ ଦେଖନ୍ତି ତ ସେ ଦୁହେଁ ବେଶ୍ ଖୁସିରେ କଥାବାର୍ତ୍ତା କରୁଛନ୍ତି । ଏମାନଙ୍କୁ ସାମ୍‌ନାରେ ଦେଖି ବ୍ଲଣ୍ଡ୍ ଆଙ୍କର ଖୁବ୍ ଜୋରରେ ହସିଉଠିଲା—ବନ୍ଦେଗି ମିଃ କୁମାର !

ମିଃ କୁମାର ଅନୁଭବ କଲେ ଯେ, ସତେ ଯେମିତି ସ୍ୱର ଭିତରେ କିଛି ବ୍ୟଙ୍ଗ ପୂରି ରହିଛି—ତଥାପି ନିରୁତ୍ତର ରହିଲେ ।

—ନିଜର ନାମ ନେଇ ଖେଳ ଖେଳିବାରେ ତୁମେ ବେଶ୍ ଖେଳଓ୍ୱାଡ଼—ମିଃ ପାଲ୍ ବିଦ୍ରୂପ କଲେ ।

ତଥାପି ବ୍ଲଣ୍ଡ୍ ଆଙ୍କର ଶାନ୍ତ ଓ ନୀରବ ।

—ବଡ଼ ଦୁଃଖ ରହିଗଲା ଯେ, ତୁମ ଭଳି ସ୍ୱନାମଧନ୍ୟ ବ୍ୟକ୍ତିଙ୍କର ପରିଚୟ ଆଜ ପର୍ଯ୍ୟନ୍ତ ଆମକୁ ମିଳିପାରିଲାନି । ନକଲି ନାମରେ ନିଜକୁ ପରିଚିତ ନ କରାଇ ଏବେ ନିଜର ନାମ ପ୍ରକାଶ କରି ଦିଅନ୍ତୁ । ନଚେତ୍ ପୋଲିସ୍‌ର ଶକ୍ତି ତୁମଠାରୁ ଅନେକ ବେଶୀ ।

—ଧନ୍ୟବାଦ, ଆପଣଙ୍କ ଭଳି ଅଭିଜ୍ଞ ଅଫିସର୍‌ମାନେ ବି ଏଭଳି ମୂର୍ଖତା କରିପାରନ୍ତି—ତା' ଆଜ ପ୍ରଥମ ଜାଣିଲି ।

—ତୁମେ ଭୁଲି ଯାଉଛ ଯେ, ବର୍ତ୍ତମାନ ତୁମେ ଆମ ହାତରେ ବନ୍ଦୀ—ମିଃ ପାଲ୍ କ୍ରୋଧରେ ଲାଲ୍ ପଡ଼ି ଯାଇଥାନ୍ତି ।

—ଆଜ୍ଞା ଶାନ୍ତ ରୁହନ୍ତୁ, ଏ ଧମକର ପ୍ରଭାବ ମୋ ଉପରେ ମୋଟେ ପଡ଼ିବନି । ଆପଣ ବି ଭୁଲି ଯାଉଛନ୍ତି ମୋର ନାମ ବ୍ଲାଡ଼୍ ଆକ୍ଟର—ଏଥର ବଡ଼୍ ଆକ୍ଟରର କଣ୍ଠସ୍ୱର ଟିକିଏ ରୁକ୍ଷ ହୋଇ ଉଠିଲା—ନାମକୁ ସାର୍ଥକ କରିବାର ଉପାୟ ମୋତେ ବେଶ୍ ଜଣା । ଜଣେ ମାମୁଲି ବନ୍ଦୀ ହିସାବରେ ଜେଲରେ ବନ୍ଦ ରଖି ମୋତେ ଧମକାଇବାଟା ଆପଣଙ୍କର ମୂର୍ଖତା ଛଡ଼ା କ'ଣ ହୋଇପାରେ ?

—ଭବିଷ୍ୟତ ପାଇଁ ଲକ୍ଷ୍ୟ ରଖି ଟିକିଏ ଗର୍ବର ମାତ୍ରା କୋହଳ କର । ତୁମ ବିରୁଦ୍ଧରେ ଯେଉଁ ଅକାଟ୍ୟ ପ୍ରମାଣ ରଖା ଯାଇଛି, ତା'ର ପରିଣାମ କ'ଣ ହେବ ଜାଣ ତ ?

—ହିତୋପଦେଶ ନେବା ପାଇଁ ମୋତେ ଆପଣଙ୍କ ଅପେକ୍ଷା ମୋର ନିଜ ବିବେକ ଅନେକ ସାହାଯ୍ୟ କରିବ । ମୋତେ ଫାଶୀ ଦେବାପାଇଁ କୌଣସି ଫାଶୀକାଠ ଆଜି ସୁଦ୍ଧା ବୋଧହୁଏ ତିଆରି ହୋଇପାରିନି—ଯ୍ୱା' ମୁଁ ଭଲ ଭାବରେ ଜାଣେ ।

—ତା' ସଙ୍ଗେ ସଙ୍ଗେ ତୁମର ଯ୍ୱା' ମଧ୍ୟ ଜାଣି ରଖିବା ଉଚିତ ଯେ, ଏ ରକମ ସୁରକ୍ଷିତ ଜେଲ୍‌ୱାର୍ଡ ଭିତରୁ ତୁମକୁ ମୁକ୍ତ କରିବା ପାଇଁ ଏପର୍ଯ୍ୟନ୍ତ ସେମିତି କୌଣସି ଦୁର୍ଦ୍ଧର୍ଷ ଶକ୍ତିର ଆବିର୍ଭାବ ହୋଇନି ।

—ମୋର ବିଶ୍ୱାସ—ମୋତେ ଫାଶୀକାଠରେ ଝୁଲାଇବା ପର୍ଯ୍ୟନ୍ତ କୌଣସି କାଠଗଡ଼ା ମଜ୍‌ଭୁତ୍ ଥିବନି ।

—ତୁମ ବିଶ୍ୱାସ ଉପରେ ଦୁନିଆ ଚଳେନା—ତେଣୁ ସେ ବିଷୟରେ ମଥା ଖେଳାଇବା ତୁମର ଉଚିତ୍ ନୁହେଁ ।

—ଧନ୍ୟବାଦ—ମୋତେ ଅଯଥା ବିରକ୍ତ କରିବା ବି ଆପଣଙ୍କର ଉଚିତ ନୁହେଁ । ଯଦି କିଛି ପଚାରିବାର ଥାଏ—ତେବେ କୋର୍ଟ୍‌ରେ ଉତ୍ତର ପାଇବେ । ହଁ, ମିଃ କୁମାର—ବାସ୍ତବିକ

ଆପଣ ଚତୁର ଗୋଏନ୍ଦା ଓ ମିସ୍ ମାଧୁରୀ ବି ଚମତ୍କାର ସାହସୀ ଓ କୌଶଳୀ । ଆପଣ ଏହି ଦୁଇଜଣଙ୍କ ଯୋଗୁଁ ମୁଁ ଆଜ ବନ୍ଦୀ— ଯା'ହେଉ ଆପଣଙ୍କ ଧାରଣା ମୋ ବିଷୟରେ ଅନେକ ମହାନ୍ । ତେଣୁ ମୋର ଅନୁରୋଧ ଦୟାକରି ଆପଣ ସବାଲବେ ବିଦାୟ ନିଅନ୍ତୁ କାରଣ ଏକ୍ଷଣି ମୋର ବିଶ୍ରାମ ଦରକାର—ଗୁଡ୍‌ନାଇଟ୍—

ଥାନାକୁ ଫେରିଯିବା ଛଡ଼ା ଅନ୍ୟ କୌଣସି ମାର୍ଗ ଉନ୍ମୁକ୍ତ ନ ଥିଲା । ଦରଜାରେ ଚାବି ଲଗାଇବାକୁ କହି ମିଃ ପାଲ୍‌ଙ୍କ ସମେତ ସମସ୍ତେ ସେଠାରୁ ଫେରି ଆସିଲେ ।

( ୧୦ )

ଜେଲ୍ ଘଡ଼ିରେ ଠଂ ଠଂ ହୋଇ ବାଜିଲା ଦୁଇଟା । ମିସ୍ ଚପଳା ଓ ବ୍ଲଡ୍ ଆକ୍ଟର ଦୁହେଁ ପୁଣି ଥରେ ସତର୍କ ହୋଇଉଠିଲେ । ବ୍ଲଡ୍ ଆକ୍ଟର ଯାଇ ଶୋଇବାର ଅଭିନୟ କଲା—ଚପଳା ଉଠି ଧୀରେ ଧୀରେ କାଶିବାକୁ ଆରମ୍ଭ କଲା । କାଶ କ୍ରମେ ଉତ୍ତରୋତ୍ତର ବୃଦ୍ଧି ପାଇଲା । ବ୍ଲଡ୍ ଆକ୍ଟର ଉଠିଆସି ତାକୁ ସାହାଯ୍ୟ ଦେବାର ଚେଷ୍ଟା କଲା । କିନ୍ତୁ ବୃଥା— କାଶ ଏତେ ଜୋରରେ ହେଲା ଯେ, ଶେଷରେ ଚପଳା ସହ୍ୟ କରି ନ ପାରି ବେହୋସ ହୋଇପଡ଼ିଲା ।

ପ୍ରହରୀଟି ଏତେବେଳ ପର୍ଯ୍ୟନ୍ତ ଏ ସମସ୍ତ ଘଟଣା ଦେଖୁଥିଲା ବାହାର ପଟେ ଠିଆହୋଇ । ବ୍ଲଡ୍ ଆକ୍ଟର ଚିତ୍କାର ଶୁଣି ଶୀଘ୍ର ଜେଲର ସାହେବଙ୍କ ନିକଟକୁ ଦୌଡ଼ିଗଲା । ଜେଲର ସାହେବ ଏ'ା ଶୁଣିବା ମାତ୍ରେ ଦୌଡ଼ିଆସି ଦରଜା ଖୋଲିଦେଲେ । ବ୍ଲଡ୍-ଆକ୍ଟର ଡାକ୍ତର ଡାକିବା ପାଇଁ ତାଙ୍କୁ ଅନୁରୋଧ କଲେ । ଜେଲର ସାହେବ ଡାକ୍ତରଙ୍କ ପାଖକୁ ଫୋନ୍ କରିବାପାଇଁ ପ୍ରହରୀ ପଠାଇ

ଦେଲେ । ବ୍ଲଡ଼୍ ଆକ୍ଟରର ଯୋଜନା ସଫଳ ହୋଇଉଠିଲା—ସଙ୍ଗେ ସଙ୍ଗେ କ୍ଲୋରଫର୍ମ ରୁମାଲକୁ ଜେଲର ସାହେବଙ୍କ ମୁହଁ ଓ ନାକ ଉପରେ ଦାବି ଧରିଲା । ବାସ୍ ଏ ବାରୁ ଜେଲର ସାହେବ ଫଙ୍କା ହୋଇ ତଳେ ପଡ଼ିଗଲେ । ବ୍ଲଡ଼୍ ଆକ୍ଟର ସଙ୍ଗେ ସଙ୍ଗେ ତାଙ୍କ ପୋଷାକ ବଦଳାଇ ନେଇ ଜେଲର ସାହେବଙ୍କ ଜାଗାରେ ଆସ୍ତେ ବସିଲା । ହେଟ୍ଟା ବ୍ଲଡ଼୍ ଆକ୍ଟର ଏମିତି ଭାବେ ଆଗକୁ ଝୁଙ୍କାଇ ଦେଇଥାଏ ଯେ, ଜଣେ ଖୁବ୍ ପରିଚିତ ପକ୍ଷରେ ବି ସନ୍ଦେହ କରିବା ମୁସ୍କିଲ । ତା' ପରେ ଜେଲର ସାହେବଙ୍କ କାରୁ ଆଣି ଜଣେ ପ୍ରହରୀ ସାହାଯ୍ୟରେ ଚପଳାକୁ ତା' ଭିତରେ ଶୁଆଇ ଦେଲା । ଅନ୍ୟ ଜଣେ ପ୍ରହରୀକୁ ଦସ୍ୟୁକୁ ଜଗିବା ଭାର ଦେଇ ଜଣେ ପ୍ରହରୀ ଓ ଚପଳାକୁ ସଙ୍ଗରେ ନେଇ ହାସ୍‌ପିଟାଲ ଛୁଟିଲା । କାରଣ ଚପଳାର ଅବସ୍ଥା ସାଙ୍ଘାତିକ ହୋଇଉଠିଲା ।

କିଛିଦୂର ବାହାରିଯିବା ପରେ ପ୍ରହରୀକୁ ଖୁନ୍ କରି ରାସ୍ତା ମଝିରେ ପକାଇ ଦେଇଗଲା ।

*　　*　　*　　*

ତା' ପରଦିନ ସକାଳ ଛ'ଟା ନ ବାଜୁଣୁ ପ୍ରତ୍ୟେକ ଥାନା ଓ ବଡ଼ ବଡ଼ ପୋଲିସ୍ ଅଫିସର ଓ ମିଃ କୁମାରଙ୍କ ବଙ୍ଗଳାରେ ଫୋନ୍ ଟ୍ରିଂ ଟ୍ରିଂ ହୋଇ ଉଠି ଉଠିଲା । ଅତି ଆଶ୍ଚର୍ଯ୍ୟଜନକ ଭାବରେ ବ୍ଲଡ଼୍ ଆକ୍ଟର ଏବଂ ମିସ୍ ଚପଳା ଜେଲର ସାହେବଙ୍କୁ ବେହୋସ କରି ଗୋଟେ ପ୍ରହରୀଙ୍କୁ ହତ୍ୟା କରି ଅନ୍ୟ ପ୍ରହରୀମାନଙ୍କୁ ବୋକା ବନେଇ ଚମ୍ପଟ ଦେଇଛନ୍ତି ।

ଏହି ପ୍ରବଳ ପରାକ୍ରାନ୍ତ ଅଦ୍ଭୁତ କୌଶଳୀ ନୃଶଂସ ଦସ୍ୟୁର ପଳାୟନରେ ବମ୍ବେ ନଗରୀ ଆଶ୍ଚର୍ଯ୍ୟରେ ଚକିତ ହୋଇଗଲା । ଏତେ ସୁରକ୍ଷିତ ଜେଲ୍ ଓ୍ୱାର୍ଡ଼ ବି ତାକୁ ୨୪ ଘଣ୍ଟା ଅଟକାଇ

ପାରିଲାନି । ଯେଉଁଠି ଦେଖିବ—କେବଳ ସେଇ ଆଲୋଚନା ତା’ ସଙ୍ଗେ ସଙ୍ଗେ ପୋଲିସ୍ ମହଲର ତୀବ୍ର ନିନ୍ଦାବାଦ ।

ଜେଲ ସାରାଟା ସୁଦ୍ଧା ପୋଲିସ୍ ବିଭାଗ ଓ ଗୋଏନ୍ଦା ବିଭାଗର ସମସ୍ତ କର୍ମଚାରୀ ଏପରିକି ଆଇ. ଜି. ସାହେବ ପର୍ଯ୍ୟନ୍ତ ଆସି ଜେଲ ଓ୍ୱାର୍ଡ଼ରେ ରୁଣ୍ଡ ହୋଇଗଲେ । ମିଃ କୁମାର, କଶୋର ଓ ମିସ୍ ମାଧୁରୀଙ୍କୁ ସଙ୍ଗରେ ନେଇ ଆସି ମଧ୍ୟ ପହଞ୍ଚିଲେ ।

ଜେଲ୍‌ର ପ୍ରତ୍ୟେକ ଓ୍ୱାର୍ଡ଼ ତନ୍ନ ତନ୍ନ କରି ପରୀକ୍ଷା କରାଗଲା । ସମସ୍ତଙ୍କର ମୁହଁରେ କାଳିମାରେ ଘୋଟି—ଆଇ. ଜି. ସାହେବ କ୍ରୋଧରେ ଅରୁଛନ୍ତି । ସେ ସବୁ ଦୋଷ ଏବଂ ନିଷ୍ପାପ ଜେଲର ସାହେବଙ୍କ ଉପରେ ଲଦୁଛନ୍ତି । କିନ୍ତୁ ତା’ର ଦୋଷ କ’ଣ—ଯଦି ତପକାର କିଛି ସେଠାରେ ହୋଇ ଯାଇଥାଆନ୍ତା—ତେବେ ସେ ତ ଦାୟୀ ହୋଇଥାନ୍ତେ ?

ଆପଣମାନେ ମୋ ଉପରେ ଏ ଦାୟିତ୍ୱ ଦେଇଛନ୍ତି—ତେଣୁ ବ୍ଲଡ୍ ଆକ୍ଟରକୁ ଶାସ୍ତି ନ ଦେବା ପର୍ଯ୍ୟନ୍ତ ମୁଁ ନୀରବ ରହି ପାରିବିନି । ଏଥର ଖସି ପଳାଇଲେ ମଧ୍ୟ ଆସନ୍ତା ସାତଦିନ ଭିତରେ ପୁଣି ତାକୁ ବନ୍ଦୀ କରି ଆପଣଙ୍କ ସାମ୍‌ନାରେ ଠିଆ କରାଇବି । ମିଃ କୁମାରଙ୍କ ଆଡ଼ୁ ଏଇ କେଇପଦ ଶୁଣାଗଲା ।

ସମସ୍ତେ ମିଃ କୁମାରଙ୍କ ଆଡ଼କୁ ଆଶ୍ଚର୍ଯ୍ୟାନ୍ୱିତ ହୋଇ ଅନାଇଲେ । ମିଃ କୁମାର ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କଲେ ପଟେ କାନ୍ଥକୁ—ଛୁରୀ ମୁନରେ ଖୋଳା ଯାଇଥାଏ –

"ମିଃ କୁମାର !

ଆସନ୍ତା ସାତଦିନ ଭିତରେ ଆପଣ ମିସ୍ ମାଧୁରୀଙ୍କୁ ହରାଇବା ପାଇଁ ବାଧ୍ୟ ହେବେ । "ବ୍ଲଡ୍ ଆକ୍ଟର ।"

* * * *

ମିଃ କୁମାରଙ୍କ ସନ୍ଦେହୀ ମନ ଭିତରେ ଉପରୋକ୍ତ ଲେଖାଟା ବାରମ୍ବାର ଚେଇଁ ଉଠୁଥାଏ । ବ୍ଲଡ୍ ଆକ୍ଟରର ଧମକ ଉପରେ ଅବିଶ୍ୱାସ କରି ସେ ମୂର୍ଖ ହେବା ପାଇଁ ଇଚ୍ଛା କରନ୍ତି ନ ! ଏଥର ଯଦି ସେ ତା'ର କଥାକୁ କାମରେ ପରିଣତ କରିପାରେ—ତେବେ ନିଜକୁ ଅପମାନର ଚରମ ସୀମାରେ ନେଇ ପହଞ୍ଚାଇବାକୁ ହେବ । ତେଣୁ ସେ ସଦା ସତର୍କ ରହିବାକୁ ଚେଷ୍ଟା କରୁଥାନ୍ତି ଓ ଆଖି କାନ ଖୋଲି ରଖୁଥାନ୍ତି ।

ମିଃ କୁମାର ମିସ୍ ମାଧୁରୀ ଓ କିଶୋରଙ୍କ ସଙ୍ଗରେ ଆଲୋଚନା କରି ଭାବି କାର୍ଯ୍ୟପନ୍ଥା ବିଷୟରେ ସତର୍କ ରହିଲେ । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଲକ୍ଷ୍ୟ କରି ଆଗେଇବାର ସ୍ଥିର ହେଲା । ତଥାପି ବ୍ଲଡ୍ ଆକ୍ଟର ହତାଶ ହେବାର ଲୋକ ନୁହେଁ । ତା'ର କଥାରେ ମୋଟେ ପ୍ରଭେଦ ଘଟିବନି ।

ବିଗତ ଦୁଇଦିନ ଭିତରେ ପ୍ରାୟ ଦୁଇଲକ୍ଷଟଙ୍କାର ଡକାୟତି ତିନି ଜାଗାରେ ହୋଇଯାଇଛି । ପ୍ରତ୍ୟେକ ଜାଗାକୁ ଅବଶ୍ୟ ଆଗରୁ ନୋଟିସ୍ ଦେଇଥାଆନ୍ତି ଓ ସେଗୁଡ଼ିକର ବିବରଣୀ ପ୍ରତ୍ୟେକ ଥର ପତ୍ର ଆକାରରେ ମିଃ କୁମାରଙ୍କୁ ଜଣାଇ ଦେଉଥାଆନ୍ତି । କିନ୍ତୁ ମିଃ କୁମାର ସେ ଗୁଡ଼ିକ ଉପରେ ସେତେ ଜୋର ଦେଲେନି । ତାଙ୍କ ମତରେ ସେଗୁଡ଼ିକ କେଶ୍‌ରେ ମଥା ଖେଳାଇବା କେବଳ ବିଫଳ ପ୍ରୟାସ । ଇନ୍‌ସ୍‌ପେକ୍ଟର ଯାହା ଇଚ୍ଛା କରୁଥାନ୍ତି, ସେହି ଯଥେଷ୍ଟ ।

ଚତୁର୍ଥଦିନ ମିସ୍ ମାଧୁରୀ ଟ୍ୟାକ୍ସି ଅପେକ୍ଷାରେ ଥିବା ସମୟରେ ବ୍ଲଡ୍ ଆକ୍ଟର ତାଙ୍କୁ ଛଦ୍ମବେଶରେ ହରଣ କରି ନେଇଗଲା । କିଶୋର ଛାୟା ଭଳି ଅନୁସରଣ କରୁଥାନ୍ତି ମିସ୍ ମାଧୁରୀଙ୍କୁ । ସେ ତାଙ୍କର ପଛେ ପଛେ ଅନୁସରଣ କରୁଥାନ୍ତି । ମିସ୍

ଗୁପ୍ତ ଆଡ଼୍ଡ଼ାର ସନ୍ଧାନ ଜାଣିପାରିଲେ । ସେ ତତ୍‌କ୍ଷଣାତ୍ ଫେରି ଆସି ମିଃ କୁମାରଙ୍କୁ ଖବର ଦେଲେ । ବ୍ଲଡ୍ ଆକ୍‌ଟର ମଧ୍ୟ ଜାଣି ଜାଣି କିଶୋରକୁ ତାଙ୍କର ଅନୁସରଣ କରିବାପାଇଁ ସୁବିଧା ଦେଇଛି । ସେ ଭଲ ଭାବେ ଜାଣେ ଯେ ମିଃ କୁମାର ବିନା ପୋଲିସ ସାହାଯ୍ୟରେ ଏଠାକୁ ଆସିବେ ଓ ମୋତେ ଗ୍ରେପ୍ତାର କରିବାର ଚେଷ୍ଟା କରିବେ । ସେ ସେଇ ସୁଯୋଗ ପାଇବା ଆଶାରେ କିଶୋରକୁ ପିଚ୍ଛା ଧରିବାପାଇଁ ସୁବିଧା ଦେଇଥିଲା ।

ମିଃ କୁମାର ଏ ଖବର ପାଇଲା ମାତ୍ରେ କିଶୋରକୁ ନେଇ ଛୁଟିଲେ ସେଇ ବ୍ଲଡ୍ ଆକ୍‌ଟର ଆଡ଼୍ଡ଼ାକୁ । ଯିବା ପୂର୍ବରୁ ତରତରରେ ଫୋନ୍‌ଟାଏ କରିଗଲେ । ବିଳମ୍ବରେ ହତାଶ ହେବାର ସମ୍ଭାବନା ବେଶି ।

ମିଃ କୁମାର ଓ କିଶୋର ଯାଇ ଦରଜା ନିକଟରେ ପହଞ୍ଚି ଦେଖିଲେ ଯେ ଦରଜାରେ ଏକ ତାଲା ପଡ଼ିଛି । ସଙ୍ଗେ ସଙ୍ଗେ ପକେଟ୍‌ରୁ ଚାବି ଗୋଛାଟା ବାହାର କରି ଘୁରାଇବାକୁ ଲାଗିଲେ— କିଛି କ୍ଷଣ ଭିତରେ ତାଲାଟା ଖୋଲିଗଲା । ଭିତରକୁ ପଶିଲେ ଖୁବ୍ ସାବଧାନରେ । ଦିଟା ଅଟୋମେଟିକ୍ ରିଭଲ୍‌ଭର୍ ତାଙ୍କ ହାତରେ ଚମକୁ ଥାଏ – କିଶୋର ହାତରେ ମଧ୍ୟ ଦୁଇଟା । ଗୋଟିଏ ପ୍ରକାଣ୍ଡ ହଲ୍ ପାର ହୋଇ ଗୋଟିଏ ବାରଣ୍ଡାରେ ଯାଇ ପହଞ୍ଚିଲେ । ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଥାଏ ଯେ, ଦସ୍ୟୁମାନେ କ'ଣ ଚେଟେ ପଳାଇଛନ୍ତି ! ସଙ୍ଗେ ସଙ୍ଗେ ତାଙ୍କର କାନ ଦିଟା ଠିଆ ହୋଇଗଲା । ସାମନା ଦରଜାରୁ କିଛି ଆବାଜ ବାହାରୁଥାଏ । ଧୀରେ ଧୀରେ ଦରଜା କବାଟରେ ଲାଗି ଠିଆ ହୋଇଗଲେ ।

—ହେଲୋ ମିଃ କୁମାର—ଦରଜା ଖୋଲା ଅଛି—ଚାଲି ଆସନ୍ତୁ । ଭିତରୁ ଆବାଜ ଆସିଲା ।

ଚମକି ପଡ଼ିଲେ ମିଃ କୁମାର ଓ କିଶୋର । ସାକ୍ଷାତ୍ ମୃତ୍ୟୁ ମୁହଁକୁ ଆଗେଇ ଚାଲିଛନ୍ତି । ତେବେ କ'ଣ ବ୍ଲଡ୍ ଆକ୍ଟର ଆମଠାରୁ ଏଇୟା ଆଶା କରି ଅପେକ୍ଷା କରିଛି । ପଛଘୁଞ୍ଚା ଦେବା ତାଙ୍କ ପକ୍ଷରେ ସମ୍ପୂର୍ଣ୍ଣ ଅସମ୍ଭବ । ଦରଜା ଧୀରେ ଧୀରେ ଖୋଲି ଭିତରକୁ ପ୍ରବେଶ କଲେ । କିଶୋର ମଧ୍ୟ ଦୃଢ଼ମୁଷ୍ଟିରେ ରିଭଲ୍‌ଭର୍ ଧରି ତାଙ୍କ ପାଖରେ ଠିଆ ହୋଇଗଲା । ଖଣ୍ଡିଏ ଆରାମ ଚେୟାର୍ ଉପରେ ବ୍ଲଡ୍ ଆକ୍ଟର ଓ ଅନ୍ୟଖଣ୍ଡେ ଚେୟାର୍‌ରେ ମିସ୍ ଚପଳା ।

ଦୁହିଁଙ୍କୁ ସାମ୍ନାରେ ଦେଖି ମଧ୍ୟ ବ୍ଲଡ୍ ଆକ୍ଟର ପୂର୍ବଭଳି ଶାନ୍ତ ଓ ସ୍ଥିର । ମିଃ କୁମାର ଦୃଢ଼କଣ୍ଠରେ କହିଲେ—ହାତ ଉପରକୁ ଟେକି ଆତ୍ମସମର୍ପଣ କରିଦିଅ—ଜାଣୁନ୍ ଖୁବ୍ ଶକ୍ତିଶାଳୀ—

ଏଥର ବ୍ଲଡ୍ ଆକ୍ଟର କାନ୍ଧକୁ ହଲାଇ ଦେଇ ସିଧା ହୋଇ ବସିଲା—ମିଃ କୁମାର, ମୋ ମତରେ ଆଜି ଅଧିକ ଖେଳଣାର ସାହାଯ୍ୟ ନେବା ଉଚିତ୍ ନୁହେଁ—ତେଣୁ ସେ ଖେଳଣାଗୁଡ଼ାକ ପକେଟ୍‌ରେ ରଖିଦିଅନ୍ତୁ ।

—ବ୍ଲଡ୍ ଆକ୍ଟର—କୌଣସି ଚାଲ୍ ଆଜି ତୁମର ଚାଲିବନି । ଆତ୍ମସମର୍ପଣ କେବଳ ଏକମାତ୍ର ମାର୍ଗ ତୁମପାଇଁ ଉନ୍ମୁକ୍ତ ଅଛି—ଅନ୍ୟଥା ଅନ୍ୟପୁରର ପାସପୋର୍ଟ ମିଳିବ ।

—ହାତକଡ଼ି ବାହାର କରନ୍ତୁ ମିଃ କୁମାର—ମୁଁ ପ୍ରସ୍ତୁତ ଅଛି । ପୂର୍ବଭଳି ଶାନ୍ତ ଅବିଚଳିତ କଣ୍ଠରେ ଉତ୍ତର ଦେଲା ବ୍ଲଡ୍ ଆକ୍ଟର ।

ଠିକ୍ ସମୟରେ ଖଟ୍‌କରି ଏକ ଆବାଜ ହେଲା ଓ ମିଃ କୁମାର ଓ କିଶୋର ପନ୍ଦର ଫୁଟ ତଳେ ଯାଇ ପଡ଼ିଲେ ଭୂଗର୍ଭ ଉପରେ ।

*  *  *  *

ମିଃ କୁମାର, କିଶୋର ଓ ମିସ୍ ମାଧୁରୀ ବର୍ତ୍ତମାନ ବ୍ଲଡ୍ ଆକ୍ଟର ହାତରେ ବନ୍ଦୀ । ନିର୍ବାକ୍ ହୋଇ ବସି ରହିଛନ୍ତି । ଅନ୍ୟ କୌଣସି ଉପାୟ ନ ଥିଲା । କିଛି ସମୟ ପରେ ବ୍ଲଡ୍ ଆକ୍ଟର ଓ ଚପଲା ଆସି ଏମାନଙ୍କର ଧ୍ୟାନଭଗ୍ନ କଲେ ।

—ମିଃ କୁମାର—ଆପଣ ନିଶ୍ଚୟ ଜଣେ ସୁଚତୁର କୌଶଳୀ ଓ ମୋର ଉପଯୁକ୍ତ ପ୍ରତିଦ୍ୱନ୍ଦୀ । ଆପଣଙ୍କର ବୁଦ୍ଧି ଅନେକ ଆଗରୁ ବଢ଼ିଗଲାଣି । ଦିନକୁ ଦିନ ଆପଣ ଦରକାର ଅପେକ୍ଷା ଅଧିକ ବୁଦ୍ଧିକ ହେବାକୁ ଚେଷ୍ଟା କରୁଛନ୍ତି ଓ ମୋ ରାସ୍ତାରେ ପଦେ ପଦେ ଆଣି ବାଧା ପହଞ୍ଚାଉଛନ୍ତି । ତେଣୁ ଅଧିକ ସହ୍ୟକରିବା ବେଳକୁ ବେଳ ମୋ' ପକ୍ଷରେ ଅସମ୍ଭବ ହୋଇଉଠୁଛି । ଆସନ୍ତା କାଲିର କିରଣ ଯେମିତି ଆପଣ ଦେଖିବାକୁ ନ ପାଆନ୍ତି—ସେଥିର ବ୍ୟବସ୍ଥା କରିବା ମୋର ଏକାନ୍ତ ଦରକାର ମନେ ହେଉଛି ।

ଯା'ର ମାନେ ସ୍ପଷ୍ଟ ଯେ, କାଲି ସକାଳ ପୂର୍ବରୁ ଏମାନେ ମୃତ୍ୟୁ ପଥର ଯାତ୍ରୀ ହୋଇ ସାରିଥିବେ ।

ବ୍ଲଡ୍ ଆକ୍ଟର ପୁଣି କହି ଚାଲିଲା ଗୋଟେ ସିଗାରେଟ୍ ଧରାଇ —ସେଥିପାଇଁ ସମୟ ଧାର୍ଯ୍ୟ କରାଯାଇଛି ଆଜି ରାତି ଦଶଟା । ରାତି ଦଶଟାରେ ଆମେ ଆଜି ସିଦ୍ଧୁ ଶୋଠ୍ ଯାନଦସ୍ପାଲଙ୍କୁ ଦେଖା ଦେବାକୁ—ଅବଶ୍ୟ ଆମେ ତାଙ୍କୁ ନୋଟିସ ଦେଇ ସାରିଛୁଁ ।

ହୋ ହୋ ହୋଇ ହସିଉଠିଲା ବ୍ଲଡ୍ ଆକ୍ଟର—ଓ, କି ନିର୍ମମ ଓ ନିଷ୍ଠୁର ସେ ହସ ! ମିସ୍ ମାଧୁରୀ ଓ କିଶୋର ଭୟରେ ସାଦା ପଡ଼ିଗଲେ । ବସି ବସି ଅନ୍ତିମ ସମୟକୁ ଅପେକ୍ଷା କରିବା କେବଳ ସାର । ତାଙ୍କ ମୁହଁ ଉପରେ ସ୍ପଷ୍ଟ ମୃତ୍ୟୁର ଛାପ । କିନ୍ତୁ ମିଃ କୁମାର ପଥରମୂର୍ତ୍ତିଭଳି ଶାନ୍ତ—ମୁହଁରେ ଭାବର କୌଣସି ପରିବର୍ତ୍ତନ ନାହିଁ ।

ହଁ ମନେ ରଖନ୍ତୁ ମିଃ କୁମାର—ଅନେକ ବିପଦରୁ ଆପଣ ବୁଦ୍ଧିବଳରେ ଉଦ୍ଧାର ପାଇ ଯାଇଛନ୍ତି । ଆଜି ରାତି ଭିନଟା ପର୍ଯ୍ୟନ୍ତ ଆପଣ ଅନେକ ସମୟ ପାଇ ପାରିବେ । ସ୍ୱା' ଭିତରେ ମୁକ୍ତି ପାଇବାପାଇଁ ଆପଣ ଯେକୌଣସି ଉପାୟ ଅବଲମ୍ବନ କରିପାରନ୍ତି । ଆପଣ ଯଥେଷ୍ଟ ଆଶାବାଦୀ ଓ ଆପଣଙ୍କ ମଥା ଖୁବ୍ ତେଜ୍ । ମିସ୍ ମାଧୁରୀ ବି କମ୍ ନୁହନ୍ତି । ସେ ତାଙ୍କର ବୁଦ୍ଧିର ନମୁନା ଦେଖାଇ ମୋତେ ଥରେ ଗ୍ରେପ୍ତାର କରି ପାରିଥିଲେ—ଏଥର ମଧ୍ୟ ଚେଷ୍ଟା କରି ଦେଖିପାରନ୍ତି ।

କି ନିର୍ମମ କଟାକ୍ଷ ଦସ୍ୟୁ ବ୍ଲଡ୍ ଆକ୍ଟରର !!

ଏମାନଙ୍କୁ ଆଉ କୌଣସି କଥା କହିବାର ସୁଯୋଗ ନ ଦେଇ ଦସ୍ୟୁ ବାହାରିଗଲା ଚପଳା ସଙ୍ଗରେ—ଠିକ୍ ଯେମିତି ଆସିଥିଲା ସେମିତି ।

କିଶୋର ଓ ମିସ୍ ମାଧୁରୀ ଯାଇ ଧରିଲେ ମିଃ କୁମାରଙ୍କୁ । ଏଥର ସାମ୍ନାରେ ମୃତ୍ୟୁର ବିଭୀଷିକା—ଆପଣ ନୀରବ ରହିଛନ୍ତି କେମିତି—କୌଣସି ଉପାୟ ଦେଖନ୍ତୁ ଉଦ୍ଧାର ହେବାର ।

ଏଥର ମିଃ କୁମାରଙ୍କ ଗମ୍ଭୀରତା ଭାଙ୍ଗିଗଲା—ତୁମେ ଭଲ ଭାବେ ଜାଣ ଯେ ମୋ ନାମ କୁମାର । କୁମାର ଏତେ କଞ୍ଚାଖେଳ ଖେଳେନା, ଯେ ଇଚ୍ଛାକଲେ ଯେକୌଣସି ମୁହୂର୍ତ୍ତରେ ତାକୁ ବନ୍ଦୀ କରି ନିର୍ମମ ଯନ୍ତ୍ରଣା ଦିଆଯିବ । କୁମାର ଏଥର ଜାଣି ଶୁଣି ବନ୍ଦୀ ହୋଇଛି । ମୁଁ ଭଲ ଭାବେ ଜାଣେ ଯେ ଆଜି ବ୍ଲଡ୍ ଆକ୍ଟର ଶେଠ୍ ଗାନଦୟାଲ୍ଙ୍କ ଘରକୁ ଯିବ । ମୋ ପଛେ ପଛେ ଏମିତି ସୂତ୍ର ଛାଡ଼ିଦେଇ ଆସିଛି ଯେ, ପୋଲିସ୍ ଇନ୍‌ସ୍‌ପେକ୍ଟର ଗଗନବାବୁ ଆମକୁ ଉଦ୍ଧାର କରିବାପାଇଁ ଆସି ପହଞ୍ଚିବେ । ମୁଁ ଚାହେଁନା ଯେ ଅଯଥା ଲୋକଙ୍କର ଜୀବନ ନଷ୍ଟ ହେଉ । ତେଣୁ ନିଜ ଜୀବନକୁ

ବିପଦାପନ୍ନ କରି ଏଠାକୁ ଆସିଛୁ । ମୋର ଗଗନବାବୁଙ୍କ ଉପରେ ପୂରା ବିଶ୍ୱାସ ଅଛି । କ୍ଲବ୍ ଆକ୍ଟରେ ଏଠାରୁ ବାହାରି ଯିବା ପରେ ସେ ନିଶ୍ଚୟ ଆସି ପହଞ୍ଚିବେ । ତେଣୁ ଭୟ ନ କରି ରାତି ଦଶଟା ପର୍ଯ୍ୟନ୍ତ ଅପେକ୍ଷା କର । ଯଦି ଗଗନବାବୁ ଆସି ନ ପହଞ୍ଚନ୍ତି—ତେବେ ସୁଦ୍ଧା ମୁଁ ନିଜକୁ ରକ୍ଷାକରି ପାରିବି । ଯଦି ମୋ ଉପରେ ତୁମର ଆସ୍ଥା ନ ଥାଏ– ତେବେ ତୁମେ ଯେକୌଣସି ଉପାୟ ଅବଲମ୍ବନ କରିପାର—ମୋର ଆପତ୍ତି ନାହିଁ ।

ମିଃ କୁମାରଙ୍କ ଉପରେ ନିର୍ଭର କରିବାଛଡ଼ା ଅନ୍ୟ ଉପାୟ କିଛି ନ ଥିଲା । ତେଣୁ କିଶୋର ଓ ମାଧୁରୀ ନୀରବ ରହିଲେ ।

* * * *

ସନ୍ଧ୍ୟା ଛ'ଟାରେ ମିଃ କୁମାର ଓ କିଶୋର ଇନ୍‌ସ୍‌ପେକ୍ଟରଙ୍କୁ ଅପେକ୍ଷା କରିଥାନ୍ତି ଡ୍ରଇଂ ରୁମ୍‌ରେ । ଆଗରୁ ତାଙ୍କୁ ଫୋନ୍‌ରେ ଡାକିଥିଲେ । ପ୍ରାୟ ଦଶମିନିଟ୍ ପରେ ଗଗନବାବୁ ଆସି ପହଞ୍ଚିଗଲେ ।

—ହଠାତ୍ ମୋତେ ଡକାଇବାର କାରଣ ମିଃ କୁମାର— ଉଦ୍‌ବିଗ୍ନ ହୋଇ ପଚାରିଲେ ଗଗନବାବୁ ।

ମିଃ କୁମାର ଖୁବ୍ ଗମ୍ଭୀର ଥାନ୍ତି । କହିଲେ—ଦେଖନ୍ତୁ ମିଃ ଗଗନ— ବର୍ତ୍ତମାନ ମୁଁ ଆଜ ଗୋଟିଏ ସୁଯୋଗ ଆପଣଙ୍କୁ ଦେଉଛି ମୋତେ ସାହାଯ୍ୟ କରିବାପାଇଁ । କ୍ଲବ୍ ଅ‌ାକ୍ଟର ଆଜି ରାତିରେ ମୋତେ ଖୁନ୍ କରିବାପାଇଁ ଚେତାବନୀ ଦେଇଛି ।

ସେଇ ସମୟେ ଯଦି ସଶରୀରେ ବମ୍ ଫାଟିଥାନ୍ତା— ତେବେ ଗଗନବାବୁ ଓ କିଶୋର ଏତେ ଚମକି ନ ଥାନ୍ତେ । ନିର୍ମମ କ୍ଲବ୍ ଆକ୍ଟରର ଚେତାବନୀ—ସାରା ସଂସାର ଯେମିତି ଘୂରିବାକୁ ଲାଗିଲା ସେ ଦୁହିଁଙ୍କ ସାମ୍ନାରେ । କିନ୍ତୁ ମିଃ କୁମାରଙ୍କ ମୁଖର

ଭାବ ପୂର୍ବପରି ଅବିଚଳିତ ଓ ଶାନ୍ତ । ସେ ଭାବୀ କାର୍ଯ୍ୟକ୍ରମ ବିଷୟରେ ନିଶ୍ଚିନ୍ତ ଥାନ୍ତି ।

ଉତ୍ତେଜନାରେ ଫାଟିକରି ଗଗନବାବୁ କହିଲେ—ତେବେ ଆପଣ ଶୀଘ୍ର ଗଭର୍ଣ୍ଣର କୋଠିକୁ ଚାଲନ୍ତୁ—ସେଠାରେ ବ୍ଲଡ୍ ଆଈର ଆପଣଙ୍କର କେଶାଗ୍ର ପର୍ଯ୍ୟନ୍ତ ସ୍ପର୍ଶ କରି ପାରିବନି ।

—କିନ୍ତୁ ଅସୁବିଧା ଏହି ଯେ ମୁଁ ଖାଲି ଭଳି ଲୁଚି ରହିବାକୁ ଚାହେଁନା ଓ ଏତେ ଶୀଘ୍ର ମରିବାର ମୋର ଇଚ୍ଛା ନାହିଁ । ଯଦି ବା ଆଜ ମରିବାକୁ ହୁଏ, ତେବେ ବ୍ଲଡ୍ ଆଈରକୁ ଗ୍ରେପ୍ତାର କରି ମରିବି—ଅନ୍ୟଥା ମୋ ମରିବା ମୁଁ ଦରକାର କରିବନି ।

—ଆପଣ ଏପରି ଜିଦ୍ ଧରନ୍ତୁ ନାହିଁ ମିଃ କୁମାର !

—ମୋ କଥାରେ ମୁଁ ସବୁ ସମୟରେ ଅଟଳ ।

ଖୁବ୍ କଠିନ ହୋଇଉଠିଲେ ଗଗନବାବୁ—ତେବେ ଆଜ ଆପଣଙ୍କ କୋଠାର ପ୍ରତ୍ୟେକ ଇଞ୍ଚରେ ଆଣି ଫୋର୍ସ ଭରି ଦେବି । ଆଜ କିପରି ବ୍ଲଡ୍ ଅକ୍ୱାର ହତ୍ୟା କରିବ ଆପଣଙ୍କୁ—ଏହା ଦେଖି ନେବି । ମୁଁ ତାକୁ ଆଜ ସ୍ପଷ୍ଟଭାବରେ ଦେଖାଇ ଦେବି ଯେ, କାହାର ଶକ୍ତି ବେଶି—କ୍ରୋଧରେ ସର୍ବାଙ୍ଗ ତାଙ୍କର ଥରୁଥାଏ ।

—ଶାନ୍ତ ହୁଅନ୍ତୁ ମିଃ ଗଗନ—ଏତେ ଉତ୍ତେଜନାରେ କୌଣସି କାର୍ଯ୍ୟ ସଫଳ ହୋଇପାରେନା । ଆଜ ଗୋଟିଏ ମାତ୍ର ଫୋର୍ସ ବି ମୋର ଦରକାରରେ ଆସିବ ନାହିଁ । କେବଳ ଆପଣ ମୋତେ ସାହାଯ୍ୟ କରିବାପାଇଁ କିଛି ହାତକଡ଼ି ନେଇ ପ୍ରସ୍ତୁତ ରହିବେ ଓ କିଛି ସରୁ ଇଲେକ୍‌ଟ୍ରିକ୍ ତାର ଯୋଗାଇ ଦେବେ । ବାସ୍, ଏତିକରେ ବ୍ଲଡ୍ ଆଈର ଆମ ହାତକୁ ଆସିଯିବ—ଏଥର ତା'ର କଥାକୁ କାର୍ଯ୍ୟରେ ପରିଣତ କରିବାର ସୁଯୋଗ ଆମେ ତାକୁ ଦେବା ନାହିଁ ।

—କିନ୍ତୁ—

କଥା ଛଡ଼ାଇ ନେଇ ମିଃ କୁମାର କହିଲେ—ଯୁଦ୍ଧ କରିବା ପାଇଁ ସମୟ ଖୁବ୍ ଅଳ୍ପ । ରାତି ବାରଟା ସୁଦ୍ଧା ଆମକୁ ପୂର୍ଣ୍ଣ ରୂପେ ବନ୍ଦୋବସ୍ତ କରିବାକୁ ହେବ—ନଚେତ୍ ଜୀବନରେ ଆମକୁ ହାତ ଧୋଇବାକୁ ହେବ । ଯଦି ଆପଣ ଭୟ କରୁଥାନ୍ତି—

—ମିଃ କୁମାର—ଭୟର ବୃଥା ଧମକ ଦେଖାଇ ମୋତେ ଡରାଇବାର ଚେଷ୍ଟା କରନ୍ତୁ ନା । ଆପଣଙ୍କ ସହଯୋଗ ମୋ ପକ୍ଷରେ ଥିଲେ ମୁଁ ସ୍ୱୟଂ ଯମ ସଙ୍ଗରେ ବି ଯୁଦ୍ଧ କରିବାକୁ ପ୍ରସ୍ତୁତ । ଘଣ୍ଟାକ ଭିତରେ ମୁଁ ପ୍ରସ୍ତୁତ ହୋଇ ଆସିଯିବି କହି ଇନ୍ସ୍ପେକ୍ଟର ଉଠିଲେ ।

ରାତି ନଅଟା ହୁଏ ମିଃ କୁମାର, କିଶୋର, ମିସ୍ ମାଧୁରୀ ଓ ଗଗନବାବୁ ମିଶି ଦୋତାଲାକୁ ଉଠିବା ସିଡ଼ିରେ ଇଲେକ୍ଟ୍ରିକ୍ କରେଣ୍ଟର ବନ୍ଦୋବସ୍ତ କରି ଦିଆଗଲା । ମେନ୍ସୁଇଚ୍ ଦାୟିତ୍ୱ କିଶୋରକୁ ଦିଆଗଲା । ତଳ ମହଲାର ଏକ ନିଭୃତ କୋଠରୀରେ ବସି କିଶୋର ସେଇ ଭୟାନକ ମୁହୂର୍ତ୍ତର ଅପେକ୍ଷାରେ ରହିଲା । ମିଃ କୁମାର, ମିସ୍ ମାଧୁରୀ ଓ ଗଗନବାବୁଙ୍କୁ ନେଇ ଉପରେ ବସିଲେ । ମିଃ କୁମାରଙ୍କ ପ୍ରସ୍ତାବ ଅନୁଯାୟୀ ତାସ୍ଖେଳ ଆରମ୍ଭ ହେଲା । ଗଗନବାବୁ ଓ ମିସ୍ ମାଧୁରୀ ଉତ୍ତେଜନାବଶତଃ ବାରମ୍ବାର ଭୁଲ୍ କରୁଥାନ୍ତି । କିନ୍ତୁ ସାକ୍ଷାତ୍ ମୃତ୍ୟୁର ଖେଳାଳି ମିଃ କୁମାର ଅବିଚଳିତ ଭାବରେ ଖେଳି ଚାଲିଥାନ୍ତି । ଏଥର ସେଇ ଦୁଃସମୟ 'ବାରଟା ଆସି' ପହଞ୍ଚିଲା । ଅଦୂରରେ ଗିର୍ଜା ଘଣ୍ଟାରେ ଠଂ ଠଂ ହୋଇ ବାରଟା ବାଜିଲା । ତାସ୍ଖେଳ ବନ୍ଦ ରଖି ସେମାନେ ରିଭଲଭର୍ ଧରି ପ୍ରସ୍ତୁତ ହୋଇଗଲେ ।

ଘନ ଅନ୍ଧକାରରେ ବସି କିଶୋର ଦେଖିବାକୁ ପାଇଲେ ଯେ ବାରଟି ଛାୟା ମୂର୍ତ୍ତି ସିଢ଼ି ଉପରକୁ ଉଠୁଥାନ୍ତି । ଅନ୍ଧକାରରେ ସେମାନଙ୍କର ମୂର୍ତ୍ତି ଖୁବ୍ ବିକଟାଳ ଦେଖା ଯାଉଥାଏ । ସମସ୍ତେ ସିଢ଼ି ଉପରକୁ ଉଠିଲା ମାତ୍ରେ ପ୍ରଥମ ବ୍ୟକ୍ତି ଗୋଟିଏ ଟ୍ରେଟ ଟର୍ଚ୍ଚ ପକେଟରୁ ବାହାରକରି ସମସ୍ତଙ୍କୁ ଥରେ ଭଲ ଭାବରେ ଦେଖି-ନେଲା । ସମସ୍ତଙ୍କ ହାତରେ ଏକ ଅଗ୍ନ୍ୟୁଦଗାରୀ ପିସ୍ତଲ । ଚମକିପଡ଼ିଲେ କିଶୋର—ଆଜି କ'ଣ ଆମ ଜୀବନର ସମସ୍ତ ଖେଳ ସମାପ୍ତ—ଥରିଉଠିଲେ ଭୟରେ । ଠିକ୍ ଏଇ ପରିସ୍ଥିତିରେ ଯଦି ବିଦ୍ୟୁତ୍ କାମ ନ କରେ ? ତେବେ ପରିଣାମ !! ସମ୍ମୁଖରେ ମୃତ୍ୟୁର କରାଳ ବିଭୀଷିକା !

ସମସ୍ତେ ସିଢ଼ି ଉପରକୁ ଉଠିଯିବା ମାତ୍ରେ କିଶୋର ସୁଇଚ୍ ଟେକି ଦେଲେ । ଠିକ୍ ସେଇ ମୁହୂର୍ତ୍ତରେ ବ୍ଲଡ୍ ଆଙ୍କଟର ହାତରେ ପିସ୍ତଲ ଗର୍ଜିଉଠିଲା ଗୁଡୁମ୍ । ସିଢ଼ି ପର୍ଯ୍ୟନ୍ତ କରେଣ୍ଟ ପହଞ୍ଚିବା ପୂର୍ବରୁ ବ୍ଲଡ୍ ଆଙ୍କଲର ତାର କନେକ୍ସନ୍ କାଟି ଦେଲା ଗୁଳି କରି । ଭୟରେ ଚିତ୍କାର କରୁ କରୁ ଓଠ ଚିପି ବସିଗଲେ କିଶୋର—ଓଠ ଫାଟି ଯାଇ ରକ୍ତ ଝର ଝର ହୋଇ ବହି ଆସିଲା ।

ବ୍ଲଡ୍ ଆଙ୍କଲର, ଚପଳା ଓ ତାଙ୍କ ପଛରେ ଅନ୍ୟ ଦଶଜଣ ପୂର୍ବପରି ଉପରକୁ ଉଠିଗଲେ—ଯେମିତି କିଛି ହୋଇନି । ବ୍ଲଡ୍ ଅାଙ୍କଲର ଏକ୍ସରେ ଆଖିକୁ ଫାଙ୍କି ଦେଇ ହେଲାନି । ବାରଜଣ ଯାକ ପରେ ପରେ ଘରକୁ ପଶି ଯାଇ ମିଃ କୁମାରଙ୍କ ପଲଙ୍କ ଚାରିପଟେ ଘେରିଗଲେ । ମିଃ କୁମାର ଗାଢ଼ ନିଦ୍ରାରେ ଶୋଇଥାନ୍ତି ।

ଠିକ୍ ଏଇ ସମୟରେ ବାରଜଣଯାକ ଅମାନୁଷିକ ଚିତ୍କାର କରିଉଠିଲେ—ପିସ୍ତଲ୍ ଗୁଡ଼ାକ ପ୍ରତ୍ୟେକଙ୍କ ହାତରୁ ଛିଟିକି

ଯାଇ ଦୂରରେ ପଡ଼ିଲା । ପଲଙ୍କରୁ ଏକରକମ ସରୁ ତାର ଯାଇ ପ୍ରତ୍ୟେକଙ୍କୁ ସ୍ପର୍ଶ କରିଥିଲା । ସେ ତାର ଗୁଡ଼ାକରେ ସୁରଣ ଭୋଲ୍‌ଟର କରେଣ୍ଟ ବୋହୁଥିଲା ।

ମିଃ କୁମାର ଆଲ୍‌ମାରି ନିକଟରୁ ବାହାରି ଆସିଲେ । ପରେ ଗଗନବାବୁ ଓ ମିସ୍ ମାଧୁରୀ ଆସିଲେ—ସମସ୍ତଙ୍କ ହାତରେ ଦୁଇ ଦୁଇଟା ଅଟୋମେଟିକ୍ ରିଭଲ୍‌ଭର୍ । ହଲ୍ ଚଲ୍ ହେବାର ଉପାୟ ନ ଥିଲା । ଗଗନବାବୁ ସମସ୍ତଙ୍କୁ ହାତକଡ଼ି ପିନ୍ଧାଇ ଦେଲେ । କିଛି ସମୟ ପରେ ପୋଲିସ୍ ଲରି ଆସି ସମସ୍ତଙ୍କୁ ଥାନାକୁ ନେଇଗଲା ।

* * * *

ବିଚାରରେ ବ୍ଲଣ୍ଡ୍ ଆଲବରକୁ ଫାଶୀ—ଚପଳା ଓ ଅନ୍ୟମାନଙ୍କୁ ଦଶବର୍ଷ ଲେଖାଏଁ ସଶ୍ରମ କାରାଦଣ୍ଡ ଦିଆଗଲା । ସେମାନେ ସମସ୍ତେ ନିଜ ନିଜର ଦୋଷ ସ୍ୱୀକାର କରିଗଲେ । ମିଃ ବିଜୟ ଓ ସୁରେନ୍ ମିସ୍ ନିହାରବାଳାଙ୍କୁ ଉଦ୍ଧାର କରାଗଲା ଏବଂ ଅନେକ ନଗଦ ଟଙ୍କା ଓ ସୁନା, ରୁପା ଓ ବହୁମୂଲ୍ୟ ଅଳଙ୍କାର ଜବତ କରାଗଲା ।

କିଛିଦିନ ପରେ ମିଃ ବିଜୟ ମିସ୍ ମାଧୁରୀଙ୍କର ବିବାହ ଖୁବ୍ ଧୁମ୍‌ଧାମ୍‌ରେ ହୋଇଗଲା ।

ମାତ୍ର ଗୋଟିଏ ମାସ ଭିତରେ ଯେଉଁ ଦୁର୍ଦ୍ଦାନ୍ତ ଦସ୍ୟୁ ବ୍ଲଡ୍ ଆଲବର ସମସ୍ତ ବମ୍ବେ ନଗରୀକୁ ଥରାଇ ଦେଇଥିଲା, ତାର ଶେଷ ଯବନିକା ଏଇମିତି ଶୋଚନୀୟ ଭାବରେ ଟଣାଗଲା । ନିରନ୍ନ କାଙ୍ଗାଳମାନଙ୍କୁ ସାହାଯ୍ୟ କରିବାର ପ୍ରହସନ ଏଇମିତି ଲୋକଙ୍କର ଶ୍ରଦ୍ଧାଭାଜନ ହେବାକୁ ଯେଉଁ ବିଫଳ ପ୍ରୟାସ କରିଥିଲା—ତା' ମଧ୍ୟ ନିଷ୍ଫଳ ହେଲା ।

—ସମାପ୍ତ—

## ଲେଖକଙ୍କ ପରିଚୟ

ଉଦୀୟମାନ ଲେଖକ ଶ୍ରୀଯୁକ୍ତ ମଦନମୋହନ ସାହିତ୍ୟ ଜଗତରେ ନୂତନ ହେଲେହେଁ ଏହି ଜଗତରେ ସାଧନାର ସହିତ ଅଗ୍ରସର ହୋଇଛନ୍ତି । ଜନଗହଳି କଲିକତା ନଗରୀର ଏକ ନିର୍ଜନ ଶୀତଳ ମନ୍ଦିରରେ ସେ ଥାଇଁ ବାଣୀସେବା କରୁଛନ୍ତି । ପାଠକ ପାଠିକାମାନେ ତାଙ୍କ ଲେଖାକୁ ସାଦରେ ଗ୍ରହଣ କଲେ ତାଙ୍କ ଲେଖଣୀର ଉତ୍ସସ୍ରୋତର 'ରହସ୍ୟ ଉପନ୍ୟାସ' ବନ୍ୟାର ପ୍ଲାବନ ହେବ । ଇତି ।

—ପ୍ରକାଶକ—